

'କଲ୍କି ୨୮୯୮ ଏଡି ୨'ରେ ପ୍ରଭାସ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-190 ◆MONDAY ◆5 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୯୦ ◆ସୋମବାର ◆୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଗଙ୍ଗୋତ୍ରୀରେ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ | ବରଫ ପାଲଟିଲା ନଦୀ, ଝରଣା

■ ନୂଆଦିଲ୍ଲୀ,୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି ଜାରି ରହିଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶରେ ଉଚ୍ଚ ସ୍ଥାନମାନଙ୍କରେ ତାପମାତ୍ର ଶୂନ ଡିଗ୍ରୀଠାରୁ ତଳକୁ ଖସିଛି। ଉତ୍ତରାଖଣ୍ଡର ଉତ୍ତରକାଶୀର ଗଙ୍ଗୋତ୍ରୀ କ୍ଷେତ୍ରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀରେ ପହଞ୍ଚିଛି। ଫଳରେ ଭାଗୀରଥୀ ନଦୀରେ ଜଳ ବରଫରେ ପରିଣତ ହୋଇଛି। ଝରଣାଗୁଡ଼ିକ ମଧ୍ୟ ବରଫ ପାଲଟିଯାଇଛି। ୬ଟି ଜିଲ୍ଲାରେ କୋଲ୍ଡ ଡେ ଘୋଷଣା କରାଯାଇଛି।

ସେହିଭଳି ହିମାଚଳ ପ୍ରଦେଶରେ ୩ ଦିନ ଘନ କୁହୁଡି ଜାରି ରହିବ ବୋଲି ସତର୍କତା ଜାରି କରାଯାଇଛି। କୁକୁମସେରୀରେ ତାପମାତ୍ର ବିଯୁକ୍ତ ୬ ଡିଗ୍ରୀରେ ପହଞ୍ଚିଛି। ରାଜସ୍ଥାନର ୧୪ଟି ଜିଲ୍ଲାରେ ଘନ କୁହୁଡି ଆଚ୍ଛାଦିତ ହୋଇ ରହିଛି। ଏହି ରାଜ୍ୟର ୫ ଜିଲ୍ଲାରେ ଶୀତ ଲହରି ଓ ୯ ଜିଲ୍ଲାରେ ଘନ କୁହୁଡି ନେଇ ସତର୍କତା ଜାରି

### ଜାଡ଼ରେ ଜଡ଼ ଉତ୍ତରାଖଣ୍ଡ
### ରାଜସ୍ଥାନର ୧୪ ଜିଲ୍ଲାରେ କୁହୁଡ଼ି

କରାଯାଇଛି। ରାଜସ୍ଥାନର ପ୍ରସିଦ୍ଧ ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ଦ୍ୱିତୀୟ ଦିନରେ ପାରା ୦ ଡିଗ୍ରୀରେ ପହଞ୍ଚିଥିଲା। ମଧ୍ୟପ୍ରଦେଶର ଭୋପାଳରେ ଚଳିତ ଶୀତ ଋତୁରେ ପ୍ରଥମଥର ପାଇଁ ଦିନସାରା କୁହୁଡି ଛାଇ ହୋଇ ରହିଥିଲା। ୧୧ଟି ସହରର ତାପମାତ୍ରା ୨୦ ଡିଗ୍ରୀ ତଳେ ଥିଲା। ଆଗାମୀ ୧୫ ଦିନ ଶୀତ ଲହରି ଜାରି ରହିବା ନେଇ ସତର୍କତା ଜାରି କରାଯାଇଛି। ଉତ୍ତର ପ୍ରଦେଶରେ ୩ ଦିନ ଭିଷଣ ଥଣ୍ଡା ପଡିବ।

ଦିଲ୍ଲୀରେ ଆଜି ସକାଳେ ଘନ କୁହୁଡି ଛାଇ ହୋଇ ରହିଥିଲା। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବିମାନ ଉଡାଣ ବିଳମ୍ବିତ ହୋଇଥିଲା। ଉତ୍ତର ଭାରତରେ ଘନ କୁହୁଡି କାରଣରୁ କେତୋଟି ବିମାନବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ ହୋଇପାରେ ବୋଲି ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ସୂଚନା ଦେଇଛି। ବିମାନ ବନ୍ଦର ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।




## ନ୍ୟୁୟର୍କ ଜେଲ୍‌ରେ ନିକୋଲାସ୍

### ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ବିଶ୍ୱବ୍ୟାପୀ ବିରୋଧ
### ଉଦ୍‌ବେଗ ପ୍ରକାଶ କଲା ଭାରତ
### କଲମ୍ବିଆ, ମେକ୍ସିକୋ ଓ କ୍ୟୁବାକୁ ଟ୍ରମ୍ପଙ୍କ ଧମକ



■ ୱାସିଂଟନ, ୪।୧ (ଏଜେନ୍ସି): ଭେନେଜୁଏଲାରେ ଆମେରିକାର ଆକ୍ରମଣ ଏବଂ ସେଠାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଉଠାଇ ଆଣି ଜେଲରେ ରଖିବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆମେରିକାର ମିତ୍ର ୟୁରୋପୀୟ ରାଷ୍ଟ୍ର ନିରବତା ଅବଲମ୍ବନ କରିଥିବା ବେଳେ ଚୀନ, ରୁଷ, କୋରିଆ ସମେତ ଅନେକ ରାଷ୍ଟ୍ର ଏହାର ନିନ୍ଦା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ସେମାନେ ଗୁଣ୍ଡାଗର୍ଦି ବୋଲି କହିଛନ୍ତି। ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ଏହା ଏକ ଚିନ୍ତାର ବିଷୟ। ଆଲୋଚନା ଦ୍ୱାରା ସମାଧାନ ପାଇଁ ଭାରତ ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ଟ୍ରମ୍ପ ବିଶ୍ୱ ନେତାଙ୍କ ପ୍ରତିକ୍ରିୟାକୁ ଖାତିର ନକରି ତାଙ୍କର କାର୍ଯ୍ୟାନୁଷ୍ଠାନକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦରେ ମାତିଥିଲେ। ଏହା ଆମେରିକାବାସୀଙ୍କ ଜୀବନ ପ୍ରତି ଘୋର ବିପଦ ସୃଷ୍ଟି କରିଥିଲା। ଭେନେଜୁଏଲା ଭଳି ସେ କ୍ୟୁବା, ମେକ୍ସିକୋ ଏବଂ କଲମ୍ବିଆ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି।

### ହେଲ୍‌ସି ରୋଡ୍ରିଗ୍ସ ଭେନେଜୁଏଲାର ରାଷ୍ଟ୍ରପତି



ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଚେତାବନୀ ସତ୍ତ୍ୱେ ନିକୋଲାସ ଡ୍ରଗ୍ସ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ। ସେ ଭେନେଜୁଏଲା ।।ରେ ଡ୍ରଗ୍ସ ଉତ୍ପାଦନ କରିବା ସହିତ ଏହାକୁ ଆମେରିକା ପଠାଉଥିଲେ। ଏହା ଆମରିକା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ନିକୋଲାସ ସରକାର ପତନ ପରେ ଆମେରିକା ମର୍ଜିରେ ସେଠାରେ ଶାସନ ଚାଲିବ। ଭେନେଜୁଏଲାରେ ଗଚ୍ଛିତ ତେଲ ଭଣ୍ଡାରର ସଦୁପଯୋଗ କରାଯାଇ ସେହି ଦେଶର ବିକାଶ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହାସହିତ ସେ କ୍ୟୁବା, କଲମ୍ବିଆ ଏବଂ ମେକ୍ସିକୋକୁ ▶ପୃଷ୍ଠା-୭

### ଆନ୍ଧ୍ରର ବନ୍‌କାଚେର୍‌ଲା ପ୍ରକଳ୍ପ ବିରୋଧରେ ଲଢୁଛି ତେଲଙ୍ଗାନାର 'ସିଙ୍ଗଲ ଇଞ୍ଜିନ'

## ପୋଲାଭରମ୍ ପାଇଁ ନିରବ 'ଟ୍ରିପଲ୍ ଇଞ୍ଜିନ'

### ମାଲକାନଗିରିର ଜନଜାତିଙ୍କ ଜୀବନଜୀବିକା ପାଇଁ ପୋଲାଭରମ୍ ବିପଦ
### ଓଡ଼ିଶାର ବାରମ୍ବାର ଦାବି ସତ୍ତ୍ୱେ ହେଉନି ପଛୁଆ ଜଳ ପ୍ରଭାବର ସର୍ଭେ



■ ଭୁବନେଶ୍ୱର,୪।୧(ସମିସ): ଆନ୍ଧ୍ର ପ୍ରଦେଶ ସରକାରଙ୍କ ପୋଲାଭରମ-ବନକାଚେରଲା ପ୍ରକଳ୍ପ ନେଇ ତେଲଙ୍ଗାନା ସରକାର ଲଗାତାର ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଛନ୍ତି। ଏହି ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର ଜଳ ଅଧିକାର ଉପରେ ଏହା ଅତ୍ୟନ୍ତ କୁପ୍ରଭାବ ପକାଇବା ନେଇ ଆଶଙ୍କା କରି ତେଲଙ୍ଗାନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଗୁରୁତ୍ୱକୁ ଅନୁଭବ କରି ଆସନ୍ତାକାଲି ଅର୍ଥାତ୍ ସୋମବାର ଏହାର ଶୁଣାଣି କରିବେ। ପୂର୍ବରୁ ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ଆନ୍ଧ୍ର ସରକାର ଏହି ପ୍ରକଳ୍ପର ଡିପିଆର୍‌କୁ ବାତିଲ୍ କରିଥିଲେ। ଏବେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ହେବା ତେଲଙ୍ଗାନାର ନୈତିକ ବିଜୟ ବୋଲି କୁହାଯାଉଛି। ଅପରପକ୍ଷେ ପୋଲାଭରମ ପ୍ରକଳ୍ପ କାରଣରୁ ଓଡ଼ିଶା ସର୍ବାଧିକ ପ୍ରଭାବିତ ହେବାକୁ ଥିବା ବେଳେ ରାଜ୍ୟ ସରକାର ଏନେଇ ଅସମ୍ଭବ ନିରବତା ଅବଲମ୍ବନ କରିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି।

ଓଡ଼ିଆ ଅସ୍ମିତା ଓ ବିକାଶର ନାରା ଦେଇ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଥିବା କାରଣରୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଥିବା ମହାନଦୀ ଏବଂ ପୋଲାଭରମ୍ ସମସ୍ୟା ତୁଟିବା ନେଇ ଆଶା କରିଥିଲେ ରାଜ୍ୟବାସୀ। ମାତ୍ର ପୋଲାଭରମ ପ୍ରକଳ୍ପ ମାମଲାରେ ରାଜ୍ୟ ସରକାର କାହିଁକି ତୁନି ରହିଛନ୍ତି, ତାହାକୁ ନେଇ କାହା ପାଖରେ ଉତ୍ତର ନାହିଁ। ଗୋଟିଏ ପଟେ ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ରାଜ୍ୟସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପୋଲାଭରମ-ବନକାଚେରଲା ଲିଙ୍କ୍ ପ୍ରକଳ୍ପକୁ ଦୃଢ଼ ବିରୋଧ କରି ଆସୁଛନ୍ତି। ଏହି ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟର ଜଳସେଚନ ଏବଂ ପାନୀୟ ଜଳ ପ୍ରକଳ୍ପ ଉପରେ ପ୍ରଭାବ ପକାଇବ ବୋଲି ସ୍ଥାନୀୟ ସରକାର ଆଶଙ୍କା କରୁଛନ୍ତି। ସେଥିପାଇଁ ସବୁ ମହଲରେ ତେଲଙ୍ଗାନା ଏହି ୮୧ ହଜାର କୋଟି ଟଙ୍କାର ବୃହତ୍ ପ୍ରକଳ୍ପକୁ ବିରୋଧ କରି ଆସୁଛି। ତେଲଙ୍ଗାନାର ଦୃଢ଼ ବିରୋଧ କାରଣରୁ ନିକଟରେ ଆନ୍ଧ୍ର ପ୍ରଦେଶ ସରକାର ପ୍ରକଳ୍ପ ପାଇଁ ପ୍ରସ୍ତୁତ ଡିପିଆରକୁ ବାତିଲ କରିଛି। ଆସନ୍ତାକାଲି ସୁପ୍ରିମକୋର୍ଟରେ ମାମଲାର ଶୁଣାଣିରେ ତେଲଙ୍ଗାନା ନ୍ୟାୟ ପାଇବ ବୋଲି ▶ପୃଷ୍ଠା-୭

## ଓମ୍‌ସାର ୨ ଘଣ୍ଟିଆ ଓପିଡି ସେବା ବନ୍ଦ ଆଜିଠୁ


■ ଭୁବନେଶ୍ୱର,୪।୧(ସମିସ): ଆସନ୍ତାକାଲିଠାରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରିବ। ପୂର୍ବରୁ ଏନେଇ ଓମସା ଘୋଷଣା କରିଥିବା ବେଳେ ସୋମବାରଠାରୁ ଦିନ ୯ଟାରୁ ୧୧ଟା ଯାଏଁ ଓପିଡି ସେବା ବର୍ଜନ କରିବ ବୋଲି ସଂଘ ସୂତ୍ରରୁ ଜଣାପଡ଼ିଛି।

ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ନ୍ୟାଯ୍ୟ ଦାବି ପୂରଣ ପାଇଁ ସଂଘ ପ୍ରଥମେ କଳା ପୋଷାକ ପରିଧାନ କରିଥିଲା। ମାତ୍ର ସରକାର ଦାବି ନଶୁଣିବାରୁ ଆମେ ବାଧ୍ୟ ହୋଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ କରିଥିଲୁ। ମାତ୍ର ବୋଧହୁଏ, ଏହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନାହିଁ। ତେଣୁ ▶ପୃଷ୍ଠା-୭

### ୭ ମୁଣ୍ଡ ଗଡ଼ିବା ପରେ ଚେତିଲେ ସରକାର

## କଡ଼ାକଡ଼ି ହେଲା 'ଆମ ବସ୍' ଯାଞ୍ଚ

### ଗଠନ ହେଲା ଉଚ୍ଚସ୍ତରୀୟ କମିଟି



■ ଭୁବନେଶ୍ୱର, ୪।୧ (ସମିସ): ରାଜଧାନୀ ଭୁବନେଶ୍ୱର ସମେତ ଆଖପାଖ ଅଞ୍ଚଳରେ ଗତ ୧୧ ମାସ ମଧ୍ୟରେ 'ଆମ ବସ୍' ଶତାଧିକ ଦୁର୍ଘଟଣା ଘଟାଇବା ସହ ୭ ଜଣଙ୍କ ଜୀବନ ନେଇଛି। ଆମ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଓ ଦ୍ରୁତଗତିକୁ ବିରୋଧ କରି ବିଭିନ୍ନ ସମୟରେ ଜନଅସନ୍ତୋଷ ଉଗ୍ର ରୂପ ନେଇଛି। ଇତିମଧ୍ୟରେ ରାଜଧାନୀରେ 'ଆମ ବସ୍' ଦୁର୍ଘଟଣାରେ ଦୁଇ ଜଣଙ୍କ ଜୀବନ ଯିବା ପରେ ରାଜ୍ୟ ସରକାର ଚେତିଛନ୍ତି। 'ଆମ ବସ୍'ର ପରିବହନ ସେବା, ଯାତ୍ରୀଙ୍କ ସୁରକ୍ଷା ଏବଂ ପରିଚାଳନା ଉପରେ ରବିବାର ସରକାରୀସ୍ତରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆମ ବସ୍ ସେବାର ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଯାତ୍ରୀ ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେଇ ଗୃହ ଏବଂ ନଗର ଉନ୍ନୟନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ପରିବହନ ▶ପୃଷ୍ଠା-୭

## ୬ରୁ ପୁଣି ବଢ଼ିବ ଶୀତ



### ଆଉ ୩ଦିନ ଘନ କୁହୁଡ଼ି

■ ଭୁବନେଶ୍ୱର,୪।୧(ସମିସ): ରାଜ୍ୟକୁ ପୁଣି ଫେରିବ ଶୀତ। ୬ ତାରିଖରୁ ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବ। ଫଳରେ ଶୀତ ବଢ଼ିବ। ବର୍ତ୍ତମାନ ଓଡ଼ିଶା ଉପରେ ଏକ ପଶ୍ଚିମାଝଡ଼ର ପ୍ରଭାବ ରହିଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇଛି। ୩ ଦିନ ହେଲା ଶୀତର ପ୍ରକୋପ ସାମାନ୍ୟ ହ୍ରାସ ପାଇଛି। କିନ୍ତୁ ୬ ତାରିଖରୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ। ତାପମାତ୍ରା ୪-୫ ଡିଗ୍ରୀ ହ୍ରାସ ପାଇବ ଓ ପୁଣି ଶୀତ ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି। ପଡ଼ୋଶୀ ଝାଡ଼ଖଣ୍ଡରେ ତାପମାତ୍ରା ଖସିବା ସହ ସେଠାରେ ଶୀତ ଲହରୀ ଆରମ୍ଭ ହୋଇଛି। ▶ପୃଷ୍ଠା-୭






### ଅଶୁଭ ରବିବାର

## ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

### ଆନ୍ଧ୍ରରେ ବାଲେଶ୍ୱରର ୩ ମୃତ

■ ପାରଳାଖେମୁଣ୍ଡି,୪।୧(ସମିସ): ଗଜପତି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ସୋମପେଣ୍ଟ ମଣ୍ଡଳ ଅନ୍ତର୍ଗତ ବାରୁଆ ଛକ ନିକଟ ଜାତୀୟ ରାଜପଥରେ ଏକ ଭୟଙ୍କର ଦୁର୍ଘଟଣାରେ ୩ ଓଡ଼ିଆଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳି ନ ଥିବା ବେଳେ ସେମାନଙ୍କ ଘର ବାଲେଶ୍ୱର ଅଞ୍ଚଳର ବୋଲି କୁହାଯାଉଛି। ମୃତ ମହିଳାଙ୍କ ନାମ କନକଲତା(୩୨) ଏବଂ ଦୁଇ ପୁଅର ନାମ ଅଭି(୮) ଓ ଆଦିତ୍ୟ (୧) ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଦୁର୍ଘଟଣାରେ ମହିଳାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି।



ଦୁଇ ପୁଅଙ୍କ ସହ ମହିଳା ମୃତ, ସ୍ୱାମୀ ଗୁରୁତର

ସୂଚନାନୁଯାୟୀ, ମୃତ ମହିଳାଜଣଙ୍କ ସ୍ଥଳସେନାରେ ଜଣେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ବିଶାଖାପାଟଣାରେ କାର୍ଯ୍ୟରତ ଥିଲେ। ସ୍ୱାମୀ ଓ ଦୁଇ ପୁଅଙ୍କ ସହ ▶ପୃଷ୍ଠା-୭

### ଗାଡ଼ି ଧକ୍କାରେ ଚାଲିଗଲେ ଦୁଇ ସାଙ୍ଗ

■ ବଅଁରପାଳ,୪।୧(ସମିସ): ବଅଁରପାଳ ଥାନା ବଉଳିଗଡ଼ ଆମନା ନିକଟରେ ରବିବାର ସନ୍ଧ୍ୟାରେ ଅଜଣା ଗାଡ଼ି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସେମାନେ ହେଲେ କଲଣ୍ଡା ଗାଁର ଶାନ୍ତନୁ ବେହେରା (୩୮) ଓ ଆମନା ଗାଁର ଅନିଲ ପ୍ରଧାନ (୩୨)। ଶାନ୍ତନୁ ଓ ଅନିଲ ତାଳଚେର ଅଞ୍ଚଳରେ ଗାଡ଼ି ଚାଳକ ଭାବରେ କାମ କରୁଥିଲେ। ରବିବାର ସନ୍ଧ୍ୟାରେ କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ▶ପୃଷ୍ଠା-୭

### ଅଧାରେ ରହିଗଲା ବାହାଘର କାର୍ଡବଣ୍ଟା

### କକା-ପୁତୁରାଙ୍କ ସମେତ ୫ମୃତ

■ ଡୁଙ୍ଗୁରିପାଲି/ସମ୍ବଲପୁର, ୪।୧(ସମିସ): ଅଧା ରହିଗଲା ବାହାଘରକାର୍ଡ ବଣ୍ଟା। ଦୁର୍ଘଟଣାରେ ଚାଲିଗଲା ପାଞ୍ଚ ଜଣଙ୍କ ଜୀବନ। ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଆଜି ଏହି ଅଘଟଣ ଘଟିଛି। ସୁବର୍ଣ୍ଣପୁରରେ ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ କକା-ପୁତୁରାଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ସୁନାପାଲି ଅଞ୍ଚଳର ୩ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବିନିକା ଥାନା ଅନ୍ତର୍ଗତ ଚରଦା ଗ୍ରାମର ଭଜନ ବାଗ (୩୨) ଓ ତାଙ୍କ ପୁତୁରା ପାର୍ଥ ବାଗ(୧୪) ଏବଂ ଧନୁପାଲି ଥାନା ସୁନାପାଲି ଅଞ୍ଚଳର ଏମଡି ୱାସିଫ, ଏମଡି ଜିଆଉଲ ଓ ଏମଡି ସିଫାନ।



▶ପୃଷ୍ଠା-୭

## ଇରାନର ୩୦ ସହରରେ ଆନ୍ଦୋଳନ; ଗୁଳିରେ ୪ ମୃତ

ତେହେରାନ,୪ ।୧(ଏଜେନ୍ସି): ଦରଦାମ ବୃଦ୍ଧି ବିରୋଧରେ ଇରାନର ୩୦ ରାଜ୍ୟରେ ଚାଲିଥିବା ଆନ୍ଦୋଳନ କ୍ରମାଗତ ୭ମ ଦିନରେ ପହଞ୍ଚିଛି । ପଶ୍ଚିମ ଇରାନରେ ଶନିବାର ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଠାରେ ପୁଲିସ ଗୁଳିରେ ୪ଜଣ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଇଲାମ ରାଜ୍ୟର ମାଲେକଶାହି ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ଥାନାରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ । ଏହାକୁ ଅଟକାଇବା ପାଇଁ ଇରାନ ରିଭୋଲ୍ୟୁସନାରୀ ଗାର୍ଡ ଗୁଳି ଚଳାଇଥିଲା । ଏଥିରେ ଇରାନର କୁର୍ଦ୍ଦିଶ ସମ୍ପ୍ରଦାୟର ୪ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହି ସଂଘର୍ଷରେ ଜଣେ ପୁଲିସ କର୍ମଚାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଇରାନ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି ।

## କର୍ଣ୍ଣାଟକରେ ୧୩ ବର୍ଷର ନାବାଳିକାଙ୍କୁ ଗଣଦୁଷ୍କର୍ମ

ବେଙ୍ଗାଲୁରୁ,୪ ।୧(ଏଜେନ୍ସି): କର୍ଣ୍ଣାଟକ ହୁବଲିରେ ଜଣେ ୧୩ ବର୍ଷୀୟ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି । ୩ ଅଭିଯୁକ୍ତ ମଧ୍ୟ ନାବାଳକ । ସେମାନେ ପୀଡିତାଙ୍କ ଘର ପାଖରେ ରୁହନ୍ତି । ଝିଅର ବାପା ଓ ମା ବାହାରେ ଥିବା ସମୟରେ ସେମାନେ ଏହି କାଣ୍ଡ ଘଟାଇଥିଲେ । ସେମାନ ପୀଡିତାଙ୍କୁ ଏକ ନିର୍ଜନ ଅଞ୍ଚଳକୁ ନେଇଯାଇ ଦୁଷ୍କର୍ମ କରି ଭିଡିଓ ରେକର୍ଡ କରିଥିଲେ । ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ବରୋଧରେ ପୋକ୍ସୋ ଆଇନ୍ ଅନୁଯାୟୀ ମାମଲା ରୁଜୁ କରିଛି । ପୁଲିସର ସୂଚନା ଅନୁଯାୟୀ ଅଭିଯୁକ୍ତମାନଙ୍କ ମଧ୍ୟରୁ ଦୁଇଜଣ ହାଇସ୍କୁଲ ଛାତ୍ର । ଅନ୍ୟ ଜଣେ ପାଠପଢ଼ା ଛାଡ଼ି ସାରିଛନ୍ତି ।

## ୬ ବର୍ଷର ଶିଶୁକୁ ଗଣଦୁଷ୍କର୍ମ ପରେ ହତ୍ୟା

ଲକ୍ଷ୍ନୌ,୪।୧ (ଏଜେନ୍ସି):ଉତ୍ତରପ୍ରଦେଶ ବୁଲନ୍ଦସହରରେ ୬ ବର୍ଷର ଶିଶୁକନ୍ୟାକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ଅଭିଯୁକ୍ତମାନେ ନିଜର ପରିଚୟକୁ ଲୁଚାଇବା ପାଇଁ ଏହି ଝିଅକୁ ଛାତ ଉପରୁ ତଳକୁ ପକାଇ ମାରିଛନ୍ତି । ଗତ ଶୁକ୍ରବାର ଏହି ଘଟଣା ଘଟିଥିଲା । ନାବାଳିକା ଗୁରୁତର ଆହତ ହୋଇଥିବା ପୁଲିସକୁ ସୂଚନା ମିଳିଥିଲା । ତାଙ୍କୁ ତୁରନ୍ତ ସିକନ୍ଦରାବାଦ୍‌ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ । ଦେଶରେ ଏଭଳି ଜଘନ୍ୟ କାଣ୍ଡ କ୍ରମାଗତ ଭାବେ ଘଟିଚାଲୁଥିବାବେଳେ ଅପରାଧିଙ୍କୁ କଠୋର ଦଣ୍ଡ ମିଳିପାରୁ ନାହିଁ । ଏଥିପାଇଁ ଅପରାଧ ବଢ଼ି ଚାଲିଛି ବୋଲି କୁହାଯାଉଛି ।

## ବାଂଲାଦେଶରେ ହିନ୍ଦୁ ନେତାଙ୍କ ପ୍ରାର୍ଥିପତ୍ର ନାକଚ

ଢାକା,୪ ।୧(ଏଜେନ୍ସି): ବାଂଲାଦେଶରେ ଜଣେ ହିନ୍ଦୁ ନେତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଇଛି । ଗୋବିନ୍ଦ ଚନ୍ଦ୍ର ପ୍ରମାଣିକ ଗୋପାଳଗଞ୍ଜ-୩ ଆସନ ପାଇଁ ନାମାଙ୍କନ ଦାଖଲ କରିଥିଲେ । କିନ୍ତୁ ରିଟର୍ଣ୍ଣି ଅଧିକାରୀ ଏହାକୁ ରଦ୍ଦ କରି ଦେଇଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ଗୋପାଳଗଞ୍ଜ-୩ରେ ସାଂସଦ ଥିଲେ । ଏଠାରେ ୫୦ ପ୍ରତିଶତରଅଧିକ ହିନ୍ଦୁ ଭୋଟର ରହିଛନ୍ତି । ଏହି ଆସନରୁ ଓକିଲ ଗୋବିନ୍ଦ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ । ସେ ବାଂଲାଦେଶ ଜାତୀୟ ହିନ୍ଦୁ ମହାଜୋତ (ବିଜେଏଚ୍‌ଏମ୍) ସଂଗଠନର ମହାସଚିବ ଅଛନ୍ତି । ଏହା ଆରଏସ୍‌ଏସ୍ ସହ ଜଡିତ । ନାମାଙ୍କନ ପତ୍ର ଫେରାଯିବା ନେଇ ଗୋବିନ୍ଦ ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)କୁ ଦାୟୀ କରିଛନ୍ତି । ବିଏନ୍‌ପି ଚାପରେ ପ୍ରାର୍ଥୀ କରିବାକୁ ସମ୍ମତି ଦେଇଥିବା ଭୋଟର ମାନେ ଯାଇ ଅଭିଯୋଗ କରିବାରୁ ପ୍ରାର୍ଥିପତ୍ର ନାକଚ କରିଦିଆଗଲା ବୋଲି ଗୋବିନ୍ଦ କହିଛନ୍ତି ।

## ଏୟାର ଇଣ୍ଡିଆ ବିମାନରୁ ଇନ୍ଧନ ଲିକ୍

ଜୟପୁର,୪ ।୧(ଏଜେନ୍ସି): ରାଜସ୍ଥାନର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶନିବାର ଏକ ବଡ଼ ବିମାନ ଦୁର୍ଘଟଣା ଟଳି ଯାଇଛି । ଏୟାର ଇଣ୍ଡିଆ ବିମାନ ଏଆଇ-୬୨୨ରେ ଇନ୍ଧନ ଲିକ୍ ହେବାରୁ ଉଡ଼ାଣକୁ ରୋକି ଦିଆଯାଇଥିଲା । ଏହି ବିମାନ ସନ୍ଧ୍ୟା ୭.୫୫ରେ ମୁମ୍ବାଇକୁ ଉଡାଣ ଭରିବାର କାର୍ଯ୍ୟକ୍ରମ ଥିଲା । ଇନ୍ଧନ ଲିକ୍ ହେବା କାରଣରୁ ବୈଷୟିକ ପ୍ରଣାଳୀରେ ତ୍ରୁଟି ଥିବାର ଚେତାବନୀ ମିଳିଥିଲା । ଏହାପରେ ପାଇଲଟ ଓ ଗ୍ରାଉଣ୍ଡ ଷ୍ଟାଫ୍ ତୁରନ୍ତ ଟେକ୍‌ଅଫ୍‌କୁ ରୋକି ଦେଇଥିଲେ । ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଥିଲା । ୩ ଘଣ୍ଟା ୪୦ ମିନିଟ୍ ପରେ ଅର୍ଥାତ ରାତି ୧୧.୩୫ରେ ଦ୍ୱିତୀୟ ବିମାନରେ ଯାତ୍ରୀଙ୍କୁ ମୁମ୍ବାଇ ପଠାଯାଇଥିଲା ।

## ନାଇଜେରିଆରେ ବନ୍ଧୁକଧାରୀଙ୍କ ଆକ୍ରମଣରେ ୩୦ ମୃତ

ଅବୁଜା,୪ ।୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆର ଉତ୍ତର ଭାଗରେ ଥିବା ନାଇଜର ରାଜ୍ୟର ଏକ ଗାଁ ଉପରେ ବନ୍ଧୁକଧାରୀମାନେ ଏକ ଗାଁ ଉପରେ ଆକ୍ରମଣ କରିଛନ୍ତି । ଏଥିରେ ଅତିକମ୍‌ରେ ୩୦ଜଣ ଲୋକ ପ୍ରାଣ ହରାଇଛନ୍ତି । କେତେକ ଗ୍ରାମବାସୀଙ୍କୁ ଆକ୍ରମଣକାରୀମାନେ ଅପହରଣ କରି ନେଇଯାଇଛନ୍ତି ବୋଲି ସ୍ଥାନୀୟ ପୁଲିସ ସୂଚନା ଦେଇଛି । ଏହି ରାଜ୍ୟ ଦୀର୍ଘବର୍ଷ ଧରି ହତ୍ୟା, ଅପହରଣ ଓ ଅସୁରକ୍ଷା ସମସ୍ୟା ଦେଇ ଗତି କରିଆସୁଛି । କସୁବାନ-ଦାଜୀ ଗାଁରେ ଶନିବାର ସନ୍ଧ୍ୟାରେ ହିଁ ଏହି ଆକ୍ରମଣ ହୋଇଥିଲା । ଆକ୍ରମଣକାରୀମାନେ ଅଚାନକ ଗାଁରେ ପଶି ଆଖିବୁଜା ଗୁଳି ଚଳାଇଥିଲେ ଓ ଗାଁର ବଜାର ଓ କେତୋଟି ଘରେ ନିଆଁ ଲଗାଇ ଦେଇଥିଲେ ।

## ରାସନ କାର୍ଡଧାରୀଙ୍କୁ ୩ ହଜାର ଟଙ୍କା ଦେବେ ତାମିଲନାଡୁ ସରକାର

ଚେନ୍ନାଇ,୪ ।୧(ଏଜେନ୍ସି): ତାମିଲନାଡୁ ସରକାର ଗଣପର୍ବ ପୋଙ୍ଗାଲ ପୂର୍ବରୁ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ରବିବାର ରାଜ୍ୟର ସବୁ ରାସନ କାର୍ଡଧାରୀଙ୍କୁ ଏକ ପୋଙ୍ଗାଲ ସେଟ୍ ସହ ନଗଦ ୩ ହଜାର ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ଶରଣାର୍ଥୀ ଶିବିରରେ ରହୁଥିବା ସିଂହଳୀ ତାମିଲମାନେ ମଧ୍ୟ ଏହା ଦ୍ୱାରା ଲାଭବାନ ହେବେ । ରାଜ୍ୟବାସୀ ପୋଙ୍ଗାଲକୁ ଆନନ୍ଦ ଉଲ୍ଲାସର ପାଳନ କରିବା ପାଇଁ ସରକାର ସମସ୍ତ ଯୋଗ୍ୟ ପରିବାରକୁ ପୋଙ୍ଗାଲ ସେଟ୍ ଉପହାର ସ୍ୱରୂପ ପ୍ରଦାନ କରିବେ । ପୋଙ୍ଗାଲ ସେଟ୍‌ରେ ୧ କେଜି ଚାଉଳ, ୧ କେଜି ଚିନି, ଆଖୁବାଡ଼ି ରହିବ । ଏହି ଯୋଜନାରେ ୨୨,୨୯,୧୭୧୦ ପରିବାର ଉପକୃତ ହେବେ । ପୋଙ୍ଗାଲ ଉପହାର ସେଟ୍ ସହ ୩ ହଜାର ଟଙ୍କା ନଗଦ ସହାୟତା ପାଇଁ ରାଜ୍ୟ ସରକାର ମୋଟ୍ ୬,୯୩୬ କୋଟି ଟଙ୍କା ଖର୍ଚ୍ଚ କରିବେ ।

### ଭେନେଜୁଏଲା ଆକ୍ରମଣକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା

# ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ଟ୍ରମ୍ପ୍

ନୂଆଦିଲ୍ଲୀ, ୪।୧ (ଏଜେନ୍ସି): ଭେନେଜୁଏଲାର ତୈଳ ଭଣ୍ଡାର ଉପରେ ଆମେରିକାର ଲୋଲୁପ ଦୃଷ୍ଟି ପଡ଼ିଛି । ଏହାକୁ ହାତେଇବା ପାଇଁ ୱାସିଂଟନ ଦୀର୍ଘ ବର୍ଷ ହେଲା ଚକ୍ରାନ୍ତ କରିଆସିଛି । ବିଭିନ୍ନ ଆର୍ଥିକ କଟକଣା ଲଗାଇ ସର୍ବସ୍ୱାନ୍ତ କରିବା ପରି ଶୁକ୍ରବାର ମଧ୍ୟରାତ୍ରିରେ ଭେନେଜୁଏଲା ଉପରେ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ବନ୍ଦୀ କରିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି ବୋଲି ଉତ୍ତର କୋରିଆ ପକ୍ଷରୁ କୁହାଯାଇଛି । ଆମେରିକାର ଏହି ନିନ୍ଦନୀୟ କାର୍ଯ୍ୟକଳାପ ଯେକୌଣସି ଦେଶର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ଉପରେ ହୋଇଥିବା ସବୁଠାରୁ ଗମ୍ଭୀର ଆକ୍ରମଣ ବୋଲି ଉତ୍ତର କୋରିଆ ବୈଦେଶିକ ମନ୍ତ୍ରାଳୟ କହିଛି ।

ଏହା ମଧ୍ୟରେ ଭେନେଜୁଏଲା ଆକ୍ରମଣର ଦିନକ ପରେ ଭାରତ ମୁହଁ ଖୋଲିଛି ।

- ଶାନ୍ତି ଓ ଆଲୋଚନାର ମାର୍ଗ ଆପଣାଇବା ପାଇଁ ଉଭୟ ପକ୍ଷଙ୍କୁ ଭାରତର ନିବେଦନ
- ତୁରନ୍ତ ମାଦୁରୋଙ୍କ ମୁକ୍ତି ଦାବି କଲା ଚୀନ୍
- ଭେନେଜୁଏଲାକୁ ସମର୍ଥନ ଦେଲା ଉତ୍ତର କୋରିଆ

ଉଭୟଙ୍କୁ ନ୍ୟୁୟର୍କ ନିଆଯାଇଛି । କ୍ଷମତା ବଳରେ କର୍ତ୍ତୃତ୍ୱ ଜାହିରରେ ଅପକୀର୍ତ୍ତି ଅର୍ଜନ କରିଥିବା ଆମେରିକାର ଏଭଳି ଆକ୍ରମଣକୁ ସାରା ବିଶ୍ୱ ନିନ୍ଦା କରୁଥିବାବେଳେ ଭେନେଜୁଏଲା ଘଟଣାକ୍ରମ ଉପରେ ଭାରତ ପକ୍ଷରୁ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି । ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ରବିବାର କୁହାଯାଇଛି ଯେ ଭେନେଜୁଏଲାର ପରିବର୍ତ୍ତିତ ସ୍ଥିତି ଉପରେ ସରକାର ନଜର ରଖିଛନ୍ତି । ସେଠାକାର ଲୋକଙ୍କ ସୁରକ୍ଷା ଏବଂ ମଙ୍ଗଳକୁ ଭାରତର ସମର୍ଥନ ଦେଉଛି । ଏହା ସହିତ ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନିମନ୍ତେ ଆଲୋଚନାର ମାର୍ଗ ଆପଣାଇବାକୁ ସବୁ ପକ୍ଷଙ୍କୁ ଅନୁରୋଧ କରାଯାଇଛି ।



ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କାରାକସ ସ୍ଥିତ ଭାରତୀୟ ଦୂତାବାସ ଏବଂ ନାଗରିକଙ୍କ ସହ ଯୋଗାଯୋଗ କରାଯାଇଛି । ଆବଶ୍ୟକ ପଡ଼ିଲେ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ । ଏହା ପୂର୍ବରୁ ଜରୁରୀ ନ ଥିଲେ ଭେନେଜୁଏଲା ଗସ୍ତରେ ନ ଯିବା ପାଇଁ ଭାରତୀୟଙ୍କୁ ବିଦେଶ ମନ୍ତ୍ରାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଏଥିପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରାଯାଇଥିଲା । କୌଣସି କାରଣ ପାଇଁ ଭେନେଜୁଏଲାରେ ଥିବା ନାଗରିକଙ୍କୁ ସତର୍କ ରହି ନିଜ କାର୍ଯ୍ୟକଳାପକୁ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଥିଲା ।

ଅନ୍ୟପଟେ ଆମେରିକା ଭେନେଜୁଏଲାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେଠାକାର ଉପ-ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିଛି । ସେ ମାଦୁରୋଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରିଛନ୍ତି । ଡେଲସି କହିଛନ୍ତି ଯେ ମାଦୁରୋ ଦେଶର ବୈଧ ଏବଂ ଏକମାତ୍ର ରାଷ୍ଟ୍ରପତି । ତାଙ୍କୁ ଜୋର ଜବରଦସ୍ତି ଉଠାଇ ନେବା ସମ୍ପୂର୍ଣ୍ଣ ଭୁଲ୍ । ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ବୈଠକରେ ସେ ଏହି ଟିପ୍ପଣୀ ଦେଇଥିଲେ । ଏହା ମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ଏବଂ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବାକୁ ଚୀନ୍ ଦାବି କରିଛି । ଚୀନ୍ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କୁ ଏଭଳି ଭାବେ ଦେଶରୁ ନେଇଯିବା ସମ୍ପୂର୍ଣ୍ଣ ଅନୁଚିତ ।

## ଜାପାନ ସାଗରରେ ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ଼

ଟୋକିଓ,୪ ।୧(ଏଜେନ୍ସି): ଉତ୍ତର କୋରିଆ ରବିବାର ଜାପାନର ଅଞ୍ଚଳରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି । ଜାପାନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏ ନେଇ ସତର୍କତା ଜାରି କରିଛି । ଅତିକମ୍‌ରେ ଉତ୍ତର କୋରିଆ ଦୁଇଟି ମିସାଇଲ ମାଡ଼ କରିଛି ବୋଲି ଜାପାନ ଗଣମାଧ୍ୟମ ତରଫରୁ କୁହାଯାଇଛି । ଏହି ଦୁଇଟି ମିସାଇଲ ଜାପାର ବିଶେଷ ଆର୍ଥିକ କ୍ଷେତ୍ର (ଇଇଜେଡ୍) ବାହାରେ ପଡିଛି । ଏହି ବିଶେଷ ଆର୍ଥିକ କ୍ଷେତ୍ର ଜାପାନ ଉପକୂଳରୁ ୨୦୦ ନଟିକାଲ ମାଇଲ୍ ଅର୍ଥାତ ୩୭୦ କିମି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ମିସାଇଲ ଜାପାନ ସାଗରେରେ ହିଁ ପଡିଛି । ଉତ୍ତର କୋରିଆ ବାରମ୍ବାର ଏପରି ବାଲାଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିବା ଘଟଣା ଚିନ୍ତା ସୃଷ୍ଟି କରିଛି ବୋଲି ଜାପାନ କହିଛି । ଏହି ମିସାଇଲ ପାଖାପାଖି ୯୫୦ କିମି ଦୂର ଅତିକ୍ରମ କରିଛି । ଏହାର ଅର୍ଥ ହେଉଛି ଦକ୍ଷିଣ ଜାପାନର ଏକ ବଡ଼ ଅଂଶ ଉତ୍ତରକୋରିଆର କ୍ଷେପଣାସ୍ତ୍ର ପରିସରରେ ରହୁଛି । ଏହି ପରିସରରେ ଆମେରିକା ଓ ଜାପାନର ପ୍ରମୁଖ ସାମରିକ ଘାଟି, ଆତ୍ମରକ୍ଷା ବାହିନୀ ରହୁଛି । ଏହି ଦୁଇଟି ମିସାଇଲ ୫୦,୦୦୦ ମିଟର ଉଚ୍ଚରେ ଓ ଯଥାକ୍ରମେ ୫୬୦ ମାଇଲ୍ ଓ ୫୯୦ ମାଇଲ ଅତିକ୍ରମ କରିଥିଲା ବୋଲି ଜାପାନ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ଉତ୍ତର କୋରିଆର ପରମାଣୁ ଓ କ୍ଷେପଣାସ୍ତ୍ର ବିକାଶ କର୍ଯ୍ୟକ୍ରମ ଜାପାନ ସମେତ ଅନ୍ତର୍ଜାତୀୟ ଶାନ୍ତି ଓ ସ୍ଥିରତାକୁ ବପଦରେ ପକାଇଛି ଓ ଏହା ଅସହ୍ୟ ହୋଇପଡିଛି ବୋଲି ଜାପାନର ପ୍ରତିରକ୍ଷା ମନ୍ତ୍ରୀ ସିଞ୍ଜିରୋ କୋଇଜୁମି କହିଛନ୍ତି ।

## ଟ୍ରମ୍ପଙ୍କ ଭଳି ମୋଦୀ ପାକିସ୍ତାନରୁ ଆତଙ୍କବାଦୀଙ୍କୁ ଉଠାଇ ଆଣନ୍ତୁ: ଓୱେସୀ

ମୁମ୍ବଇ,୪ ।୧(ଏଜେନ୍ସି): ଏଆଇଏମ୍‌ଆଇଏମ୍ ପାର୍ଟି ମୁଖ୍ୟ ଅସଦୁଦ୍ଦିନ ଓୱେସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ନୂଆ ଚ୍ୟାଲେଞ୍ଜ ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୈନ୍ୟ ପଠାଇ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଉଠାଇ ଆଣିବାରେ ସକ୍ଷମ ହୋଇଛନ୍ତି । ଭାରତ ମଧ୍ୟ ଏଭଳି କରିବା ଉଚିତ ବୋଲି ସେ କହିଛନ୍ତି । ୨୬/୧୧ ମୁମ୍ବଇ ଆକ୍ରମଣ କରିଥିବା ମସୁଦ ଆଝାର କିମ୍ବା ଲସ୍କର-ଇ-ତୋଇବା (ଏଲଇଟି)ର ଆତଙ୍କବାଦୀଙ୍କୁ ଭାରତ ଉଠାଇ ଆଣି ନିଜ ପ୍ରଧାନମନ୍ତ୍ରୀ ମୋଦୀ ନିଜ ୫୬ ଇଞ୍ଚ୍ ଚଉଡ଼ା ଛାତିର ପ୍ରମାଣ ଦିଅନ୍ତୁ । ଯଦି ଟ୍ରମ୍ପ ଏପରି କରିପାରୁଛନ୍ତି ତାହେଲେ ମୋଦୀ କାହିଁକି କରିପାରିବେ ନାହିଁ । ଯଦି ଟ୍ରମ୍ପ କରିପାରୁଛନ୍ତି, ତେବେ ମୋଦୀଙ୍କୁ ବି ଏପରି କରିବାକୁ ହେବ । କାରଣ ଏକଦା ମୋଦୀ କହିଥିଲେ ଯେ, 'ଅବକି ବାର ଟ୍ରମ୍ପ ସରକାର' । ମୁମ୍ବଇରେ ଏକ ନିର୍ବାଚନ ସଭାକୁ ସମ୍ବୋଧିତ କରି ଓୱେସୀ ଏହି କଥା କହିଛନ୍ତି । ଉଲ୍ଲେଖଥାଉ କି, ଜାନୁଆରୀ ୨ ରାତିରେ ଆମେରିକୀୟ ସୈନ୍ୟମାନେ ଭେନେଜୁଏଲା ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିୟା ଫ୍ଲୋରେସଙ୍କୁ ବନ୍ଦୀ କରିଥିଲେ । ଏଥିସହ ଆମେରିକା ତୃତୀୟଥର ପାଇଁ କୌଣସି ରାଷ୍ଟ୍ରପତି କିମ୍ବା ଏକଛତ୍ରବାଦୀ ଶାସକଙ୍କୁ ବନ୍ଦୀ କରିଛି । ଏହାପୂର୍ବରୁ ଆମେରିକା ୨୦୦୩ରେ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଓ ୧୯୮୯ରେ ମଧ୍ୟ ଆମେରିକୀୟ ଦେଶ ପାନାମାର ଏକଛତ୍ରବାଦୀ ଶାସକ ମାନୁଏଲ ନାରିଏଗାଙ୍କ କ୍ଷମତାଚ୍ୟୁତ କରି ବନ୍ଦୀ କରିଥିଲା ।

## ରାମ୍ ରହିମ୍‌ଙ୍କୁ ପୁଣି ପାରୋଲ୍‌ରେ ଛାଡ଼ିଲେ ହରିୟାଣା ସରକାର

ଚଣ୍ଡିଗଡ଼, ୪।୧ (ଏଜେନ୍ସି): ପାରୋଲ ବାବା ଭାବେ ପରିଚିତ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାର ପୁଣି ସଦୟ ହୋଇଛନ୍ତି । ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡ ପାଇ ସୁନରିଆ ଜେଲ୍‌ରେ ଥିବା ରାମ ରହିମଙ୍କୁ ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି । ଏହା ପୂର୍ବରୁ ଗତ ବର୍ଷ ଅଗଷ୍ଟରେ ସେ ୪୦ ଦିନ ପାଇଁ ପାରୋଲରେ ବାହାରକୁ ଆସିଥିଲେ । ସୂଚନାଯୋଗ୍ୟ ଯେ ୧୬ ବର୍ଷ ତଳର ସାମ୍ବାଦିକ ହତ୍ୟା ମାମଲାରେ ରାମ ରହିମଙ୍କ ସମେତ ତିନି ଜଣଙ୍କୁ କୋର୍ଟ ୨୦୧୯ ରେ ଦୋଷୀ ସାବ୍ୟସ୍ତ କରିଥିଲେ । ପାରୋଲ ବ୍ୟତୀତ ଗତ ବର୍ଷ ଏପ୍ରିଲରେ ତାଙ୍କୁ ୨୧ ଦିନର ଫାରୋଲ ମିଳିଥିଲା । ଫେବୃଆରୀ ୫ରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସରକାର ତାଙ୍କୁ ଏହି ଅନୁକମ୍ପା ଦେଖାଇ ଥିଲେ । ସେହିପରି ୨୦୨୪ ଅକ୍ଟୋବର ୧ରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସେ ୨୦ ଦିନିଆ ପାରୋଲରେ ବାହାରକୁ ଆସିଥିଲେ ।

୨୦୨୪ ଅଗଷ୍ଟରେ ୨୧ ଦିନ ପାଇଁ, ୨୦୨୨ ଫେବୃଆରୀ ୭ରେ ତିନି ସପ୍ତାହ ନିମନ୍ତେ ରାମ ରହିମ ପାରୋଲରେ ବାହାରି ଥିଲେ । ସେ ସମୟରେ ପଞ୍ଜାବ ବିଧାନସଭା ପାଇଁ ପ୍ରସ୍ତୁତି ଚାଲିଥିଲା । ୨୦୧୭ରେ ଦୋଷୀ ସାବ୍ୟସ୍ତ ହେବା ପରଠାରୁ ଏ ପର୍ଯ୍ୟନ୍ତ ରାମ ରହିମ ୧୪ ଥର ଜେଲ୍‌ରୁ ବାହାରକୁ ବାହାରିଲେଣି । ବିଶେଷ କରି ପଞ୍ଜାବ, ହରିୟାଣା, ଦିଲ୍ଲୀ ଆଦିର ନିର୍ବାଚନ ସମୟରେ ତାଙ୍କୁ ସରକାର ଏଭଳି ପାରୋଲ ଦେଇ ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି । ସାଧାରଣ କଏଦୀଙ୍କୁ ଗୋଟିଏ ଦିନ ପାରୋଲ ମିଳିବା କଷ୍ଟ ହେଉଥିବାବେଳେ ରାମ ରହିମଙ୍କୁ ଏଭଳି ଅନୁକମ୍ପା ଦେଖାଉ ଥିବାରୁ ହରିୟାଣାର ବିଜେପି ସରକାରଙ୍କୁ ବିରୋଧୀ ତୀବ୍ର ସମାଲୋଚନା କରୁଛନ୍ତି । ଜେଲ୍‌ରୁ ବାହାରିବା ପରେ ରାମ ରହିମ ୧୩ ଥର ଉତ୍ତର ପ୍ରଦେଶର ବାଗପତ ସ୍ଥିତ ଡେରା ଆଶ୍ରମକୁ ଯାଇଛନ୍ତି ।

## ନିର୍ଭୀକ ସାମ୍ବାଦିକତା ବିନା କୌଣସି ଦେଶ ଆଗକୁ ବଢ଼ିପାରିବ ନାହିଁ: ଉପରାଷ୍ଟ୍ରପତି




ନୂଆଦିଲ୍ଲୀ,୪ ।୧(ଏଜେନ୍ସି): ଗଣମାଧ୍ୟମର ସ୍ୱାଧୀନତା ତଥା ନିର୍ଭୀକ ସମ୍ବାଦିକତା ଓ ଗଭୀର ସାହିତ୍ୟ ବିନା କୌଣସି ଦେଶ ଉନ୍ନତି ପଥରେ ଅଗ୍ରସର ହୋଇପାରିବ ନାହିଁ ବୋଲି ଚେନ୍ନାଇରେ ଆୟୋଜିତ 'ରାମନାଥ ଗୋଏଙ୍କା ସାହିତ୍ୟ ସମ୍ମାନ (ଆରଏନ୍‌ଜିଏସ୍‌ଏସ୍)'ର ତୃତୀୟ ସଂସ୍କରଣରେ ଯୋଗ ଦେଇ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ କହିଛନ୍ତି । ଅଭିବ୍ୟକ୍ତିର ସ୍ୱାଧୀନତା ଭାରତୀୟ ଗଣତନ୍ତ୍ରର ମୂଳଦୁଆ । କିମ୍ବଦନ୍ତୀ ଲେଖକ ଚନ୍ଦ୍ରଶେଖରା କମ୍ବାରାଙ୍କୁ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସେ ଭାରତୀୟ ମୁଦ୍ରିତ ସାମ୍ବାଦିକତାର ମହାନ ନେତା ଓ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଗ୍ରୁପ୍‌ର ଦୂରଦୃଷ୍ଟିସମ୍ପର୍ଣ୍ଣ ପ୍ରତିଷ୍ଠାତା ରାମନାଥ ଗୋଏଙ୍କାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାମନାଥ ଭାରତ ଇତିହାସର କିଛି ସବୁଠାରୁ ଆହ୍ୱାନପୂର୍ଣ୍ଣ ତଥା କଷ୍ଟକର ସମୟରେ ସମ୍ବାଦିକତା ଅଖଣ୍ଡତା, ବୌଦ୍ଧିକ ସାହସ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଦୃଢ଼ ଭାବେ ଠିଆ ହୋଇଥିଲେ ବୋଲି ଉପରାଷ୍ଟ୍ରପତି କହିଥିଲେ ।। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ କ୍ରାନ୍ତିର ସମୟରେ ନିଜର ବ୍ୟକ୍ତିଗତ ସମ୍ପୃକ୍ତିକୁ ମନ ପକାଇ ଉପରାଷ୍ଟ୍ରପତି କହିଥିଲେ ଯେ, ଜରୁରୀକାଳୀନ ସ୍ଥିତି ବେଳେ ରାମନାଥ ସମ୍ବାଦିକତାର ମୂଲ୍ୟବୋଧକୁ ବଞ୍ଚାଇ ରଖିଥିଲେ । ବିନା କୌଣସି ଭୟରେ ସେ ପ୍ରେସ ସେନସରଶିପର ବିରୋଧ କରିଥିଲେ । ଭାରତୀୟ ସମ୍ବାଦିକତାକୁ ତାଙ୍କର ଯୋଗଦାନ ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।

## ମହିଳା ଆଇଏଏସ୍‌ଙ୍କ କୋଠାରେ ଚାଲିଥିଲା ସେକ୍ସ ର‍୍ୟାକେଟ

ପ୍ରୟାଗରାଜ, ୪।୧ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜରୁ ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି । କିଡ଼ଗଞ୍ଜର ନୂଆ ବସ୍ତିରେ ଥିବା ଆଇଆରଏସ ଅମିତାଭ ଶର୍ମା ଏବଂ ଆଇଏଏସ ବନ୍ଦନା ତ୍ରିପାଠୀଙ୍କ ୨ ମହଲା ଘରେ ଚାଲିଥିବା ସେକ୍ସ ର‍୍ୟାକେଟର ପର୍ଦ୍ଦାଫାସ ହୋଇଛି । ଏଠାରେ ପୁଲିସ ଚଢ଼ଉ କରି ୪ ଯୁବତୀ ଏବଂ ୫ ଯୁବକଙ୍କୁ ଆପତ୍ତିଜନକ ଅବସ୍ଥାରେ ଧରିଛି । ସମସ୍ତଙ୍କୁ ଥାନାକୁ ନିଆଯାଇଛି । ତିନି ମାସ ତଳେ ଏହି କୋଠାକୁ ଭଡ଼ାରେ ନିଆଯାଇଥିଲା ବୋଲି କୁହାଯାଉଛି । ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି । ଏହି ର‍୍ୟାକେଟ କେବେଠୁ ଚାଲୁଥିଲା, ଏହା ପଛରେ କିଏ କିଏ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେଲା ଏହି କୋଠାକୁ ରାତିଦିନ ଯୁବକଯୁବତୀଙ୍କ ଯିବାଆସିବା ଲାଗି ରହିଥିଲା । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ରବିବାର କିଡଗଞ୍ଜ ଥାନାକୁ ଲୋକେ ସୂଚନା ଦେଇଥିଲେ । ପୁଲିସ ପହଞ୍ଚିବା ପରେ କବାଟ ନ ଖୋଲିବାରୁ ତାହାକୁ ଭାଙ୍ଗି ଦେଇଥିଲା । ଏହି ର‍୍ୟାକେଟର ମୁଖ୍ୟ ସର୍ବେଶ ଦ୍ୱିବେଦୀକୁ ଗିରଫ କରାଯାଇଛି ।

# ଘନଉଛି ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନ ବିବାଦ

ମୁମ୍ବଇ, ୪।୧ (ଏଜେନ୍ସି): ମହାନଗର ନିଗମ ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି । ୧୫ ତାରିଖରେ ୨୯ଟି ମହାନଗର ନିଗମରେ ନିର୍ବାନଚ ଅନୁଷ୍ଠିତ ହେବାକୁ ଯାଉଛି । ମାତ୍ର ଏହା ପୂର୍ବରୁ ୬୮ ଆସନରେ ସରକାରୀ ମହାୟୁତି ମେଣ୍ଟର ପ୍ରାର୍ଥୀ ବିଜୟୀ ହେବାକୁ ନେଇ ଆରୋପପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି । ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୪୪ ଜଣ, ଶିବସେନା (ଏକନାଥ)ର ୨୨ ଜଣ ଏବଂ ଏକାକୀ ଲଢୁଥିବା ଏନ୍‌ସିପିର ୨ ଜଣ ସଦସ୍ୟ ସାମିଲ ଅଛନ୍ତି । ସରକାରୀ ଦଳ

ଜାଲିଆତି କରି ଏପରି କରୁଥିବା ବିରୋଧୀ ଅଭିଯୋଗ କରୁଛନ୍ତି । ଏହାକୁ ନେଇ ରାଜ୍ୟରେ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ମାମଲାରେ ହସ୍ତକ୍ଷେପ କରିଛନ୍ତି । ଏହି ସବୁ ଆସନର ଯାଞ୍ଚ କରାଯିବ ବୋଲି କହିଛନ୍ତି । ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯିବ ନାହିଁ ବୋଲି ଇସି ସ୍ପଷ୍ଟ କରିଦେଇଛନ୍ତି । ଚାପ, ଲୋଭନୀୟ ପ୍ରତିଶ୍ରୁତି ଦେଇ କିମ୍ବା ଅନ୍ୟ କୌଣସି ପ୍ରକାରରେ ବିରୋଧୀ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଚାପ ପକାଇଯାଇଛି କି ନାହିଁ ତାହାର ଯାଂଚ କରାଯିବ । ଏବେ ମୁମ୍ବଇ, କଲ୍ୟାଣ-ଡୋମ୍ବିଭାଲି, ଥାନେର ପିମ୍ପରି-ଚିଞ୍ଚୱାଡକୁ

- ୬୮ଟି ଆସନରେ ନିର୍ଦ୍ୱନ୍ଦ୍ୱରେ ମହାୟୁତି ପ୍ରାର୍ଥୀଙ୍କ ବିଜୟକୁ ନେଇ ଉଠିଲା ପ୍ରଶ୍ନ
- ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିସନ
- ପ୍ରାର୍ଥୀ ଚୋରି କରୁଛି ବିଜେପି: ଉଦ୍ଧବ ଠାକରେ

ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇ ଉଠିଛି । ଖାଲି କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଉଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ଟଙ୍କା ଏବଂ ଚାପ ପକାଇ ପ୍ରାର୍ଥୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ କୁହାଯାଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ଏଥିରେ ମହାୟୁତିକୁ ରାଜ୍ୟ ନିର୍ବାଚନ କମିଶନ ସହଯୋଗ କରୁଥିବା ବିରୋଧୀ କହିଛନ୍ତି ।

ଏବେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ବିଜେପିକୁ ସମାଲୋଚନା କରିଛନ୍ତି । ସେ ବଡ଼ ଅଭିଯୋଗ ଲଗାଇ କହିଛନ୍ତି ଯେ କ୍ଷମତାସୀନ ମହାୟୁତି ପ୍ରଥମେ ଭୋଟ ଚୋରି କରୁଥିଲା, ଆଉ ଏବେ ପ୍ରାର୍ଥୀ ଚୋରି କରୁଛି । ଦେଶରେ ଗଣତନ୍ତ୍ର ଉପରେ ଭିଡ଼ତନ୍ତ୍ରର କବ୍‌ଜା ହୋଇଥିବା ପରି ଲାଗୁଛି । ମହାୟୁତିର ୬୮ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିବାକୁ ନେଇ ଉଦ୍ଧବ ଏହି ମନ୍ତବ୍ୟ ଦେଇଛନ୍ତି ।

ଅନ୍ୟପଟେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନଏସ) ମୁଖ୍ୟ ରାଜ ଠାକରେ ରବିବାର ୨୦ ବର୍ଷ ପରେ ଶିବସେନା ଭବନରେ ପହଞ୍ଚିଛନ୍ତି । ଏଠାରେ ସେ ଭାଇ ଉଦ୍ଧବଙ୍କ ସହ ମିଶି ନିର୍ବାଚନୀ ଇସ୍ତାହାର ଜାରି କରିଛନ୍ତି । ଏହି ଅବସରରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପ୍ରାର୍ଥୀଙ୍କୁ ରଦ୍ଦ କରି ପୁଣି ଉକ୍ତ ୱାର୍ଡରେ ନିର୍ବାଚନ କରାଇବାକୁ ଉଦ୍ଧବ ଦାବି କରିଛନ୍ତି । ସେହିପରି ଜାଲିଆତି କରି ଥାନେ ଜିଲ୍ଲାରେ ବିଜେପି ଏବଂ ଶିବସେନାର ୩୨ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ଜିତିଛନ୍ତି ବୋଲି ଶିବେସନା (ୟୁବିଟି) ଓ ଏମଏନଏସ ଅଭିଯୋଗ କରିଛି । ସାରା ରାଜ୍ୟରେ ୬୮ ପ୍ରାର୍ଥୀ ଜିତିଥିବାବେଳେ ଥାନେରୁ କେବଳ ୩୨ ଜଣ ସାମିଲ ଅଛନ୍ତି । ଏହାର ବୈଧତା ଉପରେ ଉଦ୍ଧବ ଗୋଷ୍ଠୀ ପ୍ରଶ୍ନ ଉଠାଇଛି । ପ୍ରାର୍ଥୀ ଥିଲେ ବି ଭୋଟରଙ୍କୁ ନୋଟା ଚୟନ କରିବାକୁ ସୁଯୋଗ ଦିଆଯିବା ଉଚିତ ବୋଲି କୁହାଯାଇଛି । ୟୁବିଟି ନେତା କେଦାର ଦିଘେ କହିଛନ୍ତି ଯେ କେବଳ କ୍ଷମତାସୀନ ଦଳର ପ୍ରାର୍ଥୀ କାହିଁକି ନିର୍ଦ୍ୱନ୍ଦ୍ୱରେ ଜିତୁଛନ୍ତି? ଯଦି ଏଭଳି ସ୍ଥିତି ପ୍ରକୃତରେ ସୃଷ୍ଟି ହେଉଛି ତେବେ ବିରୋଧୀ ପ୍ରାର୍ଥୀ ବି ଜିତିବା କଥା । ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯିବା ଅନୁଚିତ । ସେହିପରି ଶିବସେନା ନେତା ସଞ୍ଜୟ ରାଉତ ଅଭିଯୋଗ କରିଛନ୍ତି ଯେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପାଇଁ ମହାୟୁତି ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କାର ଅଫର ଦେଇଛି । ଜଲଗାଁଓରେ ପ୍ରାର୍ଥୀଙ୍କୁ ୫ କୋଟି ଟଙ୍କା ଥିବା ବ୍ୟାଗ ପଠାଯାଇଥିଲା ।

### ଶ୍ରୀକ୍ଷେତ୍ରରେ ବରଗଡ଼ ଧନୁଯାତ୍ରାର କଂସ

## ମହୋଦଧିରେ ପ୍ରାୟଶ୍ଚିତ୍ତ

ପୁରୀ, ୪।୧(ସମିସ): ଶନିବାର ଶେଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ମୁକ୍ତାକାଶ ରଙ୍ଗମଞ୍ଚରେ ପଡ଼ିଛି ଯବନିକା। କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ରବିବାର ପୁରୀ ଆସି ପବିତ୍ର ମହୋଦଧିରେ ସ୍ନାନ ସାରି ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ-ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦାସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କ୍ଷମା ପ୍ରାର୍ଥନା



କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପାଖରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ରବିବାର ସୁଶୀଲ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ପୀଠର ଇଷ୍ଟଦେବୀ ମା' ବିମଳା, ଗୋବର୍ଦ୍ଧନ ନାଥଙ୍କ ଦର୍ଶନ କରିଥିଲେ। ପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି ଅଭିନୟରେ କୃଷ୍ଣ-ବଳରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ, ସେଥିପାଇଁ ପଶ୍ଚାତାପ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ କରିବା ସହ ପଇତା ବିସର୍ଜନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଧନୁଯାତ୍ରା ଶେଷ ହେବା ପରେ ଶ୍ରୀକ୍ଷେତ୍ର ଆସିବା ସମ୍ପର୍କରେ ସୁଶୀଲ କହିଛନ୍ତି, ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳରାମଙ୍କ ସହ ମୋର ଯୁଦ୍ଧ ହେଲା। ତ୍ରାହି ପାଇଗଲି ରାକ୍ଷସ ଜନ୍ମରୁ। ଧନୁଯାତ୍ରାର ୧୧ଦିନ ଧରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସମସ୍ତେ ଭକ୍ତି କରୁଥିବା ବେଳେ ମୁଁ ତାଙ୍କୁ ଗାଳି, ଈର୍ଷା ଏବଂ କଟୁ ମନ୍ତବ୍ୟ ଦେଇ ବଦନାମ କରିଛି। ମନରେ ହୃଦୟରେ

**ଶଙ୍କରାଚାର୍ଯ୍ୟଙ୍କଠୁ ଆଶୀର୍ବାଦ ନେଲେ, ମହାପ୍ରଭୁଙ୍କୁ କ୍ଷମା ମାଗିଲେ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ କୃଷ୍ଣ ରହିଥିଲେ ହେଁ ମୋତେ ଅଭିନୟ କରିବାକୁ ପଡ଼ିଛି। ଏପରିକି, ବଧ କରିବା ଲାଗି ତାଙ୍କ ଉପରକୁ ଖଣ୍ଡା ମଧ୍ୟ ଉଠାଇଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ, ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହନ୍ତି। ତେଣୁ ସେହି ପାପରୁ ତ୍ରାହି ପାଇବା ପାଇଁ ଆଜି ମହୋଦଧିରେ ସ୍ନାନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ଆଶୀର୍ବାଦ ନେଇଛି। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାପରୁ ମୁକ୍ତି ପାଇବା ପାଇଁ କ୍ଷମାପ୍ରାର୍ଥନା କରିଛି ବୋଲି କହିଛନ୍ତି ସୁଶୀଲ।


ଅନ୍ୟପକ୍ଷରେ ପୁରୀକୁ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଆସିଥିବା ଖବର ପାଇବା ପରେ ତାଙ୍କୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ମହୋଦଧିରେ ସ୍ନାନ ବେଳେ ପର୍ଯ୍ୟଟକ ତାଙ୍କ ସହ ସେଲ୍‌ଫି ଉଠାଇଥିଲେ। ଶ୍ରୀମନ୍ଦିର ନିକଟରେ ମଧ୍ୟ ଭକ୍ତ ତାଙ୍କୁ ଦେଖୁଥିଲେ।

### ୧୬ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା

## ଜୀବଙ୍କ ପ୍ରତି ସକାରାତ୍ମକ ଭାବନା ଗାନ୍ଧୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି: ମାନେକା

ଭୁବନେଶ୍ୱର, ୪।୧ (ସମିସ): ଗାନ୍ଧୀଙ୍କ ବକ୍ତବ୍ୟ ଏତେ ପ୍ରଭାବଶାଳୀ ଯେ ଆଜି ବି ଲୋକେ ତାଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଜୀବେ ଦୟା ଏବଂ ପ୍ରାଣୀଙ୍କ ପ୍ରତି କଲ୍ୟାଣ ଗାନ୍ଧୀଜୀଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ଥିଲା। ସେ ଏକଥା କେବଳ କହୁନଥିଲେ, ନିଜ କାର୍ଯ୍ୟରେ କରି ଦେଖାଉଥିଲେ। ଜୀବସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ। ତେଣୁ, ଜୀବଜଗତ ପ୍ରତି ସକାରାତ୍ମକ ମନୋଭାବ ପୋଷଣ କଲେ, ଆମେ ଗାନ୍ଧୀଜୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇପାରିବା। ପୂର୍ବତନ ବିଧାୟକ ତଥା ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ଆୟୋଜିତ 'ଷୋଡ଼ଶ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତା ସମାରୋହ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ପରିବେଶବିତ୍ ମାନେକା ଗାନ୍ଧୀ ଆଜି ଏହା କହିଛନ୍ତି।

ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶ୍ରୀମତୀ ଗାନ୍ଧୀ ଉଦ୍‌ଘାଟନ କରିଥିଲେ। 'ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶ୍ରୀମତୀ ଗାନ୍ଧୀ କହିଥିଲେ ଯେ ଜୀବଦୟାକୁ ଗାନ୍ଧୀ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ପ୍ରତିଟି ଜୀବ ପ୍ରତି ଦୟା ଭାବ ରଖିବାକୁ ସେ ଅନୁଗାମୀଙ୍କୁ ପ୍ରବର୍ତ୍ତାଉଥିଲେ।




ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଉକ୍ତି- 'ଗୋଟିଏ ଦେଶ ନିଜ ଜୀବଜନ୍ତୁଙ୍କ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରେ, ତାହାରି ଉପରେ ହିଁ ସେ ଦେଶର ମହାନତା ଓ ନୈତିକ ପ୍ରଗତିକୁ ଅନୁଶୀଳନ କରାଯାଇପାରେ' କୁ ଉଦ୍ଧାର କରି ସେ କହିଥିଲେ ଯେ ଜୀବ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ। ଧର୍ମ ସବୁ ଜୀବନ୍ତ ପ୍ରାଣୀଙ୍କୁ ସମ୍ମାନ ଦେବା ଶିଖାଏ। ଆମେ ଦିନସାରା ନୃଶଂସ ଆଚରଣ ପ୍ରଦର୍ଶନ କରି ରାତିରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା, ଭଗବାନ ମତେ କ୍ଷମା କରିଦିଅ; ଇଏ କି ପ୍ରକାର ଆଚରଣ? ଗାନ୍ଧୀଜୀ କହୁଥିଲେ, ମଣିଷ ମାଂସ ଖାଇବାକୁ ଜନ୍ମ ହେଇନି, ସେ ଜନ୍ମତଃ ଶାକାହାରୀ। ପ୍ରାଣୀ ଜଗତ ଉପରେ ମଣିଷର ଅତ୍ୟାଚାର ସବୁଠାରୁ ବଡ଼ ହିଂସା। କୌଣସି ଜୀବ ପ୍ରତି ଅତ୍ୟାଚାର, ହିନ୍ଦୁତ୍ୱର ଅବମାନନା ବୋଲି ଶ୍ରୀମତୀ ଗାନ୍ଧୀ ମତବ୍ୟକ୍ତ କରିଥିଲେ।

ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ, ସ୍ୱର୍ଗତ ନାୟକଙ୍କ ଜୀବ ସୁରକ୍ଷା ପ୍ରତି ଅବଦାନ ପାଇଁ ଆମ ଅନୁଷ୍ଠାନ 'ପିପୁଲ୍ସ ଫର୍ ଆନିମଲ' ତାଙ୍କୁ ଅନେକ ବର୍ଷ ତଳେ ସମ୍ମାନିତ କରିଥିଲା। 'ମହାତ୍ମା ଗାନ୍ଧୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ଏ ଆଲୋଚନା ସମଗ୍ର ଭାରତବର୍ଷରେ ପ୍ରଥମ ଆଲୋଚନା ବୋଲି ଦର୍ଶାଇ ସେ ଫାଉଣ୍ଡେସନ୍‌କୁ ସାଧୁବାଦ ଜଣାଇଥିଲେ।

ସମାରୋହରେ ଅଭିଭାଷଣ ରଖି ପ୍ରଫେସର୍ ନିବେଦିତା ମହାନ୍ତି ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ ଯେ ସ୍ୱର୍ଗତ ନାୟକ ପ୍ରକୃତି, ଜୀବଜନ୍ତୁ ଏବଂ ପରିବେଶକୁ ସେ ଖୁବ ଭଲ ପାଉଥିଲେ। ଏକ ଉନ୍ନତ ସମାଜ ଗଠନ କରିବା ତାଙ୍କ ସ୍ୱପ୍ନ ଥିଲା। ଆମେ ଏହି ସ୍ୱପ୍ନ ସାକାର କରିପାରିଲେ ତାହା ହିଁ ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ।

କାର୍ଯ୍ୟକ୍ରମ ଆରମ୍ଭରେ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ତଥା ରାଜକିଶୋର ନାୟକଙ୍କ ପୁଅ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସମାରୋହରେ ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନର ସଭାପତି ପ୍ରହଲାଦ କୁମାର ସିଂହ ସଭାପତିତ୍ୱ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ମଞ୍ଚାସୀନ ଥିଲେ।

## ସମ୍ଭାବ୍ୟ ଆଞ୍ଚଳିକ ଦଳର ନୀତି ସ୍ପଷ୍ଟ କଲେ ମୋକିମ୍



- 'ମଦ ମୁକ୍ତ ଓଡ଼ିଶା' ସହ ଯୁବ ନେତୃତ୍ୱଙ୍କୁ ଗୁରୁତ୍ୱ ଦେବ ଦଳ
- ରାଜ୍ୟକୁ ସୁଶାସନ ଦେବାରେ ବିଫଳ ହୋଇଛି ବିଜେପି ସରକାର
- ମାଗଣା ଯୋଜନା ବଦଳରେ ରୋଜଗାରକ୍ଷମ କରାଇବାକୁ ଗୁରୁତ୍ୱ

କଟକ,୪।୧ (ସମିସ): ଓଡ଼ିଶାର ରାଜନୈତିକ ମଇଦାନରେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସକୁ ଟକ୍କର ଦେବ ଆଉ ଏକ ଆଞ୍ଚଳିକ ଦଳ। ଖୁବଶୀଘ୍ର ଏଭଳି ଏକ ନୂଆ ଆଞ୍ଚଳିକ ଦଳ ଗଠନ ହେବାକୁ ଯାଉଛି ବୋଲି ଆଜି ସୂଚନା ଦେଇଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ମଦମୁକ୍ତ ଓଡ଼ିଶା ସହ ଯୁବ ନେତୃତ୍ୱକୁ ଏହି ଦଳରେ ଗୁରୁତ୍ୱ ଦିଆଯିବ।

ମୋକିମ ଫାଉଣ୍ଡେସନର ସ୍ପୋର୍ଟସ କାର୍ଣ୍ଣିଭଲ ଆୟୋଜନ ଅବସରରେ ମୋକିମ୍ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାରେ ଏକ ବଡ଼ ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହାର ପୂରଣ ପାଇଁ ଏକ ସ୍ୱଚ୍ଛ ଏବଂ ନୀତିବାନ ବିକଳ୍ପର ଆବଶ୍ୟକତା ରହିଛି। ପ୍ରସ୍ତାବିତ ନୂଆ ଆଞ୍ଚଳିକ ଦଳର ମୁଖ୍ୟ ଲକ୍ଷ୍ୟ 'ନିଶା ନିବାରଣ' ରହିବ। ଏହାସହିତ ରାଜ୍ୟରୁ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ମଦ ବିରୋଧୀ ଆନ୍ଦୋଳନକୁ ସେ ପ୍ରାଧାନ୍ୟ ଦେବେ ଏବଂ ଏହି ଅଭିଯାନରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କୁ ଦଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବ। ଅବକାରୀ ବିଭାଗରୁ ମିଳୁଥିବା ରାଜସ୍ୱ କ୍ଷତିକୁ ଖଣି ବିଭାଗରୁ ଭରଣା କରାଯାଇପାରିବ ବୋଲି ମୋକିମ କହିଛନ୍ତି। ଏହାସହିତ ଲୋକଙ୍କୁ ମାଗଣା ଯୋଜନାରେ ଅଭ୍ୟସ୍ତ ନ କରାଇ ସେମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ଉଦୀୟମାନ ଯୁବ ଓ ଛାତ୍ର ସମାଜକୁ ଗୁରୁତ୍ୱ ଦେବା କଥା ସେ କହିଛନ୍ତି। ତେଣୁ ଯୁବ ନେତୃତ୍ୱଙ୍କୁ ଦଳର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ମୋକିମଙ୍କ କହିବା ଅନୁଯାୟୀ, ରାଜ୍ୟରେ ବିଜେପି ସୁଶାସନ ଦେବାରେ ବିଫଳ ହୋଇଛି। ଶାସନକୁ ଆସିବା ପରେ ମଧ୍ୟ ଲୋକଙ୍କ ଆଶା ପୂରଣ ହୋଇପାରି ନ ଥିବା ବେଳେ ବିଜେଡି-କଂଗ୍ରେସକୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ଓଡ଼ିଶାର ସାଧାରଣ ଜନତା ଏବେ ଏକ ନୂଆ ମୁହଁ ଓ ନୂଆ ଚିନ୍ତାଧାରାର ଅପେକ୍ଷାରେ ଅଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମୋକିମଙ୍କ ଏହି ନିଷ୍ପତ୍ତି ପଛରେ ତାଙ୍କର ଦୀର୍ଘ ଦିନର ଅସନ୍ତୋଷ ଏବଂ ସାମ୍ପ୍ରତିକ ସ୍ଥିତି ବଡ଼ କାରଣ ସାଜିଛି। କଂଗ୍ରେସ ଦଳରେ ଥାଇ ମଧ୍ୟ ସେ ଅନେକ ସମୟରେ ଦଳୀୟ ଶୃଙ୍ଖଳା ଓ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଉଥିଲେ। ୨୦୨୨ ରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସର ନିଷ୍ପତ୍ତି ବିରୋଧରେ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରି ସେ ଚର୍ଚ୍ଚାକୁ ଆସିଥିଲେ। ଏଥିପାଇଁ ତାଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା। ଦଳ ମଧ୍ୟରେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଆଧିପତ୍ୟ ଏବଂ ସାଙ୍ଗଠନିକ ଦୁର୍ବଳତା ଯୋଗୁଁ ସେ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ମୋକିମଙ୍କ ଏହି ନୂଆ ଦଳ ଆଗାମୀ ନିର୍ବାଚନରେ ଓଡ଼ିଶାର ତିନୋଟି ମୁଖ୍ୟ ଶକ୍ତିର ଭୋଟ୍ ବ୍ୟାଙ୍କ୍‌କୁ କିପରି ପ୍ରଭାବିତ କରିବ ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜାରି ରହିଛି।

### ଦିଲ୍ଲୀ ନେତୃତ୍ୱକୁ ତୀର

## ଭୁଲ୍ ନିଷ୍ପତ୍ତି ଯୋଗୁଁ କଂଗ୍ରେସ କ୍ଷମତାକୁ ଫେରିପାରୁନି

କଟକ,୪/୧(ସମିସ): ଓଡ଼ିଶା ରାଜନୀତିରେ ନୂଆ ଆଞ୍ଚଳିକ ଦଳ ଗଠନ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପୂର୍ବତନ କଂଗ୍ରେସ ନେତା ମହମ୍ମଦ ମୋକିମ୍ ପୁଣି ଥରେ ନିଜର ପୂର୍ବତନ ଦଳ କଂଗ୍ରେସ ଉପରେ ବର୍ଷିଛନ୍ତି। ଏଆଇସିସି ବା କଂଗ୍ରେସର ରାଷ୍ଟ୍ରୀୟ ନେତୃତ୍ୱଙ୍କୁ ସିଧାସଳଖ ନିଶାଣ କରି ମୋକିମ୍ କହିଛନ୍ତି ଯେ, କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଦେଶରେ କଂଗ୍ରେସର ବିଫଳତା ପାଇଁ ଦିଲ୍ଲୀ ନେତୃତ୍ୱଙ୍କ 'ଭୁଲ ନିଷ୍ପତ୍ତି' ହିଁ ଦାୟୀ। ମୋକିମଙ୍କ କହିବା ଅନୁଯାୟୀ, କଂଗ୍ରେସ ଯେଉଁ ରାଜ୍ୟରୁ ଥରେ କ୍ଷମତାଚ୍ୟୁତ ହେଉଛି, ସେଠାରେ ଆଉ କ୍ଷମତାକୁ ଫେରିବା ସମ୍ଭବ ହେଉନାହିଁ। ଦଳର ସାଂଗଠନିକ ଢାଞ୍ଚା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏମିତିକି କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଶଶୀ ଥରୁର ଏବଂ ଦିଗବିଜୟ ସିଂହଙ୍କ ଭଳି ବରିଷ୍ଠ ନେତାମାନେ ମଧ୍ୟ ବର୍ତ୍ତମାନର ସେଟ୍-ଅପ୍‌ରେ ଦଳ ଆଗକୁ ବଢ଼ିପାରିବ ନାହିଁ ବୋଲି ମତ ପ୍ରକାଶ କରିବା ହିଁ ଦଳର ଦୁର୍ବଳତାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି।

### ମଦ ବେପାରୀଙ୍କ ଠାରୁ ୪୦ହଜାର ଲାଞ୍ଚ

## ଭିଜିଲାନ୍ସ ପଞ୍ଝାରେ ଥାନା ଅଧିକାରୀ

ଭୁବନେଶ୍ୱର, ୪।୧(ସମିସ): ମଦ ବେପାରୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟକୁମାର ବାରିକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଭବିଷ୍ୟତରେ କୌଣସି ପ୍ରକାର ବ୍ୟାବସାୟିକ ଅସୁବିଧା ନ ହେବାର ପ୍ରତିଶ୍ରୁତି ଦେଇ ସେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କ ପାଖରୁ ୪୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ରାଜମହଲ ଛକ ନିକଟରେ ଏହି କାରବାର ଚାଲିଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ଏହାସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୪ଟି ଟିମ୍ ଏକକାଳୀନ ବିଜୟଙ୍କ ୪ଟି ଠିକଣା ଉପରେ ଚଢ଼ଉ କରି ନଗଦ ୫ଲକ୍ଷ ଟଙ୍କା ଓ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସଂଧ୍ୟାରେ ତାଙ୍କୁ ଗିରଫ କରାଯାଇଛି ଏବଂ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।



ସୂଚନାନୁଯାୟୀ, କଟକ ସହର ଉପକଣ୍ଠ ସିଆର୍‌ଆର୍‌ଆଇ ଥାନା ଅଧୀନରେ ଜଣେ ବ୍ୟବସାୟୀ ଏକ ଲାଇସେନ୍ସପ୍ରାପ୍ତ ମଦ ଦୋକାନ କରିଛନ୍ତି। ବିଜୟ ବିଭିନ୍ନ ସମୟରେ ତାଙ୍କୁ ବଟି ମାଗୁଥିଲେ। ଭୋଜିଠାରୁ ଆରମ୍ଭ କରି ବ୍ୟକ୍ତିଗତ ଆବଶ୍ୟକତା ବେଳେ ସେ ଉକ୍ତ ବ୍ୟବସାୟୀଙ୍କୁ ବଟି ମାଗୁଥିଲେ। ମନା କଲେ, ଦୋକାନୀଙ୍କ ଉପରେ ବିଭିନ୍ନ ପ୍ରକାରର ଚାପ ପକାଇବା ସହ ଧମକ ମଧ୍ୟ ଦେଉଥିଲେ। ତେବେ ଦିନକୁ ଦିନ ତାଙ୍କ ଶୋଷଣ ବଢ଼ି ଚାଲିବାରୁ ବ୍ୟବସାୟୀଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ବିଜୟଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ମାସିକ ବଟି ବାବଦ ୪୦ ହଜାର ଟଙ୍କା ଦେବାକୁ ବ୍ୟବସାୟୀଜଣଙ୍କ ରବିବାର ବିଜୟଙ୍କ କହିବା ମୁତାବକ ଭୁବନେଶ୍ୱର ଆସିଥିଲେ। ରାଜମହଲ ଛକରେ ବିଜୟ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ ବାସଭବନ ସମେତ ୪ଟି ଠିକଣାରେ ଭିଜିଲାନ୍ସ ଚଢ଼ଉ କରିଥିଲା। ପ୍ରାଥମିକ ତଦନ୍ତରୁ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ ମାତ୍ର ସ୍ୱଳ୍ପଦିନର ଚାକିରି ମଧ୍ୟରେ ବିଜୟ ଭୁବନେଶ୍ୱର ଶିଶୁପାଳଗଡ଼ରେ ୩ ମହଲା ବିଶିଷ୍ଟ ଏକ ଘର କରିଛନ୍ତି। ସେହିପରି କେନ୍ଦ୍ରାପଡ଼ାସ୍ଥିତ ପୈତୃକ ଗ୍ରାମରେ ଏକ ନିର୍ମାଣାଧୀନ ଘର, ୟୁନିଟ୍-୧ସ୍ଥିତ ସରକାରୀ ବାସଭବନରରୁ ନଗଦ ୫ଲକ୍ଷ ଟଙ୍କା ଠାବ କରାଯାଇଛି।

## ଶିମିଳିପାଳରେ ପର୍ଯ୍ୟଟକ ଦେଖିଲେ ମେଲାନିଷ୍ଟିକ୍ କଳା ବାଘ

ବାରିପଦା, ୪।୧(ସମିସ):ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ କଳା ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର ଭିଡିଓ ପୁଣି ସାମ୍ନାକୁ ଆସିଛି। ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ସଫାରୀ ଗାଡ଼ିରେ ଯାଉଥିବା ସମୟରେ ରାସ୍ତା ପାରି ହେବା କଳାବାଘର ଦୃଶ୍ୟ ଉତ୍ତୋଳନ କରିଥିଲେ। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ କେବଳ ଶିମିଳିପାଳରେ ଥିବା ବେଳେ ପର୍ଯ୍ୟଟକଙ୍କ ସମ୍ମୁଖର ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। କିଛି ଦିନ ତଳେ ବାଘଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସେୟାର୍ କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ବାଘ ରାସ୍ତା ପାରି ହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍**

ହେବା ପରେ କାଠମାଫିଆ ଓ ଶିକାରୀଙ୍କ ଲୋଲୁପଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି।



### ସାତପାହାଚ ଦ୍ୱାର ବନ୍ଦ କରିଦେଲେ ଜେଟିପି

## ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଲେ ଶ୍ରଦ୍ଧାଳୁ

ପୁରୀ,୪।୧(ସମିସ): ଶ୍ରୀମନ୍ଦିରରେ ପ୍ରୋଟୋକଲ ଦର୍ଶନ ବ୍ୟବସ୍ଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶ୍ରୀମନ୍ଦିର କମାଣ୍ଡର ଏବଂ ସ୍ୱତନ୍ତ୍ର ସୁରକ୍ଷା ବାହିନୀଙ୍କ ମଧ୍ୟରେ କଥା କଟାକଟି ଯୋଗୁଁ ମହାପ୍ରଭୁଙ୍କ ଦର୍ଶନରେ ଉପୁଜିଛି ବାଧା। ଫଳରେ ଜେଟିପି ଅଧ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ସାତପାହଚ ଦ୍ୱାର ବନ୍ଦ କରିଦେବାରୁ ବହୁ ଶ୍ରଦ୍ଧାଳୁ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଅଧିକାରୀଙ୍କ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲେ ମଧ୍ୟ କିଛି ଶ୍ରଦ୍ଧାଳୁ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି।

ନୂଆବର୍ଷ ଯୋଗୁଁ ଏବେ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏହି ଭିଡ଼କୁ କିପରି ନିୟନ୍ତ୍ରଣ କରି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ତେବେ ଆଜି ରବିବାର ଯୋଗୁଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଥିଲା। କିନ୍ତୁ, ପ୍ରୋଟୋକଲ ବ୍ୟବସ୍ଥାକୁ ବିରୋଧ କରି ହଠାତ୍ ଏକ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କୀର୍ତ୍ତନ ଚକଡାରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ୭ ଥାକିଆ ବ୍ୟାରିକେଡ୍ ମଧ୍ୟରେ ଶ୍ରଦ୍ଧାଳୁମାନେ ଧାଡ଼ି କରି ସାତପାହଚ ଦେଇ ଭିତରକୁ ଯାଇ ଦର୍ଶନ କରିଥାନ୍ତି। ହେଲେ ରବିବାର ଯୋଗୁ ଭିଡ଼ ଥିବାରୁ ଦର୍ଶନ ପାଇଁ ଆସିଥିବା ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଏପରିକି ସ୍କୁଲ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁରକ୍ଷା କର୍ମଚାରୀମାନେ ଗୋଟିଏ ଧାଡ଼ି ରଖିଥିଲେ। ସେହି ଧାଡ଼ିରେ ସେମାନଙ୍କୁ ଛାଡୁଥିଲେ। ଅନ୍ୟ କାହାକୁ ସେପଟେ ଯିବାକୁ ଦେଉନଥିଲେ। ଏହି ଖବର ଶ୍ରୀମନ୍ଦିର କମାଣ୍ଡର୍ ସୁଧାଂଶୁ ପଟ୍ଟନାୟକଙ୍କ ପାଖରେ

**କମାଣ୍ଡର-ସୁରକ୍ଷା କର୍ମୀ ମୁହାଁମୁହିଁ**

ପହଞ୍ଚିବା ପରେ ସେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହି ସ୍ୱତନ୍ତ୍ର ଧାଡ଼ି କ'ଣ ପାଇଁ ରଖାଯାଇଛି ବୋଲି ସୁରକ୍ଷାବାହିନୀଙ୍କୁ ପଚାରିଥିଲେ। ଏହି ପଚରାଉଚରାକ୍ରମେ ଯୁକ୍ତିତର୍କ ଏବଂ କଥାକଟାକଟିର ରୂପ ନେଇଥିଲା।

କମାଣ୍ଡର୍ ଓ ସୁରକ୍ଷାକର୍ମୀଙ୍କ ମଧ୍ୟ ଏଭଳି ଯୁକ୍ତିତର୍କ ହେଉଥିବା ଦେଖି ଜେଟିପିମାନେ ପହଞ୍ଚି ଯାଇଥିଲେ। ଫଳରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜେଟିପିମାନେ ମଧ୍ୟ ସୁରକ୍ଷା କର୍ମୀଙ୍କୁ ବିରୋଧ କରିଥିଲେ। ଏପରିକି, କମାଣ୍ଡରଙ୍କୁ ଠେଲାପେଲା ଏବଂ ଦୁର୍ବ୍ୟବହାର କରାଯାଇଥିବା ମଧ୍ୟ ଅଭିଯୋଗ ଉଠିଥିଲା। ଏହି ଘଟଣାକୁ ନେଇ ଜେଟିପିମାନେ ହଠାତ୍ ଜୟବିଜୟ ଦ୍ୱାର ବନ୍ଦ କରିଦେଇଥିଲେ। ଫଳରେ ଭକ୍ତମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରି ନ ଥିଲେ। ଶହ ଶହ ଭକ୍ତ ସାତପାହଚ ଦ୍ୱାରରେ ଠିଆ ହୋଇରହିଥିଲେ। ପ୍ରାୟ ଅଧଘଣ୍ଟାଏରୁ ଅଧିକ ଭକ୍ତମାନେ ସେମିତି ଠିଆ ହୋଇଥିଲେ। କିଛି ଶ୍ରଦ୍ଧାଳୁ ମଧ୍ୟ ବିଳମ୍ବ ଦେଖି ଦର୍ଶନ ନ କରି ଫେରି ଯାଇଥିଲେ। ଏଭଳି ବିବାଦ ଏବଂ ଏଥିପାଇଁ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଯାଇପାରୁ ନ ଥିବା ଖବର ପାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ମନ୍ଦିର ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାପରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଉଭୟପକ୍ଷଙ୍କ ସହ ଗାରଦରେ ଆଲୋଚନା କରିଥିଲେ। କାହିଁକି ଏଭଳି ଘଟଣା ଘଟିଲା, ପ୍ରକୃତରେ ଏଥିପାଇଁ କିଏ ଦାୟୀ ସେ ବିଷୟରେ ପଚାରି ବୁଝିଥିଲେ।

ଏ ସମ୍ପର୍କରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢ଼ୀ କହିଛନ୍ତି, 'କାହାକୁ ଠେଲାପେଲା କିମ୍ବା ଦୁର୍ବ୍ୟବହାର କରାଯାଇନାହିଁ। ଏକ ଭୁଲ୍ ବୁଝାମଣା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ସମାଧାନ କରାଯାଇଛି'।

ଏଠାରେ ପ୍ରଶ୍ନ ଉଠୁଛି ଯଦି ଶ୍ରୀମନ୍ଦିର କମାଣ୍ଡର ଏବଂ ସୁରକ୍ଷା ବାହିନୀ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଉପୁଜିଲା, ତେବେ କାହିଁକି ସାତପାହଚ ଦ୍ୱାରା ବନ୍ଦ କରି ଦିଆଗଲା? ଜେଟିପିଙ୍କୁ ଦ୍ୱାର ବନ୍ଦ କରିବାକୁ ଅଧିକାର ଦେଲା କିଏ? ଯଦି ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପୁଲିସ ଗୋଟିଏ ଧାଡ଼ି ରଖିଲା, ଏ ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଜାଣିଥିଲା ନା ନାହିଁ? ଶୃଙ୍ଖଳିତ ଦର୍ଶନ ପାଇଁ ଯଦି ପୁଲିସ ଏଭଳି ଏକ ପଦକ୍ଷେପ ନେଇଥିଲା ଏଥିରେ କମାଣ୍ଡର ସହମତି ହେଲେ ନାହିଁ କାହିଁକି? ନା ଏହା ପଛରେ ଆଉ କିଛି ଅନ୍ୟ କାରଣ ରହିଛି? ଏଭଳି ଅନେକ ପ୍ରଶ୍ନ ସାଧାରଣ ଭକ୍ତଙ୍କୁ ଆନ୍ଦୋଳିତ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେବାୟତଙ୍କ ମଧ୍ୟରେ ବିବାଦ ହେଉ କି କର୍ମଚାରୀଙ୍କ ମଧ୍ୟରେ ଅବା ଅନ୍ୟ କୌଣସି କାରଣ ପାଇଁ ଯଦି ଅପ୍ରୀତିକର ପରିସ୍ଥିତି ଉପୁଜୁଛି, ତେବେ ନୀତିକାନ୍ତି ବନ୍ଦ କରିଦିଆଯାଉଛି। ଏହାଦ୍ୱାରା ହଜାର ହଜାର ଭକ୍ତ ପ୍ରଭାବିତ ହେଉଛନ୍ତି। ଏହି ଧାରା ବନ୍ଦ ପାଇଁ ଦାବି ହେଉଛି।

### ଯୋଗାଣ ବିଭାଗର ସମୀକ୍ଷା କଲେ ମୁଖ୍ୟ ସଚିବ

## ମଣ୍ଡି ସୁପରିଚାଳନା କରିବାକୁ ପରାମର୍ଶ



ଭୁବନେଶ୍ୱର,୪।୧(ସମିସ): ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟମଧ୍ୟରେ ପ୍ରାୟ ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨,୭୧,୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରି କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ କାର୍ଯ୍ୟ ସମୀକ୍ଷା ପରେ ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି। ରାଜ୍ୟ ସରକାର କହିଛନ୍ତି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଞ୍ଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଞ୍ଜୀକୃତ ହୋଇଛି। ଅନ୍ୟପଟେ ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଂଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ

**ସଂଗ୍ରହ ହୋଇଛି ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ**

ବ୍ୟବସ୍ଥାର ସୁପରିଚାଳନା ସଂପର୍କରେ ମୁଖ୍ୟ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସଂପର୍କରେ ଅନ ଲାଇନ୍ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସଂପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା।


# କଳବଲ କରୁଛି ରାଇସ୍ ମିଲ୍, ଫ୍ୟାକ୍ଟ୍ରି ଧୂଆଁ

**କେସିଙ୍ଗା, ୪।୧(ସମିସ):** ଦିନକୁ ଦିନ ରାଜ୍ୟ ସରକାର ରାଜ୍ୟବାସୀଙ୍କ ଉପରେ ନୂତନ ନୂତନ ବୋଝ ଲଦୁଥିବା ବେଳେ ପୁରୁଣା ବୋଝ ମଧ୍ୟ ଉତାରିବା ପାଇଁ ମନ୍ତ୍ରଣା କରୁଛନ୍ତି। ବର୍ତ୍ତମାନ ପଲ୍ୟୁସନ ନାଁରେ ଲୋକଙ୍କୁ ପେଟ୍ରୋଲ ମିଳିବ ନାହିଁ ବୋଲି ଡ୍ରାଇଭ ପଲ୍ୟୁସନ ସାର୍ଟିଫିକେଟ ନାଁରେ ଟ୍ୟାକ୍ସ ସଂଗ୍ରହ କରୁଛନ୍ତି ଯଦି ବାଇକ୍ ପାଇଁ ପରିବେଶ ଦୂଷିତ ହେଉଛି ତାହାହେଲେ ସରକାରଙ୍କ ପଦକ୍ଷେପ ନିହାତି ସ୍ୱାଗତ ଯୋଗ୍ୟ କିନ୍ତୁ ସହର ଶେଷ ମୁଣ୍ଡରେ କିଛି ସହର ମଧ୍ୟ ଭାଗରେ ଥିବା ବଡ଼ ବଡ଼ ରାଇସ ମିଲ ଓ ଅନ୍ୟାନ୍ୟ ଫ୍ୟାକ୍ଟ୍ରି କଣ ଅଜ୍ଞାନ ଛାଡ଼ୁଛନ୍ତି କି ବୋଲି ପ୍ରଶ୍ନ ଉଠୁଛି ଯଦି ବାଇକ୍‌ର ଅଳ୍ପ ଧୂଆଁରୁ ପରିବେଶ ଦୂଷିତ ହେଉଛି ତାହାହେଲେ ମିଲମାନଙ୍କରୁ ନିର୍ଗତ କଳାକଳା ଧୂଆଁ ପାଇଁ କଣ ପରିବେଶ ଦୂଷିତ ହେଉନାହିଁ। ମାତ୍ର ୭୦ରୁ ୧୦୦ ଟଙ୍କା ଦେଇ ଦେଲେ ପଲ୍ୟୁସନ୍ ସାର୍ଟିଫିକେଟ ମିଳୁଛି ଓ ବର୍ଷକ ପାଇଁ ପରିବେଶ ସଫା ହୋଇ ଯାଉଛି। ଲୋକଙ୍କୁ ଭଲ, ରାସ୍ତା, ଭଲ ସ୍ୱାସ୍ଥ୍ୟ, ଭଲ ପିଇବା ପାଣି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବାକୁ କହି ଆସିଥିବା ସରକାର ଲୋକଙ୍କ କେତେ ସୁବିଧା ସୁଯୋଗ ଯୋଗାଇଛି ଓ ଲୋକେ ଟ୍ୟାକ୍ସ ବାନ୍ଧି ବାନ୍ଧି, ଲାଇନ ଲାଗି ଲାଗି କେତେ ଖୁସି ଅଛନ୍ତି ତାହା ଆଗାମୀ ଦିନରେ ଜଣା ପଡ଼ିବ।





















## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

# ଦ୍ୱିତୀୟ ଦିବସରେ ୩.୫୭ କୋଟି ଟଙ୍କାର କାରବାର

**ଭବାନୀପାଟଣା, ୪।୧(ସମିସ)**

କଳାହାଣ୍ଡି ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଶନିବାର ଠାରୁ ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଯାଇଛି। ମେଳାକୁ ଭବାନୀପାଟଣା କୃଷି ମହାବିଦ୍ୟାଳୟର ପ୍ରମୁଖ ମାଧମ ସାଜିବ। ରବିବାର ଦ୍ୱିତୀୟ ଦିନରେ ସଫଳତାର ସହ ଅତିକ୍ରମ କରିଛି। ମେଳାର ପ୍ରଥମ ଦୁଇ ଦିନ ମଧ୍ୟରେ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି, ଯାହାର ପରିଣାମସ୍ୱରୂପ ମୋଟ ୩.୫୭ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିବା ସୂଚନା ମିଳିଛି। ଆଜି ଦ୍ୱିତୀୟ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ



ଅଧ୍ୟକ୍ଷ ଡଃ ସନ୍ଦିପ୍ କୁମାର ନାଏକ ଉଦ୍‌ଘାଟନ କରିଥିଲେ। କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଉଦବୋଧନ ଦେଇ କୃଷି କାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ହେବ ସହିତ ଶ୍ରମ ଲାଘବ, ସ୍ୱଳ୍ପ ଖର୍ଚ୍ଚ ହେବ ଏବଂ କୃଷି କାର୍ଯ୍ୟ ଠିକ୍ ସମୟରେ ସମ୍ପାଦନ କରାଯାଇପାରିବ ବୋଲି କହିଥିଲେ। ମେଳା ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଯାହା ଚାଷୀମାନଙ୍କୁ ଆଧୁନିକ କୃଷି ଯନ୍ତ୍ରପାତି ସହ ପରିଚିତ କରାଇବା ପାଇଁ ଏକ ୫୦୦ ଚାଷୀ ଯୋଗଦେଇ ପାଠଶାଳା ମାଧ୍ୟମରେ ବିଭିନ୍ନ କୃଷି ଭିତ୍ତିକ ବୈଷୟିକ ଜ୍ଞାନକୌଶଳ ବିଷୟରେ ଶିକ୍ଷା ଲାଭ କରିଥିଲେ। ସଭାର ପ୍ରାରମ୍ଭରେ ପ୍ରମୋଦ କୁମାର ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ କୃଷି ଅଧିକାରୀ ଓ ବୈଜ୍ଞାନିକମାନେ ଯୋଗଦେଇ ଚାଷୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଇଂ. ଅଜୟ କୁମାର ମାରାଣ୍ଡି, ନିର୍ବାହୀଯନ୍ତ୍ରୀ (କୃଷି), କଳାହାଣ୍ଡି ଯନ୍ତ୍ରପାତିର ବ୍ୟବହାର ଓ ସରକାରୀ ରିହାତି ବିଷୟରେ ବୁଝାଇଥିଲେ। ଡ. ସ୍ମୃତି ହାଁସଦା, ସହକାରୀ ପ୍ରଫେସର, କୃଷି ମହାବିଦ୍ୟାଳୟ ଜମିରେ ଜଳର ସଠିକ୍ ବିନିଯୋଗ ଓ ସଂରକ୍ଷଣ କୌଶଳ ବିଷୟରେ ବୈଷୟିକ ସୂଚନା ପ୍ରଦାନ କରିଥିଲେ। ଯୋଜନା ଅଧିକାରୀ ବିଶ୍ୱନାଥ ମହାପାତ୍ର ବିଭିନ୍ନ କୃଷି ଯୋଜନା ବିଷୟରେ କହିଥିବାବେଳେ ଇଂ. ଅଂଶୁମାନ ପାଇକରାୟ ସହକାରୀ କୃଷି ଯନ୍ତ୍ରୀ, ଭବାନୀପାଟଣା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏବଂ ଇଂ. ସୌମ୍ୟା ସୁରଭି ଶବର ସହକାରୀ କୃଷି ଯନ୍ତ୍ରୀ, ଜୁନାଗଡ଼ ରିହାତି ପାଇବାର ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ଶ୍ରୀମତୀ ମୋନାଲିସା ପ୍ରଧାନ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଉଦ୍ୟାନ କୃଷିର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ରଞ୍ଜନ କୁମାର ପଟେଲ, ଗୋଷ୍ଠୀ କୃଷି ଅଧିକାରୀ ଜୁନାଗଡ଼ 'ଏ ସୃତି କୃଷି ପ୍ରଣାଳୀ' ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶ୍ରୀଯୁକ୍ତ ସୁଶୀଲ କୁମାର ସେଠୀ, ଗୋଷ୍ଠୀ କୃଷି ଅଧିକାରୀ, ଭବାନୀପାଟଣା ମୃତ୍ତିକାର ସ୍ୱାସ୍ଥ୍ୟ, ରକ୍ଷଣା ବେକ୍ଷଣ ଓ ତାର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୌକେଶର ନାଗ, ଜିଲ୍ଲା କୃଷି ଅଧିକାରୀ ଧର୍ମଗଡ଼ ବିଭିନ୍ନ ଚାଷ ପ୍ରଣାଳୀ ଓ କୃଷି କ୍ଷେତ୍ରର ଅତ୍ୟାବଶ୍ୟକ ଦିଗଗୁଡ଼ିକ ଉପରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସଭାର ଅନ୍ତିମ ପର୍ଯ୍ୟାୟରେ ଜିତେନ୍ଦ୍ର କୁମାର ସିଂ, ଗୋଷ୍ଠୀ କୃଷି ଅଧିକାରୀ, କେସିଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

**କୋକସରା, ୪।୧(ସମିସ):** ଗତ ୨ ତାରିଖରେ ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ତଲାଗାଁ ଛକ ନିକଟରେ ଘଟିଥିବା ବାଇକ ଦୁର୍ଘଟଣାରେ ଗୁରୁତର ଆହତ ଥିବା ଦାବ୍ରିଗୁଡା ଗ୍ରାମର ପଙ୍କଜ ବେଶ୍ରା(୫୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ତାଙ୍କ ସାଥିରେ ଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପଙ୍କଜଙ୍କୁ ଶୁକ୍ରବାର ଦିନ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ତେବେ ସେଠାରୁ ଅଧିକ ଚିକିତ୍ସା ନିମନ୍ତେ ବିଶାଖାପାଟଣା ନେବା ସମୟରେ ବାଟରେ ପଙ୍କଜଙ୍କ ମୃତ୍ୟୁ ହୋଇଥିଲା। କୋକସରା ମେଡ଼ିକାଲରେ ଶବ ବ୍ୟବଚ୍ଛେଦ ପରେ ଆମପାଣି ଥାନା ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

# ଦୟାବନ୍ତ କ୍ଲବ୍‌ର ପୁଷପୁନି ଭେଟ୍‌ଘାଟ

**ମ.ରାମପୁର, ୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଜୟନ୍ତୀନଗରପଡ଼ାର ଦୟାବନ୍ତ କ୍ଲବ୍ ତରଫରୁ ପୁଷପୁନି ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜିତେନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ସାହିତ୍ୟିକ ପଦ୍ମଲୋଚନ ମିଶ୍ର ଯୋଗ ଦେଇଥିଲେ। ପୁଷପୁନି ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। କଣ୍ଠଶିଳ୍ପୀ ତ୍ରିଲୋଚନ ସୁନା ମଞ୍ଚ ପରିଚାଳନା କରିଥିବା



ବେଳେ ଅତିଥିମାନେ ଆଜି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣା

# ପରିବାର ଲୋକଙ୍କୁ ଭେଟିଲେ ରାଜନେତା



**ଧର୍ମଗଡ଼, ୪।୧(ସମିସ):** ତାମିଲନାଡୁରେ ଅମାନୁଷିକ ଭାବେ ଓଡ଼ିଆ ଯୁବକଙ୍କୁ ଆକ୍ରମଣ ଘଟଣା ବିଭିନ୍ନ ସୋସିଆଲ ମେଡିଆରେ ଭାଇରାଲ ହୋଇ ଚାଞ୍ଚଲ୍ୟ ଖେଳି ଯାଇଥିଲା।ଏକ ଭିଡିଓରେ ଓଡ଼ିଆ ଯୁବକଙ୍କୁ ଆକ୍ରମଣକାରୀ ମାନେ କଟୁରି ସାହାଯ୍ୟରେ ନୃଶଂସ ଭାବେ ଆକ୍ରମଣ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।ଯାହା ତାମିଲନାଡୁ ପୁଲିସ ଯୁବକଙ୍କୁ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କୁହାଯାଏ।ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଓଡ଼ିଆ ଯୁବକଙ୍କ ଠିକଣା ଓ ପରିଚୟ ପାଇଁ କଳାହାଣ୍ଡି ବିଭିନ୍ନ ପୁଲିସ ଷ୍ଟେସନରେ ଯୁବକଙ୍କ ଫୋଟୋ ସହ ଏଫଆଇଆର କପି ଛଡା ଯାଇଥିଲା।ଶେଷରେ ଯୁବକଙ୍କ ଠିକଣା ମିଳି ପାରିଥିବା ସୂଚନା ମିଳିଛି। ଗୋଲାମୁଣ୍ଡା ବ୍ଲକ ଖମାରହଳଦୀ ପଞ୍ଚାୟତ ଶୋଷିଆ ଗ୍ରାମର ସୁରଜ ଦୁର୍ଗା(୧୯)ହୋଇଥିବା ଜଣାପଡ଼ିଛି।ଖବର ପାଇ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନୋଜ କୁମାର ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଖମାରହଳଦୀ ସରପଞ୍ଚ ରବୀନ୍ଦ୍ର ମୁଣ୍ଡ, ପିଇଓ ବିଶ୍ୱ ରଞ୍ଜନ ପଣ୍ଡା ପ୍ରମୁଖ ଯୁବକଙ୍କ ବଡ଼ ବାପା ମାଆଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।ଘଟଣା ଉପରେ ଓଡ଼ିଶା ସରକାରଙ୍କ ସହିତ କଥା ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଯୁବକ ଜଣକ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଯୁବକ ଜଣକଙ୍କର ପରିବାରରେ ବାପା-ମାଁଙ୍କ ମୃତ୍ୟୁ ଦୀର୍ଘ ଦିନ ହେବ ମୃତ୍ୟୁବରଣ କରିଥିଲେ। ପରିବାର କହିଲେ କେବଳ ବଡ଼ ବାପା ଓ ମାଁ। ଦୀର୍ଘ ଦିନ ଧରି ଯୁବକ ଜଣକ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବରେ ରହିଥିବା ତାଙ୍କ ପରିବାର ପକ୍ଷରୁ ନିଖୋଜ ହୋଇ ଯାଇଥିଲେ। ଏହି ଘଟଣା ପରେ ଉକ୍ତ ଯୁବକଙ୍କ ପରିଚୟ ଜଣା ପଡ଼ିବା ପରେ ଯୁବକଙ୍କ ବଡ଼ ମାଁ ଓ ବଡ଼ ବାପାଙ୍କ ଘରେ ପ୍ରଶାସନ ଓ ରାଜନେତା ପହଞ୍ଚିଛନ୍ତି। ତେବେ ବ୍ଲକ ଅଧ୍ୟକ୍ଷ ପହଞ୍ଚି ଉକ୍ତ ପରିବାରକୁ ସମସ୍ତ ପ୍ରକାରର ସରକାରୀ ଯୋଜନା ଯୋଗାଇ ଦେବା ପାଇଁ ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଡ.ବି.ଆର ଆମ୍ବେଦକର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରୋଙ୍ଗାଲପାଲିକୁ ହରାଇ ରଏନଗୁଡା ଚାମ୍ପିଅନ୍

**କୋକସରା, ୪।୧(ସସିସ)**

କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଖେଳ ପଡ଼ିଆରେ ଭିମାରାଓ ଆମ୍ବେଦକର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ରୋଙ୍ଗାଲପାଲିକୁ ହରାଇ ରଏନଗୁଡା ଦଳ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛି। ରେଙ୍ଗାଲପାଲି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ୍ ସଂଗ୍ରହ କରିଥିଲା। ୧୧୨ ରନ୍‌ର ବିଜୟ ଲକ୍ଷ ନେଇ ରଏନଗୁଡା ଦଳ ପଡ଼ିଆକୁ ଓହ୍ଲାଇବ ଥିବା ବେଳେ ନିର୍ଦ୍ଧାରିତ ୧୨ ଓଭର ଖେଳି ୮ ଉଇକେଟ ହରାଇ ମ୍ୟାଚ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଥିଲା। ଫାଇନାଲ ଖେଳରେ କୁନା ମାଝୀ ଓ ସୁନୀଲ କୁମାର ମାଝୀ ଅମ୍ପାୟାର



ଭାବରେ ରହି ପରିଚାଳନା କରିଥିଲେ। ହେମନ୍ତ କୁମାର ନାଏକ ସ୍କୋର ବୋର୍ଡ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମୁନା ଧଙ୍ଗଡ଼ାମାଝୀ ଓ ଓମ୍ ପ୍ରକାଶ ଧଙ୍ଗଡ଼ାମାଝୀ ଧାରବିବରଣୀ ପ୍ରଦାନ କରିଥିଲେ।ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଭଜମନ ନାଏକ, ସନ୍ତୋଷ ମାଝୀ, ଅର୍ଜୁନ ଭାଟି, ଦୁର୍ଗାପ୍ରସାଦ ପ୍ରଧାନୀ, ସାମ୍ବାଦିକ ଜଗଦୀଶ ନାଏକ, ଅବସରପ୍ରାପ୍ତ ପୋଷ୍ଟାଲ କର୍ମଚାରୀ ବଲସିଂ ଧଙ୍ଗଡ଼ାମାଝୀ, ଧର୍ମାନନ୍ଦ ନାଏକ, ୱାର୍ଡ଼ ସଭ୍ୟ ନରହରି ସୁନା, ଏଡିଓ କର୍ପୁର ନାଏକ, ଲଳିତ ମୋହନ ନାଏକ, ଖେଳ ଶିକ୍ଷକ ବିଶ୍ୱମ୍ବର ଧଙ୍ଗଡ଼ାମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରଏନଗୁଡା ଦଳର କ୍ଷୀରସିନ୍ଧୁ ସୁନା ଓ ମ୍ୟାନ ଅଫ୍ ଦି ସିରିଜ୍ ରେଙ୍ଗାଲପାଲି ଦଳର ରାମ ଦୁର୍ଗା ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମର ମଞ୍ଚକୁ ଗଜିନ୍ଦ୍ର ନାଗ ସଂଯୋଜନା କରିଥିବା ବେଳେ ଆୟୋଜକ ଅନୁଷ୍ଠାନର ସଭାପତି କ୍ଷେତିରାମ ବାଗ, ସମ୍ପାଦକ ଗୁଲସନ କୁମାର ବାଗ, ସଞ୍ଜିବ କୁମାର ନାଏକ, ସୁରଜ୍ ସୁନା, ଚନ୍ଦନ ସୁନା, ତୁଳସୀ ରାମ ଦୁର୍ଗା ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଏସ୍‌ବିଆଇ ପକ୍ଷରୁ ସାଇକଲ ବଣ୍ଟନ



**ଗୋଲାମୁଣ୍ଡା, ୪।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଦରମହକୁମା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ୧୦ ଜଣ ଗରିବ ଝିଅମାନଙ୍କୁ ସିଏସଆର ଫଣ୍ଡରୁ ସାଇକେଲ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି, ଗୋଲାମୁଣ୍ଡା ଶାଖା ପରିଚାଳକ ଶିତାଂଶୁ ସେଖର ମୁଣ୍ଡ ପ୍ରମୁଖ ଉପସ୍ଥିତି ର ୧୦ ଜଣ ଝିଅ ତଥା ଖଲିଆକାନି ପାୟଲ ଟୋଲଟିଆ, ଦେବକୀ ଟୋଲଟିଆ, ରାହାସୀ ନାଗ ନକଟିକାନି ଭାରତୀ ମାଝୀ, ଅର୍ଚ୍ଚିତା ମାଝୀ, ସାବିତ୍ରୀ ମାଝୀ, ବର୍ଷା ମାଝୀ, ଆସନ୍ତି ତେଜି ପ୍ରମୁଖଙ୍କୁ ସାଇକଲ ବଣ୍ଟନ କରାଯାଇଥିଲା। ନୂତନ ସାଇକେଲ ପାଇବା ପରେ ଉତ୍ସାହ ସହ ବିଦ୍ୟାଳୟକୁ ଯିବା ଆସିବା ପାଇଁ ସୁବିଧା ହେବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଗୋଲାମୁଣ୍ଡାକୁ ଧନ୍ୟବାଦ ଅର୍ପଣ କରିଥିଲେ।




# ପାଣ ଗଣ୍ଡା ସମାଜ ସମ୍ପାଦକ ଅଟକ

ବୌଦ୍ଧ, ୪ା୧(ସମିସ): ବୌଦ୍ଧ ମହୋତ୍ସବରେ ଅତିଥି ଭାବେ ଆସୁଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ବିରୋଧ ପ୍ରଦର୍ଶନର ଧମକ ଦେଇଥିବା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କୁ ପୋଲିସ ଅଟକ ରଖିଛି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବୌଦ୍ଧରେ ପହଞ୍ଚିବା ପୂର୍ବରୁ ଶ୍ରୀ ଡାଙ୍ଗଙ୍କୁ ବଡ଼ିଗାଁ ଛକରେ ଟ୍ରାକ୍ କରି ପୋଲିସ ଅଟକ ରଖିଛି। ମନମୁଣ୍ଡା ଥାନା ଆଇଆଇସି ସୁସ୍ମିତା ମଗରଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ସେଠାରେ ଅଟକ ରଖିଛି। ଗତ ଶୁକ୍ରବାର ଦିନ ପରିଷଦ ପକ୍ଷରୁ ଜାଲ ଏସସି ପ୍ରମାଣ ପତ୍ର ଦେଇ ବିଧାୟକ ହୋଇଥିବା ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବୌଦ୍ଧ ଆସିଲେ ବିରୋଧ କରାଯିବ ବୋଲି ଜିଲ୍ଲାପାଳଙ୍କୁ ଭେଟି ସେ ଲିଖିତ ସୂଚନା ଦେଇଥିଲେ।

# ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର

ବୌଦ୍ଧ, ୪ା୧(ସମିସ): ବୌଦ୍ଧ ସହର ରାଜନ ପାଲିଠାରେ ଥିବା ମଦ ଭାଟି ମଧ୍ୟରୁ ଉଦ୍ଧାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ବୌଦ୍ଧ ପୁଲିସ ହସ୍ତାନ୍ତର କରିଛି। ବୌଦ୍ଧ ସହର ବାପୁଜୀ ନଗର ସାହିର ମନୋଜ ନାଏକ ଶନିବାର ଅପରାହ୍ନରେ ଘରୁ ବାହାରି ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବୌଦ୍ଧ ମହୋତ୍ସବ ଦେଖି ଯାଇଥିବା ସନ୍ଦେହ କରିଥିବା ବେଳେ ମଦଭାଟି ମଧ୍ୟରେ ମନୋଜ ଅଚେତ ଅବସ୍ଥାରେ ପଡ଼ିଥିବା ସୂଚନା ପାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତର ଖାନା ନେଇଥିଲେ। ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ବୌଦ୍ଧ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ୧୨ ବର୍ଷର ନାବାଳକଙ୍କୁ ଅପହରଣ



ପାଟଣାଗଡ଼, ୪ା୧ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନା କାଦୋପାଣି ଗାଁର କୁନୁ ବରିହା (୧୨) ନାମକ ଜଣେ ନାବାଳକଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗନୁସାରେ କାଦୋପାଣି ଗାଁର ସମାରୁ ବରିହାଙ୍କ ପୁଅ କୁନୁ ଶୁକ୍ରବାର ଅପରାହ୍ନ ୪ଟାରେ ଗାଁ ନିକଟସ୍ଥ ବ୍ରିଜ ନିକଟରେ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ। ପରେ ସେମାନେ ଜାଣିବାକୁ ପାଇଥିଲେ ଯେ ବ୍ରିଜ ନିକଟରୁ ୨ ଜଣ ଅଚିହ୍ନା ଯୁବକ ତାଙ୍କ ବାଇକରେ କୁନୁକୁ ବସାଇ ନେଇଛନ୍ତି। ଏନେଇ କୁନୁଙ୍କ ବାପା ଶନିବାର ଲାରମ୍ବା ଥାନାକୁ ଯାଇ ଅଭିଯୋଗ କରିଥିଲେ। ଲରମ୍ବା ଥାନାଧିକାରୀ ଭାନୁଶଙ୍କର ଯାଦବଙ୍କୁ ପଚାରିବାରୁ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି।

# ବ୍ଲକ ପ୍ରଶାସନ ତରଫରୁ ନବବର୍ଷ ବନ୍ଧୁମିଳନ

ଖପ୍ରାଖୋଲ, ୪ା୧(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକ ପ୍ରଶାସନ ତରଫରୁ ନବବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ପଦ୍ମ କୁମାର ସିଂ ବରିହା, ଥାନା ଅଧିକାରୀ ନରେନ୍ଦ୍ର ଛତର, ପବିତ୍ର ପଟେଲ, ବନବିଭାଗ ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏପିଓ ପ୍ରଶାନ୍ତ ସାହୁ, ପ୍ରତୀକ୍ଷା ସାହୁ, ବିକାଶ ବାର୍ଲା, କନିସ୍କ ବିଭାର, ସୂର୍ଯ୍ୟଭାନୁ ମେହେର, ରାମାନନ୍ଦ ବେହେରା, ମନୋଜ ସାହୁ, ଦେବେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରାଦ୍ଧ ଦିବସରେ ଭାଗୀରଥି ନେପାକଙ୍କ ସ୍ମୃତିଚାରଣ



ବଲାଙ୍ଗିର, ୪ା୧(ସମିସ): ଲେଖକମାନଙ୍କ ଲେଖନୀ ଏକ ଦୃଢ ମାଧ୍ୟମ। ସେହି ମାଧ୍ୟମରେ ସତ୍ୟ, ଅହିଂସା ପ୍ରତିଷ୍ଠା କରାଯାଇ ସମାଜକୁ ଦିଗ୍ ଦର୍ଶନ ଦିଆଯାଇ ପାରିବ। ଭାଗୀରଥି ନେପାକଙ୍କ ୨୦ତମ ଶ୍ରାଦ୍ଧ ଦିବସରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ ମୁଖ୍ୟ ଅତିଥି ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭାଗୀରଥି ନେପାକଙ୍କ ପାଣ୍ଡୁଲିପିଗୁଡିକୁ ପ୍ରକାଶିତ କରି ପାରିଲେ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଏହି ସଭାର ସୁରେନ୍ଦ୍ର ନେପାକ ଯୋଗଦେଇ ଭାଗୀରଥି ନେପାକଙ୍କ ପାଣ୍ଡୁଲିପି ଉପରେ ଆଲୋପକାତ କରିଥିଲେ। ତାଙ୍କ ପ୍ରତି ଅତି ଆହୁରି ଗବେଷାର ଆବଶ୍ୟକ ଅଛି ବୋଲି କହିଥିଲେ। ଏହି ସମାରୋହରେ ଡ. ଗୋବର୍ଦ୍ଧନ ନାୟକଙ୍କୁ ସରସ୍ୱତୀ ପୁତ୍ର ଭାଗୀରଥି ନେପାକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଆଦର୍ଶ ଶିକ୍ଷକ ପ୍ରାଣବନ୍ଧୁ ନାୟକ ଓ ତାଙ୍କ ପତ୍ନୀଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଭ୍ୟ ସୁଧିର ମିଶ୍ରଙ୍କ ପରଲୋକରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଡ. ପ୍ରେମଚାନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମଧୁ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ତୁଡେନ୍ଦ୍ର ବେହେରା, ସୁନାଧର ବନଛୋର, ଅବନାଶ ନେପାକ, ଶୁଭମ ସାହୁ, ଜିତେନ୍ଦ୍ର ସୁନା, ମାଳତୀ ଉଦ୍‌ଗାତା, ବିଶ୍ୱନାଥ ମିଶ୍ର, କସ୍ତୁରୀ ରଥ, ଅନୁପ୍ରିୟା ମିଶ୍ର, ରାଜଶ୍ରୀ ତ୍ରିପାଠି, ଚନ୍ଦ୍ରମା ହୋତା, ରତ୍ନମୟ ତ୍ରିପାଠି ଓ ମଦନ ମୋହନ ରଥ ସହଯୋଗ କରିଥିଲେ। ଶେଷରେ ଡା. ଅଶୋକ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନକିଣାରେ ଅବହେଳା, ଅବ୍ୟବସ୍ଥା

- ୩ ସମ୍ପାଦକ, ୨ ଅତିରିକ୍ତ ସମ୍ପାଦକଙ୍କ ଭରସାରେ ୧୧ ମଣ୍ଡି
- ଅଧିକାରୀଙ୍କ ଅନୁପସ୍ଥିତିରେ ଡିଇଓ, ପିଅନ ସହ ବେପାରୀଙ୍କ ରାଜୁତି
- ଚାଷୀଙ୍କ ପାଇଁ ଅନେକ କଟକଣା, ବେପାରୀଙ୍କୁ ଖୋଲା ସମର୍ଥନ
- ଚାଷୀ ଶୋଷିତ, ଲାଭବାନ ବେପାରୀ ଓ ପାକ୍ସ କର୍ମଚାରୀ



ବଲାଙ୍ଗିର, ୪ା୧(ସମିସ)

ବଲାଙ୍ଗିର ଜିଲ୍ଲାରେ ଏମିତି ଚାଲିଛି ଧାନକିଣା। କିଛି ଦିନର ସ୍ୱାଭାବିକ ଧାନକିଣା ପରେ ଏବେ ଅନିୟମିତତା ଅଭିଯୋଗ ଆସିବା ଆରମ୍ଭ ହୋଇଛି। ଧାନମଣ୍ଡିରେ ବେପାରୀଙ୍କ ଧାନକୁ ଅଗ୍ରାଧିକାର ଦିଆଯାଉଛି। ଚାଷୀ କିନ୍ତୁ ଧାନ ବିକିବାରେ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ଲୋଇସିଂହା ବ୍ଲକରେ ଥିବା ମଣ୍ଡିରେ ଏହି ସମସ୍ୟା ଏବେ ଗୁରୁତର ହୋଇଛି। ମାତ୍ର ୩ ପେକ୍ସ ସମ୍ପାଦକରେ ୧୦ଟି ମଣ୍ଡି ଚାଲିଛି। ମଣ୍ଡିରେ ଡିଇଓ ଓ ପିଅନଙ୍କ ଦ୍ୱାରା ମନଇଚ୍ଛା ଧାନ ବିକ୍ରି ଚାଲିଛି। ବେପାରୀମାନଙ୍କ ସହ ମିଶି ଏହି କର୍ମଚାରୀମାନେ ଧାନ ବ୍ୟବସାୟ କରୁଛନ୍ତି। ଏମାନେ ଚାଷୀଙ୍କୁ ହଇରାଣ କରୁଥିବା ଗୁରୁତର ଅଭିଯୋଗ ହୋଇଛି। ଏହା ସହ ସମ୍ପାଦକ ଦାୟିତ୍ୱରେ ଥିବା ଅତିରିକ୍ତ ସମ୍ପାଦକଙ୍କୁ ମଧ୍ୟ ଏକାଧିକ ପେକ୍ସ ଦାୟିତ୍ୱ ଦିଆଯାଇଛି। ଏଣୁ ସେହି ପେକ୍ସରେ ବି ପିଅନ ଓ ଡିଇଓମାନେ ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ଥିବା ୨୦ ପଞ୍ଚାୟତର ଚାଷୀଙ୍କ ପାଇଁ ୧୦ଟି ପ୍ରାଥମିକ ସମବାୟ ସମିତି ରହିଛି। ୧୧ଟି ମଣ୍ଡିର ବ୍ୟବସ୍ଥା କରାଯାଇଛି। ଏହି ୧୧ଟି ମଣ୍ଡି ପାଇଁ ମାତ୍ର ୩ ସ୍ଥାୟୀ ସମ୍ପାଦକ ରହିଛନ୍ତି। ଶୁଣିବାକୁ ଟିକେ ଅଜବ ଲାଗୁଥିଲେ ମଧ୍ୟ ଧାନକିଣା ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବା ପାଇଁ ଅଧିକାରୀଙ୍କ ଅଭାବର ସୁଯୋଗ ନେଉଛନ୍ତି ଅସ୍ଥାୟୀ କର୍ମଚାରୀ ଓ ଧାନବେପାରୀ। ବ୍ଲକରେ ଥିବା ସଦର ପେକ୍ସ ଦାୟିତ୍ୱରେ ଜଣେ ଅତିରିକ୍ତ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଲୋଇସିଂହା ସଦର ସହ କୁଶମେଲ ପେକ୍ସ ଭାରାପ୍ରାପ୍ତ ସମ୍ପାଦକ ଦାୟିତ୍ୱରେ ମଧ୍ୟ ରହିଛନ୍ତି। ଏହାଫଳରେ କୁଶମେଲ ପେକ୍ସରେ ସେଠାକାର ଡିଇଓ ଅନିଲ ସାହୁ ଓ ଲୋଇସିଂହା ପେକ୍ସରେ ଅସ୍ଥାୟୀ ପିଅନ ସନ୍ତୋଷ ଭୂୟାଁ ହିଁ ଧାନକିଣା ମୁଖ୍ୟ ଦାୟିତ୍ୱ ନେଇ ତାଙ୍କ ମନଇଚ୍ଛା ଧାନ କିଣୁଥିବା ଅଭିଯୋଗ ହୋଇଛି। ସେହିପରି ବୁର୍ଡା, ବାଦିବାହାଲ ଓ ଯୋଗିସର୍ଡା ସମବାୟ ସମିତି ପେକ୍ସ ସମ୍ପାଦକ ଦାୟିତ୍ୱରେ ଘନଶ୍ୟାମ ପୁଟା ରହିଛନ୍ତି। ସେ ଯୋଗୀସର୍ଡା ପେକ୍ସ ସମ୍ପାଦକ। ବୁର୍ଡା ଓ ବାଦିବାହାଲର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଏହା ଫଳରେ ସେ ଯୋଗୀସର୍ଡାରେ ଅଧିକ ସମୟ ବିତାଉଛନ୍ତି। ତାହାର ସୁଯୋଗ ନେଇ ବୁର୍ଡା ପେକ୍ସରେ ଡିଇଓ ରଞ୍ଜନ କୁମ୍ଭାର ମନମୁଖୀ କାରବାର ଚଳାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଡିଇଓଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ରହିଛି।

## ଲୋଇସିଂହା ବ୍ଲକ୍

ତାଙ୍କ ଉପରେ କିନ୍ତୁ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ବିଭାଗୀୟ ଅବହେଳାକୁ ଲଚାଇବାକୁ ଯାଇ ତାଙ୍କୁ ସୁରକ୍ଷା ଦିଆଯାଉଛି। ୨ ଜଣ ପେକ୍ସ ନିର୍ଦ୍ଦେଶକ ଧାନ ବେପାରୀ ସାଜିଛନ୍ତି। ଡିଇଓଙ୍କ ସହ ମିଶି ଧାନକିଣା ଅନିୟମିତତା ଚଳାଇଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ବାଦିବାହାଲରେ ଧାନକିଣା ବ୍ୟବସ୍ଥା କରାଯାଇଛି। ଏଠାରେ କିନ୍ତୁ କୌଣସି ଅଧିକାରୀ କି କର୍ମଚାରୀ ନାହାନ୍ତି। ଏଣୁ ବେପାରୀଙ୍କ ଦ୍ୱାରା ଧାନ କିଣାଯାଉଛି। ସେହିପରି ସରଗାଡ ଓ ରେଙ୍ଗାଲି ପେକ୍ସ ଦାୟିତ୍ୱରେ ଅତିରିକ୍ତ ସମ୍ପାଦକ ସୁବାସ ମଟାରୀ ରହିଛନ୍ତି। ଏହାର ସୁଯୋଗ ନେଇ ଉଭୟ ପେକ୍ସରେ ରେଙ୍ଗାଲି ଡିଇଓ ଅରବିନ୍ଦ ପଧାନ ଓ ସରଗାଡ ଡିଇଓ ଧାନକିଣାରେ ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ବାଦିମୁଣ୍ଡା ଓ ଗଡ଼ଶଙ୍କର ଡୁଙ୍ଗୁରିପାଲି ପେକ୍ସ ଦାୟିତ୍ୱରେ ଶୋଭାବନ ପଧାନ ରହିଛନ୍ତି। ଏହି ପେକ୍ସରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ସେହିପରି କନ୍ଧାପୁରୀ ଓ କୁଶଙ୍ଗ ପେକ୍ସରେ ଦୁର୍ଗାମାଧବ କଲତା ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। କୁଶଙ୍ଗ ପେକ୍ସରେ ଡିଇଓ ଓ ପିଅନଙ୍କ ଅନୁସାରେ ଧାନକିଣା ଚାଲିଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ଧାନକୁ ବେପାରୀଙ୍କ ଜରିଆରେ ପେକ୍ସରେ କିଣାଯାଉଛି। ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିବାରୁ କୌଣସି ଚଢଉ କିମ୍ବା ଯାଞ୍ଚ ହେଉନାହିଁ। ଏହାର ସୁଯୋଗ ନେଇ ନିର୍ଦ୍ଦିଷ୍ଟ କିଛି ବେପାରୀଙ୍କ କିଣାଧାନ ମିଲ୍‌କୁ ଯାଉଛି। ତେବେ ଜିଲ୍ଲାରେ ଧାନକିଣା ଠିକଠାକ୍ ଚାଲିଥିବା ପ୍ରଶାସନ କହୁଛି। ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ତେବେ ଏହା ଗୋଟିଏ ବ୍ଲକର ଦୃଶ୍ୟ। ଏହିଭଳି ପ୍ରାୟ ସମସ୍ତ ବ୍ଲକରେ ସମାନ ଅବସ୍ଥା। ଏହାର ସୁଯୋଗ ନେଇ ବେପାରୀ, ମିଲ୍ ଏଜେଣ୍ଟ ଓ ପେକ୍ସ କର୍ମଚାରୀ ଲାଭବାନ ହେଉଛନ୍ତି। ଚାଷୀ କିନ୍ତୁ ଶୋଷଣର ଶିକାର ହେଉଛନ୍ତି।

# ବୌଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟା

- ମଣ୍ଟୁ ଛୁରିଆଙ୍କ ଗୀତର ତାଳେ ତାଳେ ଝୁମିଲେ ଦର୍ଶକ



ବୌଦ୍ଧ, ୪ା୧(ସମିସ): ବୌଦ୍ଧ କଚେରୀ ପଡ଼ିଆରେ ଚାଲିଥିବା ବୌଦ୍ଧ ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ପୂର୍ବତନ ବିଧାୟକ ସଚିଦାନନ୍ଦ ଦଲାଲ ମଧ୍ୟ ମଞ୍ଚାସୀନ ଥିଲେ। ତୃତୀୟ ସନ୍ଧ୍ୟାର ଆକର୍ଷଣ ଥିଲେ ପଶ୍ଚିମ ଓଡ଼ିଶାର ଅନ୍ୟତମ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ। ମଣ୍ଟୁଙ୍କ ଗୀତର ତାଳେ ତାଳେ ଦର୍ଶକ ଶୀତୁଆ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ।

# ବୌଦ୍ଧର ପରିବର୍ତ୍ତିତ ଜଳବାୟୁକୁ ନେଇ ଚିନ୍ତା

ବୌଦ୍ଧ, ୪ା୧(ସମିସ): ବୌଦ୍ଧ ଜିଲ୍ଲା ଗଠନର ୩୨ ବର୍ଷରେ ପଦାର୍ପଣ କରିଛି; ହେଲେ ବୌଦ୍ଧ ଜିଲ୍ଲାର ଇତିହାସ ଅଧିକ ମାତ୍ରାରେ ଲୋକ ଲୋଚନକୁ ଆସିପାରି ନାହିଁ। ସେହିପରି ଗତବର୍ଷ ଏସିଆ ମହାଦେଶର ଉତ୍ତପ୍ତ ସହର ଭାବେ ବୌଦ୍ଧ ଦ୍ୱିତୀୟ ନମ୍ବରରେ ଥିଲା। ଏହା ବୌଦ୍ଧ ଜିଲ୍ଲାର ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ହୋଇଛି। ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଅନୁଷ୍ଠିତ ଏକ ଆଲୋଚନାଚକ୍ର ଏହି ମତ ପ୍ରକାଶ ପାଇଛି। ଏଥିରେ ଗବେଷକ ବିଶ୍ୱେଶ୍ୱର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଯୁବ ଗବେଷକ ସତ୍ୟନାରାୟଣ ପାଣି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଉଦ୍‌ଘାଟନ କରିଥିଲେ। ଆଲୋଚକ ଭାବେ ଡ. ଦଧିବାବନ ମିଶ୍ର, ଡ ଅତୁଳ ପ୍ରଧାନ ଯୋଗ ଦେଇଥିଲେ। ଇତିହାସ ଗବେଷକ ଭାବେ ଡ. ଅମରେଶ ପ୍ରଧାନ, ସଦାନନ୍ଦ ମାହାର ଓ ଡ. ସଞ୍ଜୟ ପଣ୍ଡାଙ୍କ ସହ ଅନେକ ବୁଦ୍ଧିଜୀବୀ ଯୋଗଦେଇ ଥିଲେ। ଦ୍ୱିତୀୟ ଅଧିବେଶନରେ ପର୍ଯ୍ୟାବରଣ ଉପରେ ଆଲୋଚନା ହୋଇଥିଲା। ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ଗ୍ରୀନ ଓଡ଼ିଶା ଅଧ୍ୟକ୍ଷ ଡ. ପ୍ରକାଶ ଜେନା, ଡ ପ୍ରବୀର ଦାସ, ଡ. ସଞ୍ଜୟ ପଣ୍ଡା, ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଗୋଛାୟତ ଓ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ସୁଦର୍ଶନ ବାଦୀ ଯୋଗଦେଇ ବୌଦ୍ଧ ଜିଲ୍ଲାର ପରିବେଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଗତ ଗ୍ରୀଷ୍ମରେ ବୌଦ୍ଧ କାହିଁକି ଏସିଆ ମହାଦେଶର ଦ୍ୱିତୀୟ ଉତ୍ତପ୍ତ ସହର ହୋଇଥିଲା ଓ ତାର ନିରାକରଣ ଉପରେ ଆଲୋଚନା କରାଯାଇଥିଲା। ଏହାକୁ ମୁକାବିଲା କରିବାକୁ ହେଲେ ମୁଖତଃ ବାୟୁ ପ୍ରଦୂଷଣ ଓ ଅନ୍ୟାନ୍ୟ ପ୍ରଦୂଷଣ ନିରାକରଣ ତଥା ଚାରାରୋପଣ, ଜଙ୍ଗଲ ସୁରକ୍ଷା ଓ ସନ୍ତୁଳିତ ଜୀବନ ଶୈଳୀର ପ୍ରବର୍ତ୍ତନ କରିବାକୁ ପଡ଼ିବ ବୋଲି ସମସ୍ତେ ମତ ରଖିଥିଲେ। ସଞ୍ଜୟ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ପ୍ରସ୍ତାବିତ ନନ୍ଦନବନ ପ୍ରକଳ୍ପର ପୂର୍ବ ଆୟତନ ସହ ଗୋପ, ବୃନ୍ଦାବନ, ମଥୁରା ଓ କେଳାକଟା ଆଦିକୁ ଯୋଗ କରି ଡିପିଆର ନବୀକରଣ ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବାକୁ ଆବାହକ କୃତ୍ତିବାସ ପଲିଆ ଅନୁରୋଧ କରିଥିଲେ। ନନ୍ଦନବନ ସମୀପ ଗୋପ, ମଥୁରା, ବୃନ୍ଦାବନ ଓ କେଳାକଟାରେ ସାଂସ୍କୃତିକ ଐତିହ୍ୟ ରହିଛି। ଏଣୁ ବୌଦ୍ଧକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ କେଳାକଟା ଭୀମ ପାହାଡ଼ରେ ଭଗବାନ ବୁଦ୍ଧଙ୍କ ୧୦୮ ଫୁଟ ଉଚ୍ଚର ପ୍ରସ୍ତର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖା ଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅତିଥି ସ୍ୱାଗତ କରିଥିଲେ। ଆଲୋଚନାଚକ୍ରର ଆବାହକ ତଥା ସିଦ୍ଧାର୍ଥ ସାହିତ୍ୟ ସଂସଦ ସମ୍ପାଦକ କୃତ୍ତିବାସ ପଲିଆଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ହୋଇଥିଲା। ଅରୁଣ ପ୍ରଧାନ, ଶିକ୍ଷକ ଶମ୍ଭୁ ଗିରି, ସନ୍ତୋଷ କର୍ଣ୍ଣ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ର କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ।

- ଆସିଲେନି ମୋହନ

# ଉଦ୍‌ଘାଟନ ହୋଇପାରିଲାନି ବୌଦ୍ଧ ଜିଲ୍ଲା ନୂତନ ଡାକ୍ତରଖାନା

ବୌଦ୍ଧ, ୪ା୧(ସମିସ): ବୌଦ୍ଧରେ ନବ ନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ଡାକ୍ତରଖାନା ରବିବାର ଉଦ୍‌ଘାଟନ ହୋଇପାରିନାହିଁ। ରବିବାର ବୌଦ୍ଧ ମହୋତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେଇ ଏହି କୋଠାର ଉଦ୍‌ଘାଟନ କରିବାର ଥିଲା। ଏଥିପାଇଁ ଡାକ୍ତରଖାନା ସଜେଇ ହୋଇ ରହିଛି; ହେଲେ ଶନିବାର ରାତିରେ ହଠାତ୍ ମୁଖ୍ୟମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ ବାତିଲ ହୋଇ ଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବାତିଲ ହୋଇ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଞ୍ଚ ନିର୍ମାଣ ଓ ସାଜସଜ୍ଜା, ଫଳକ ସ୍ଥାପନ ଓ ଫୁଲମାଳରେ ଡାକ୍ତରଖାନାକୁ ସଜାଇବା କାମ ବନ୍ଦ ହୋଇ ନ ଥିଲା। ଶନିବାର ଦିନରାତି ଓ ରବିବାର ସକାଳେ ମଧ୍ୟ ସାଜସଜ୍ଜା କାମ ଜୋର ସୋରରେ ଚାଲିଥିଲା। ସବୁ ଆୟୋଜନ ଶେଷରେ ଫସର ଫାଟଇଛି। ଜିଲ୍ଲାରେ ବିଜେପିର ଦଳୀୟ କନ୍ଦଳ ତଥା ନେତୃତ୍ୱଙ୍କ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ନବ ନିର୍ମିତ ଡାକ୍ତରଖାନା କୋଠା ଉଦ୍‌ଘାଟନରୁ ବଞ୍ଚିତ ହୋଇଛି।

# ଟିଟିଲାଗଡ଼ ଆଥଲେଟିକ ଆସୋସିଏସନ୍‌ର ସାଧାରଣ ସଭା



ଟିଟିଲାଗଡ଼, ୪ା୧(ସମିସ): ଟିଟିଲାଗଡ଼ ଆଥଲେଟିକ ଆସୋସିଏସନ୍‌ରର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଧାକାନ୍ତ ପାଢ଼ୀ ସ୍ୱାଗତ ଅଭିଭାଷଣ ସହ ସଂଘର କାର୍ଯ୍ୟକଳାପ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ରମାନାଥ ଖମାରୀ ବାର୍ଷିକ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଗତ ମାସରେ ବଲାଙ୍ଗୀର ଜିଲ୍ଲା ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଟିଟିଲାଗଡ଼ ସଂଘ ପକ୍ଷରୁ ୪୨ ଜଣ ଖେଳାଳି ଅଂଶଗ୍ରହଣ କରିଥଲେ। ସେମାନଙ୍କ ମଧ୍ୟରୁ ୩ ଜଣ ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିଲେ। ସଂଘ ପକ୍ଷରୁ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ମାରାଥନ ଦୌଡ଼ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସଭ୍ୟ ହରିଶ ରାୟଠାତାଙ୍କୁ ସାଙ୍ଗଠନିକ ସମ୍ପାଦକ ଓ ଦୀପକ ସମାଜଦାରଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ପଦ୍ମନାଭ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବଳୟା ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ



ବୀରମହାରାଜପୁର, ୪ା୧(ସମିସ): ବୀରମହାରାଜପୁର ବ୍ଲକ ସୁବଳୟା ହରିହର ଯୋର ଆମ୍ବ ତୋଟାଠାରେ ସୁବଳୟା ହାଇସ୍କୁଲ ୧୯୯୦ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞେଶ୍ୱର ନାଏକ, ସରୋଜ ବାରିକ, ଆମ୍ବରୀଶ ନାଏକ, ଭୀମ ମେହେର, ହଜାରୀ ମେହେର, ଶୁଭ୍ରାଂଶୁ ପଧାନ, ଯଶୋବନ୍ତ ମେହେର, ଅଲେଖ ମହାକୁଡ, ସୁନୀଲ ଅଗ୍ରୱାଲ, ଏକା ମେହେର, ଲବ ଥନାପତି, କର୍ଣ୍ଣରାଜ ପଧାନ, ସନ୍ତୋଷ ଷଡ଼ଙ୍ଗୀ, ନବକୃଷ୍ଣ ମେହେର, ଶେଷଦେବ ବାରିକ, ସୁଦେଷ୍ଣା ମିଶ୍ର, ଜାହ୍ନବୀ କର୍ମୀ ଓ ପଙ୍କଜିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ହରଭଙ୍ଗା ସିଡିପିଓ ଅଫିସରେ ଲାଗିଛି ଘରୋଇ ଗାଡ଼ି

ହରଭଙ୍ଗା, ୪ା୧(ସମିସ)




ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟରେ ଘରୋଇ ନମ୍ବର ଥିବା ଏକ ଗାଡ଼ି (ଓଡି-୨୭-ଇ-୧୫୭୯) ଭଡାରେ ଲାଗିଛି। ଏହି ଗାଡିରେ ସିଡିପିଓ ନିଜ ବିଭାଗର ଫଳକ ଲଗାଇ ଆରାମରେ ବୁଲୁଛନ୍ତି। ସରକାରୀ ଅଫିସରେ ଏଭଳି ବେନିୟମ କାର୍ଯ୍ୟ ଚାଲିଥିବା ସତ୍ତ୍ୱେ ବଡ ବାବୁଙ୍କ ବି ନଜର ପଡୁନାହିଁ। ତେବେ ସରକାରୀ ଅଫିସରେ ଲାଗୁଥିବା ଗାଡିଗୁଡିକ ପାଇଁ ସ୍ୱତନ୍ତ୍ର ଏସ୍‌ଓପି ରହିଛି। ଟ୍ୟାକ୍ସି ନମ୍ବର ଥିବା ଗାଡିଗୁଡିକ ଟେଣ୍ଡର ମାଧ୍ୟରେ ମାସିକିଆ ଭଡ଼ା ଅନୁଯାୟୀ ଭଡାରେ ଲଗାଇବାକୁ କଡାକଡି ନିୟମ ରହିଛି; ମାତ୍ର ଏତେସବୁ କଡାକଡି ନିୟମ ସତ୍ତ୍ୱେ ହରଭଙ୍ଗା ସିଡିପିଓଙ୍କ କାର୍ଯ୍ୟାଳୟରେ କିଭଳି ଏହି ଘରୋଇ ଗାଡି ଭଡାରେ ଲାଗିଛି ତାହା ଆଶ୍ଚର୍ଯ୍ୟ କରିଛି। ସବୁଠୁ ବଡ଼ କଥା ହେଉଛି ଏ ନେଇ କିଭଳି କାହାରି ଦୃଷ୍ଟି ପଡୁନି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ମଧ୍ୟ କିଭଳି ଏହା ଦେଖୁ ନାହାନ୍ତି ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି। ଏଥିରୁ ଜଣା ପଡୁଛି ସମସ୍ତେ ଜାଣିଛନ୍ତି; ହେଲେ କାର୍ଯ୍ୟାନୁଷ୍ଠାନ ନେବାକୁ ପଚଘୁଞ୍ଚା ଦେଉଛନ୍ତି। ଏ ସମ୍ପର୍କରେ ବୌଦ୍ଧ ଆରଟିଓ ଆଶ୍ୱସନା ସାହୁଙ୍କୁ ପଚାରିବାରୁ ଗାଡିଟି ନନ୍ ଟ୍ରାନ୍ସପୋର୍ଟ ପଞ୍ଜିକରଣ ରହିଛି। କାଗଜପତ୍ର ଯାଞ୍ଚ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ଏ ସମ୍ପର୍କରେ ଜାଣିବାକୁ ହରଭଙ୍ଗା ସିଡିପିଓ ଦୀପ୍ତିମୟୀ ପାତ୍ରଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ନାଟ୍ୟକ୍ରାନ୍ତିର ବାର୍ଷିକ ଉତ୍ସବ



ବଲାଙ୍ଗିର, ୪ା୧(ସମିସ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ନାଟ୍ୟକ୍ରାନ୍ତିର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପ୍ରଥମେ ସ୍ୱର୍ଗତ ସଞ୍ଜୟ ଶେଖର ଭୋଇଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇ ମଞ୍ଚ ସମର୍ପଣ କରାଯାଇଥିଲା। ଡ. ଯୋଗେଶ୍ୱର ସାହୁ, ପ୍ରଫେସର ତରୁଣ ମିଶ୍ର, ରାଜେନ୍ଦ୍ର ଶର୍ମା, ସୁରେନ୍ଦ୍ର ତ୍ରିପାଠି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୋଶଲି ଚଳଚ୍ଚିତ୍ର 'ନୋ ଗିଲ୍‌ଟ ନୋ ସରି' ପ୍ରଦର୍ଶିତ ହୋଇଥିଲା। ଅବଦୁଲ ଜମାଲ ଖାନ କାହାଣୀ, ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଥିଲେ। ଆକ୍ରମ ଦୁରାନି, ବନ୍ଦନା, ସଙ୍ଗୀତା ଦାଶ, ତରୁଣ ମିଶ୍ର, ସୁରେନ୍ଦ୍ର ତ୍ରିପାଠି, ଧିରେନ୍ଦ୍ର ସିଂଦେଓ, ନିଳାଚଳ ଚିରଗୁନ, ବିମଳ ଚକ୍ରବର୍ତ୍ତି, ଗୁରୁଦାଶ ସିଂ, ଶରତ ହୋତା, ସତ୍ୟ ସିଂଦେଓ, ସୌରଭ ଶତପଥୀ ପ୍ରମୁଖ ଅଭିନୟରେ ଥିଲେ। ଅଜିତ ପ୍ରଧାନ ସହ ନିର୍ଦ୍ଦେଶନାରେ ଥିଲେ। ରାମ ସାହୁ ଚିତ୍ର ଉତ୍ତୋଳନ ଓ ସମ୍ପାଦନାରେ ଥିଲେ। କ୍ରିଷ୍ଣା ସାହୁ ସଙ୍ଗୀତରେ ଥିଲେ। ଏହି ଅବସରରେ ଏକ ଜମାଲ ଖାନଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଟୁଟା ହୁଆ ସିତାରା' ପ୍ରଦର୍ଶିତ ହୋଇଥିଲା। ଏଥିରେ ଜମାଲ ଖାନ ଓ ସଙ୍ଗୀତା ଦାଶ ଅଭିନୟ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ
ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

## ଏଆଇର ଆତଙ୍କ

ପୁଣି ଥରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଦୁରୁପଯୋଗ ଉଦ୍‌ବେଗ ଓ ଆତଙ୍କ ସୃଷ୍ଟି କରିଛି। ବିଶ୍ୱର ସର୍ବବୃହତ୍ ବିତ୍ତଶାଳୀ ଏଲନ୍ ମସ୍କଙ୍କ ପରିଚାଳିତ ସାମାଜିକ ଗଣମାଧ୍ୟମ ଏକ୍ସ(ଟ୍ୱିଟର)ର ଏଆଇ ପରିଚାଳିତ 'ଗ୍ରୋକ୍' ମହିଳାମାନଙ୍କ ଫଟୋକୁ ବିବସ୍ତ୍ର କରିବା ପାଇଁ ପୁରୁଷମାନଙ୍କୁ ଉସ୍‌କାଉଥିବା ଜଣାପଡ଼ିବା ପରେ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ଏକ୍ସ'ର ଏଭଳି ଅଶ୍ଳୀଳ ଓ ଅଭଦ୍ରୋଚିତ କାର୍ଯ୍ୟକଳାପକୁ ଭାରତ ସରକାର ମଧ୍ୟ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନ ଓ ନୀତିନିୟମର ଅନୁପାଳନର ଉଲ୍ଲଙ୍ଘନ ହୋଇଛି କି ନାହିଁ ସେ ସମ୍ପର୍କରେ 'ଏକ୍ସ'କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ବିରୋଧାଭାସ କେତେଦିନ ଜାରି ରହିବ, ଭାରତ ସରକାର 'ଏକ୍ସ' ବିରୋଧରେ କେତେ କଠୋର ହୋଇପାରିବେ ଏବଂ 'ଏକ୍ସ' ଏହି ନୋଟିସ୍‌କୁ କେତେ ଗୁରୁତ୍ୱ ଦେବ ତାହାକୁ ନେଇ ଅତୀତର ଅଭିଜ୍ଞତାରୁ ସନ୍ଦେହ ସୃଷ୍ଟି ହେଉଛି। କାରଣ ଅତୀତରେ ଏଭଳି ଅନେକ ଘଟଣାରେ 'ଟ୍ୱିଟର' ବା 'ଏକ୍ସ' ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ ଓ ନୀତି ନିୟମକୁ ଭାରତୀୟ ଅଦାଲତରେ ହିଁ ଆହ୍ୱାନ ଦେଇଛି।

ଏବେ ଏଆଇର ପ୍ରାଦୁର୍ଭାବ ଓ ଆତଙ୍କରାଜ ଏତେ ତ୍ୱରିତ ବେଗରେ କାୟାବିସ୍ତାର କରି ଚାଲିଛି ଯେ ଆତ୍ମପରିଚୟ, ଆତ୍ମପ୍ରଶଂସାର ଉନ୍ମାଦରେ ଆମେ ସାମାଜିକ ଗଣମାଧ୍ୟମରେ ଅହରହ ପୋଷ୍ଟ କରିଚାଲିଥିବା ଫଟୋ ଓ ଭିଡିଓଗୁଡ଼ିକ ମଧ୍ୟରୁ କେତେବେଳେ କାହା ଫଟୋ ବିକୃତ ଓ ଅଶ୍ଳୀଳ ରୂପରେ ଗଣମାଧ୍ୟମର ମଞ୍ଚମାନଙ୍କରେ ଆତ୍ମପ୍ରକାଶ କରିବ ତାହା ଅଭାବନୀୟ। ଏଆଇ ବିକଶିତ ନକଲି ଫଟୋ ଓ ଭିଡିଓଗୁଡ଼ିକ ଏତେ ନିଖୁଣ ଓ ତ୍ରୁଟିଶୂନ୍ୟ ଯେ ହଠାତ୍ ସାଧାରଣ ଆଖି ଧୋକା ଖାଇଯିବା ନିଶ୍ଚିତ। ମନରେ ଥରେ ସେହି 'ଡିପ୍‌ଫେକ୍' ଭିଡିଓ ବା ଫଟୋଚିତ୍ର ପ୍ରତି ବିଶ୍ୱାସ ଜନ୍ମ ନେଲେ ଧାରଣାକୁ ବଦଳାଇବା ଏତେ ସହଜ ନୁହେଁ। ଏହାଫଳରେ ପାରିବାରିକ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି ଏବଂ କେତେକ କ୍ଷେତ୍ରରେ ଲଗାମହୀନ ଓ ଅସଂଯମୀ ଯୁବକଯୁବତୀ ଅସଲରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥାଇ ମଧ୍ୟ ଏଆଇ ଉପରେ ଦୋଷ ଲଦି ଦେଇ ନିଷ୍କଳଙ୍କ ହେବାର ଅପଚେଷ୍ଟା କରୁଛନ୍ତି। ତେଣୁ ପରିସ୍ଥିତି ଆଗକୁ କିଭଳି ଭୟଙ୍କର ହେବାକୁ ଯାଉଛି ଏବେ ତାହାର କେବଳ ନମୁନା ହିଁ ଆମେ ଦେଖୁଛେ।

ଏଠାରେ ଦୁଇଟି ପ୍ରସଙ୍ଗ ଆଲୋଚନାର ଅପେକ୍ଷା ରଖୁଛି। ପ୍ରଥମତଃ, ଏଆଇ କ'ଣ ନିୟନ୍ତ୍ରଣମୁକ୍ତ ଓ ଅପରାଜେୟ? ଦ୍ୱିତୀୟତଃ, ସାମାଜିକ ଗଣମାଧ୍ୟମ ସଂସ୍ଥା କ'ଣ ଆଇନ କାନୁନର ଊର୍ଦ୍ଧ୍ୱରେ? ପ୍ରଥମ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ ଇଣ୍ଟରନେଟ୍ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ଆଇନକାନୁନ ଅଧୀନରେ ନୁହେଁ। ତେଣୁ ଏହାକୁ ସାହାରା କରି ଏବଂ ଏଆଇକୁ ଉପଯୋଗ କରି ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ସେମାନଙ୍କ ବଜାରଅଂଶ ବୃଦ୍ଧି କରି ଚାଲିଛନ୍ତି। ଏଥିରେ ଯେକୌଣସି ଦେଶର ରାଷ୍ଟ୍ରମୁଖ୍ୟ, ଶାସନମୁଖ୍ୟ, ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ଚରିତ୍ରସଂହାର ଉପକ୍ରମରୁ ବାଦ୍ ପଡୁନାହାନ୍ତି। ଏପରିକି ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଏଆଇର ଅବାଧ ସମ୍ପ୍ରସାରିତ କାୟାର ପ୍ରଭାବ ଏବଂ ସମ୍ଭାବ୍ୟ ବିନାଶକାରୀ କ୍ଷମତା ବିଷୟରେ ଚିନ୍ତିତ। ତେଣୁ ଏହାର ପ୍ରତିକାର ଖୋଜିବା ଲାଗି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ଜରୁରୀ ବୈଠକ ହ୍ୱାଇଟ୍‌ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୁଗୁଲ, ମାଇକ୍ରୋସଫ୍ଟ ଆଦି ଆଗଧାଡ଼ିର ଆଇଟି କମ୍ପାନୀମୁଖ୍ୟମାନେ ସାମିଲ୍ ଥିଲେ। ବୈଠକରେ ଏଆଇର ନିୟନ୍ତ୍ରଣ ଜରୁରୀ ବୋଲି ମତୈକ ପ୍ରକାଶ ପାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶକ୍ତିଶାଳୀ ଏଆଇ ଅପରାଜେୟ ରହିଛି। ଏଆଇର ନିରଙ୍କୁଶ କ୍ଷମତା ଉପରେ ସରକାରୀ କଟକଣା ରହିବ କି ନାହିଁ, ତାହା ତର୍କସାପେକ୍ଷ। ସାମର୍ଥ୍ୟ, ସୁବିଧା, ସୁଯୋଗ ଦୃଷ୍ଟିରୁ କୌଣସି ସରକାର ହଠାତ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଗଭର ହେଉନାହାନ୍ତି। ଏହାର ସୁଯୋଗ ନେଇ ଏଆଇକୁ ଆତଙ୍କ ସୃଷ୍ଟିର ମାଧ୍ୟମ କରିଦିଆଯାଉଛି।

ଦ୍ୱିତୀୟରେ, ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣର ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତରେ ବ୍ୟବସାୟ କରିବାକୁ ହେଲେ ସାମାଜିକ ଗଣମାଧ୍ୟମ ସଂସ୍ଥାଙ୍କୁ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କିନ୍ତୁ କେବଳ 'ଏକ୍ସ'କୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି।

କୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ 'ଏକ୍ସ'(ଟ୍ୱିଟର) ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ 'ଏକ୍ସ' ଚେତୁ ନାହିଁ; ବରଂ ଅର୍ଥ ଓ ପ୍ରତିପତ୍ତି ବଳରେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି।

କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। 'ଏକ୍ସ' ଏହା ଯଥାଶୀଘ୍ର ମାନି ନେବା ତା'ପ୍ରତି ଉଚିତ ହେବ। ମାନବ ସଭ୍ୟତାକୁ ଏଆଇର ଆତଙ୍କରୁ ମୁକ୍ତ କରିବା ପାଇଁ ଏହା ଜରୁରୀ ମଧ୍ୟ।

# ବିଶ୍ୱ ସୂଚକାଙ୍କରେ ଭାରତର ସ୍ଥିତି

**ବୃହସ୍ପତି ସାମଲ**

'ଉତ୍କର୍ଷ ଭାରତ', 'ଦୁର୍ନୀତିମୁକ୍ତ ଭାରତ', 'ଆତ୍ମନିର୍ଭର ଭାରତ', 'ଡିଜିଟାଲ ଭାରତ', 'ନୂତନ ଭାରତ', 'ବିକଶିତ ଭାରତ', 'ଏକ ଭାରତ, ଶ୍ରେଷ୍ଠ ଭାରତ' - ବିଶେଷଭାବେ ନେତା ଓ ଅଧିକାରୀମାନଙ୍କ ଭାଷଣରେ, ବିଜ୍ଞାପନରେ, ରେଡିଓ ଓ ଟିଭି ପ୍ରସାରଣରେ ଅଥବା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏମିତି ଚମକୁଥିବା ଶବ୍ଦମାଳା ଦେଖିଲେ ଲାଗେ ଯେ ସତରେ ଭାରତ ଦ୍ରୁତତମ ଅଗ୍ରଗତି ସହ ବିଶ୍ୱର ଏକ ଅନନ୍ୟ ବିକଶିତ ରାଷ୍ଟ୍ର ଭାବେ ଶୀର୍ଷସ୍ଥାନ ଅଧିକାର କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ଏକଥା ଆଦୌ କହୁନାହୁଁ ଯେ ଭାରତ ଅଗ୍ରଗତି କରିନାହିଁ କି କରୁନାହିଁ। କିନ୍ତୁ ବିଭିନ୍ନ ବିଶ୍ୱସ୍ତରୀୟ ସର୍ବେକ୍ଷଣ ଓ ସୂଚକାଙ୍କଗୁଡ଼ିକର ବିଶ୍ଳେଷଣ ଏହି ମନଲୋଭା ଶ୍ରୁତିମଧୁର ନାରାବାଜିର ଆବରଣ ତଳେ ଲୁଚି ରହିଥିବା ତଥା ଦେଶବାସୀଙ୍କ ଦୈନନ୍ଦିନ ଜୀବନରେ ପ୍ରତିବିମ୍ବିତ ହେଉଥିବା ନିଷ୍ଠୁର ସତ୍ୟକୁ ସହଜରେ ଅନାବରଣ କରୁଛି। ପୁଣି ପ୍ରଶ୍ନ କରୁଛି ଏସବୁ ଲୋଭନୀୟ ନାରାବାଜିର ଆଢୁଆଳରେ ଆମ ବିକାଶର ସତ୍ୟତା କେତେ? ତଥାକଥିତ ଉନ୍ନତି ଓ ପ୍ରଗତିର ବିଶ୍ୱ ମାନଚିତ୍ରରେ ଭାରତର ସ୍ଥାନ କେଉଁଠି? କଠୋର ହେଲେ ବି ସତ୍ୟ ଓ ତଥ୍ୟର ଦର୍ପଣରେ କିଛି ପ୍ରମୁଖ କ୍ଷେତ୍ରର ପ୍ରତିଛବିର ଅବଲୋକନ, ବିଶ୍ଳେଷଣ ଓ ମୂଲ୍ୟାୟନ ଜରୁରୀ।

ଅପୂର୍ଣ୍ଣ ପୋଷଣ ତଥା କୁପୋଷଣ ଯୋଗୁଁ ଶିଶୁମାନଙ୍କର ଦୁର୍ବଳତା, ଉଚ୍ଚତା ଓ ଓଜନ ହ୍ରାସ ଏବଂ ଶିଶୁ ମୃତ୍ୟୁ ଆଧାରରେ ପ୍ରସ୍ତୁତ 'ବିଶ୍ୱ କ୍ଷୁଧା ସୂଚକାଙ୍କ' ୨୦୨୫ ଅନୁଯାୟୀ ୨୫.୮ ଅଙ୍କ ସହ ବିଶ୍ୱର ୧୨୩ଟି ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ୧୦୨ରେ (ଗୁରୁତର ସ୍ଥିତି) ରହିଛି। ପଡ଼ୋଶୀ ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ପାକିସ୍ତାନ ଭାରତଠାରୁ ଭଲ ସ୍ଥିତିରେ ଅଛନ୍ତି। ଭାରତରେ ୧୧.୭% ଗ୍ରାମୀଣ ଭାରତୀୟ ଓ ୧୦.୨% ସହରୀ ଭାରତୀୟ ନିର୍ଦ୍ଦିଷ୍ଟ କ୍ୟାଲୋରୀରୁ କମ୍ ଖାଦ୍ୟ ଗ୍ରହଣ କରୁଛନ୍ତି। 'ଟ୍ରାନ୍ସପେରେନ୍ସି ଇଣ୍ଟରନ୍ୟାସନାଲ' 'ଦୁର୍ନୀତି ଧାରଣା ସୂଚକାଙ୍କ' ୨୦୨୪ ଅନୁସାରେ ଭାରତ ୧୮୦ଟି ଦେଶ ମଧ୍ୟରୁ ମୋଟ୍ ୩୮ ଅଙ୍କ (ଅତିଶୟ ଦୁର୍ନୀତିଯୁକ୍ତକୁ ଶୂନ୍ୟ ଅଙ୍କ ଓ ଦୁର୍ନୀତିମୁକ୍ତକୁ ୧୦୦ ଅଙ୍କ ଆଧାରରେ) ପାଇ ୯୬ ତମ ସ୍ଥାନରେ ରହିଛି, ଯାହା ବିଶ୍ୱସ୍ତରୀୟ ହାରାହାରି ଅଙ୍କ ୪୩ ଓ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ଅଙ୍କ ୪୪ ଠାରୁ କମ୍। ଭୁଟାନ, ଚୀନ ଓ ମାଳଦ୍ୱୀପ ଭଳି ଭାରତର ପଡ଼ୋଶୀ ରାଷ୍ଟ୍ର ଭାରତଠାରୁ ଉପରେ ଅଛନ୍ତି। ସେହିଭଳି 'ବିଶ୍ୱ ସନ୍ତୋଷ ସୂଚକାଙ୍କ'- ୨୦୨୫ ତାଲିକାରେ ଭାରତର ସ୍ଥାନ ୧୪୭ଟି ଦେଶ ମଧ୍ୟରେ ୧୧୮। ପଡ଼ୋଶୀ ଚୀନ୍, ନେପାଳ ଓ ପାକିସ୍ତାନ ତାଲିକାର ୬୮, ୯୨ ଓ ୧୦୯ ତମ ସ୍ଥାନରେ ଥାଇ ସୁଖ ଓ ସନ୍ତୋଷରେ ଭାରତଠାରୁ ଊର୍ଦ୍ଧ୍ୱରେ। ଭାରତର ଉଦୀୟମାନ ଅର୍ଥ ବ୍ୟବସ୍ଥାରେ ଅତିଶୟ ଦରିଦ୍ରତାର ଉପସ୍ଥିତି ପାରସ୍ପରିକ ବିରୋଧାଭାସକୁ ସ୍ପଷ୍ଟ କରୁଛି। କ୍ରମବର୍ଦ୍ଧିଷ୍ଣୁ ଅସମାନତା, ଭିଡ଼ ଭିତରେ ବି ସହରବାସୀଙ୍କ ନିଃସଙ୍ଗତା ଓ ସାମାଜିକ ବିମୁଖତା ମାନବ ଅନୁଭୂତିକୁ ଫମ୍ପା କରି ସୁଖ ଓ ସାମାଜିକ ସୁସ୍ଥତା ପ୍ରଦାନରେ ବିଫଳ ହେଉଥିବାରୁ ଭାରତ ମୋଟ୍ ଘରୋଇ ଉତ୍ପାଦରେ ବୃଦ୍ଧି, ପ୍ରଯୁକ୍ତିଗତ ଉନ୍ନତି ଓ ବିଶ୍ୱସ୍ତରୀୟ ଅଭିବୃଦ୍ଧିର ନାରାବାଜି ଯୁକ୍ତିଯୁକ୍ତ ମନେହୁଏନା। ତେଣୁ କେବଳ ଆର୍ଥିକ ଦୃଷ୍ଟିକୋଣରୁ ନୁହେଁ, ଭାରତକୁ ମାନବିକ ସନ୍ତୋଷ, ସମବେଦନା ଓ ସାମୂହିକ ସୁଖରେ ଅଗ୍ରସର ହେବା ପାଇଁ ସରକାରୀ ସ୍ତରରେ ସାମାଜିକ ସୁରକ୍ଷା ଯୋଜନା ପ୍ରତି ସମର୍ଥନ ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ, ଶିକ୍ଷା, ନୀତିଗତ ମୂଲ୍ୟବୋଧ ଓ ପାରିବାରିକ ସମ୍ପର୍କର ସୁଦୃଢ଼ୀକରଣ, ଆୟ ବିଷମତା ହ୍ରାସ ଭଳି ଅନେକଗୁଡ଼ିଏ ଦିଗ ପ୍ରତି ଦୃଷ୍ଟିଦେବା ଜରୁରୀ।

ସରକାରୀ ନିୟନ୍ତ୍ରଣ ସହ ସ୍ୱାଧୀନ ଗଣମାଧ୍ୟମ ଉପରେ ଅତିରିକ୍ତ ଚାପ, ଘରୋଇ ଗଣମାଧ୍ୟମଗୁଡ଼ିକର ଅତ୍ୟଧିକ ମାଲିକାନା ତଥା ସାମ୍ବାଦିକମାନଙ୍କ ଉପରେ କ୍ରମବର୍ଦ୍ଧିଷ୍ଣୁ ଆକ୍ରମଣ ଓ ହତ୍ୟା ଏବଂ ଡିଜିଟାଲ ସେନସରସିପ୍ ଆଧାରରେ 'ରିପୋର୍ଟର୍ସ ଉଇଦାଉଟ ବୋର୍ଡର୍ସ' ଦ୍ୱାରା ପ୍ରକାଶିତ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ' ୨୦୨୫ରେ ୧୮୦ଟି ଦେଶ ମଧ୍ୟରେ ଭାରତ ୧୫୧ତମ ସ୍ଥାନରେ ରହି ଅତି ଗୁରୁତର ଶ୍ରେଣୀଭୁକ୍ତ। ସେହି ତୁଳନାରେ ଦେଖିବାକୁ ଗଲେ ନେପାଳ, ମାଳଦ୍ୱୀପ, ଶ୍ରୀଲଙ୍କା ଓ ବାଂଲାଦେଶ ଯଥାକ୍ରମେ ୯୦, ୧୦୪, ୧୩୯ ଓ ୧୪୯ତମ ସ୍ଥାନରେ ଥାଇ ଭାରତଠାରୁ ପ୍ରେସ ସ୍ୱାଧୀନତାରେ ଆଗରେ ଅଛନ୍ତି। ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଟ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଦୃଢ଼ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶନକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଦେଶ ଏକ ଉଦ୍‌ବେଗଜନକ ଅସମନ୍ୱୟ ପରିସ୍ଥିତିରେ ରହିଛି। ଭାରତ ୪୩.୮ଅଙ୍କ (ଯାହା ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀରେ, ଅର୍ଥାତ 'ଡି' ଶ୍ରେଣୀରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଅନ୍ୟ ଦେଶଗୁଡ଼ିକ ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), ' ସ୍ଥାୟିତ୍ୱ' (୩୫%) ଏବଂ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି। ତେଣୁ ଭାରତରେ ବୟସ୍କ ନାଗରିକଙ୍କ ସାମାଜିକ ସୁରକ୍ଷା ଏବେ ଅତ୍ୟନ୍ତ ଚିନ୍ତାଜନକ।

ସେହିଭଳି ଅନ୍ୟାନ୍ୟ ବହୁ ପ୍ରମୁଖ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ତୁଳନାରେ ସେତେ ଭଲ ନୁହେଁ। 'ୟୁନିଭର୍ସିଟି ଅଫ୍ ଚିକାଗୋ'ର 'ଏନର୍ଜି ପଲିସି ଇନଷ୍ଟିଟ୍ୟୁଟ' ଦ୍ୱାରା ପ୍ରକାଶିତ ୨୦୨୫ ବାୟୁ ଗୁଣବତ୍ତା ଜୀବନ ସୂଚକାଙ୍କ ଅନୁସାରେ ସଂପୂର୍ଣ୍ଣ ଭାରତରେ ୨୦୨୩ରେ ବାୟୁ ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଦିଷ୍ଟ ସୁରକ୍ଷା ସୀମାର ଆଠ ଗୁଣାଠାରୁ ଅଧିକ ଥିଲା। ୨୦୧୭ରେ ଭାରତରେ ପ୍ରଦୂଷଣ ଜନିତ ମୃତ୍ୟୁ ୧୨, ୪୦, ୫୩୦ (ମୋଟ୍ ମୃତ୍ୟୁ ସଂଖ୍ୟାର ୧୨.୫%) ଥିଲା, ଯାହା କ୍ରମାଗତ ବୃଦ୍ଧି ପାଇ ୨୦୧୯ରେ ୧୬, ୭୦, ୦୦୦ (ମୋଟ୍ ମୃତ୍ୟୁର ୧୭.୮%) ଓ ୨୦୨୨ରେ ୧୭, ୧୮, ୦୦୦ରେ ପହଞ୍ଚିଛି। 'ରୋଡ୍ ସେଫ୍‌ଟି ଇଣ୍ଡେକ୍ସ'ରେ ଭାରତ ୯୧ତମ ସ୍ଥାନରେ ଥିବା ବେଳେ ଭୁଟାନ ୩୮ ତମ ଓ ନେପାଳ ୪୦ତମ ସ୍ଥାନରେ ଅଛନ୍ତି। ପ୍ରତିବର୍ଷ ୧.୫ ଲକ୍ଷରୁ ଅଧିକ ଭାରତୀୟ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। 'ଇଣ୍ଟରନେଟ ସ୍ୱାଧୀନତା ସୂଚକାଙ୍କ'ରେ ଭାରତ ୧୦୬ତମ ସ୍ଥାନରେ ରହିଛି, ଯାହା ଡିଜିଟାଲ ସ୍ୱାଧୀନତାର ଅଭାବ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରେ। 'ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସ'ରେ ଭାରତ ୩୯ ତମ ସ୍ଥାନରେ ଥିବା ବେଳେ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ର ୩୩ତମ ସ୍ଥାନରେ ଅଛି। 'ଲିଙ୍ଗ ସମାନତା ସୂଚକାଙ୍କ'ରେ ଭାରତ ୧୩୧ତମ ସ୍ଥାନରେ ଥିବା ବେଳେ ନେପାଳ ୧୧୬ତମ ସ୍ଥାନରେ ଥିବା ଭାରତରେ ନାରୀର ସୁଯୋଗ ଓ ସୁରକ୍ଷାର ଅଭାବକୁ ପ୍ରମାଣିତ କରେ। 'ଇଜ ଅଫ୍ ଡୁଇଂ ବିଜନେସ'ରେ ଭାରତ ୬୩ତମ ଓ ରାୱାଣ୍ଡା ୩୮ ତମ ସ୍ଥାନରେ ରହିବା ଭାରତରେ ବ୍ୟବସାୟ ପରିବେଶର ଅସୁବିଧାକୁ ପ୍ରକାଶ କରେ। ସେହିଭଳି 'ଗ୍ଲୋବାଲ ପିସ୍ ଇଣ୍ଡେକ୍ସ'ରେ ଭାରତ ୧୨୬ତମ ସ୍ଥାନରେ ରହିବା ଦୁର୍ଭାଗ୍ୟଜନକ।

ଏହିଭଳି ଅନ୍ୟାନ୍ୟ ଅନେକ କ୍ଷେତ୍ର ଉପରେ ଆଲୋଚନା ଦୀର୍ଘ ହେଇପାରେ। ତେଣୁ ଏହି ସଂଖ୍ୟା ଓ ସୂଚକାଙ୍କର ସମସ୍ୟାର ଊର୍ଦ୍ଧ୍ୱକୁ ଯିବା ପାଇଁ ତଥା ଏହିଭଳି ଅବନତିକୁ ଉନ୍ନତିରେ ପରିଣତ କରିବା ପାଇଁ ସଂସ୍କୃତି ଓ ଆଦର୍ଶରେ ଅଦ୍ୱିତୀୟ ଭାରତବର୍ଷକୁ କେବଳ ଶ୍ରୁତିମଧୁର ନାରାବାଜି ଓ ଭାଷଣ କିମ୍ବା ଖର୍ଚ୍ଚବହୁଳ ଦୃଷ୍ଟି ଆକର୍ଷଣକାରୀ ବିଜ୍ଞାପନରେ ସୀମିତ ନହୋଇ ଗଭୀର ନୀତିଗତ ଏବଂ ପ୍ରାୟୋଗିକ ପଦକ୍ଷେପ ସହ ଯୋଜନାଗତ ତ୍ରୁଟି ଓ ପ୍ରଶାସନିକ ଦୁର୍ବଳତାକୁ ସୁଧାରିବାର ସମୟ ଉପନୀତ। ଲୋକସେବା ଓ ନୀତିରେ ସଂପୂର୍ଣ୍ଣ ଦୃଢ଼ତା ନଥିଲେ, ଉନ୍ନତି ମାତ୍ର ଏକ ଶବ୍ଦ ହୋଇ ରହିଯିବ।

ଏକଦା ଅନେକ ସଭ୍ୟତାକୁ ପ୍ରେରଣା ଦେଇଥିବା ଭାରତ ପାଖରେ ଏବେ ନିଜ ଅସ୍ତିତ୍ୱକୁ ପୁନଃପ୍ରତିଷ୍ଠିତ କରିବାର ଅବସର ଆସିଛି। ଆମକୁ ଏବେ ଅଭିମାନ ଓ ଅଭିଯୋଗ ନୁହେଁ, ବରଂ ଆତ୍ମପରିଶୋଧନ ଆବଶ୍ୟକ। ଏହି ଦେଶ ଯେତେବେଳେ ତଥ୍ୟ ଓ ସତ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ କରିବ, ସେତେବେଳେ 'ନୂତନ ଭାରତ' କେବଳ ଏକ ସ୍ଲୋଗାନ ନହୋଇ ତା'ର ଯଥାର୍ଥତା ପ୍ରତିପାଦନ କରିବ।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଆର୍ଥିକ ସୁଦୃଢ଼ୀକରଣରେ କୋରାପୁଟ କଫି

**ନିରଞ୍ଜନ ନାୟକ**

ଅନେକ ସମୟରେ କାମ ଚାପରୁ ମୁକ୍ତ ହେବା ପାଇଁ ଆମକୁ ଦରକାର ପଡ଼େ ଗରମ ମୃଦୁ ପାନୀୟ। ଢୋକେ ପିଇଦେଲେ ଦେହରୁ ଦୂର ହୋଇଯାଏ ଥକ୍କାପଣ। ବୃଦ୍ଧି ପାଏ ଶାରୀରିକ କାର୍ଯ୍ୟଦକ୍ଷତା। ସେଇ ପାନୀୟ ମଧ୍ୟରୁ ସ୍ୱାସ୍ଥ୍ୟଗତ ଲାଭ ଦୃଷ୍ଟିରୁ ସର୍ବୋତ୍ତମ ମନେହୁଏ କଫି। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ମାନସିକ ଅବସାଦ ଦୂର କରିଥାଏ। ମୁଖ, ଗଳା ସଂକ୍ରମଣରୁ ଆରାମ ଦିଏ। ବିଭିନ୍ନ କୋଷକୁ ସୁରକ୍ଷିତ ରଖେ। ପାଚନ ତନ୍ତ୍ରକୁ କ୍ରିୟାଶୀଳ କରାଏ। କଫିରେ ରିବୋଫ୍ଲାବିନ, ମାଙ୍ଗାନିଜ, ପୋଟାସିୟମ, ମ୍ୟାଗେନସିଅମ, ନିୟାସିନ ଶରୀର ପାଇଁ ଉପାଦେୟ ହୋଇଥାଏ। ଆକଳନରୁ ଜଣାପଡ଼ିଛି ଯେ ଜଣେ ବ୍ୟକ୍ତି ଦୈନିକ ୪୦୦ ମିଲି ଗ୍ରାମ ଅଥବା ୧ ରୁ ୨ କପ୍ କଫି ପିଇଲେ ଶରୀର ପାଇଁ ଉତ୍ତମ ଅଟେ। ଆମ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ଯେ କୋରାପୁଟ ଅଞ୍ଚଳରେ ଚାଷ ହେଉଥିବା କଫି 'କୋରାପୁଟ୍ କଫି' ବ୍ରାଣ୍ଡରେ ବିଶ୍ୱାଦୃତ ହେବାରେ ଲାଗିଛି। ଅତୁଳନୀୟ ସ୍ୱାଦଯୁକ୍ତ ଏହି କଫି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚାଷୀମାନଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିପାରିଛି।

କୋରାପୁଟ କଫି ଚାଷ ୧୯୩୦ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳର କୋରାପୁଟ ରାଜା ରାଜବାହାଦୂର ରାମଚନ୍ଦ୍ର ଦେବ ପ୍ରଥମେ କୋରାପୁଟ ମାଟିରେ କଫି ଗଛ ଲଗାଇଥିଲେ। ସେତେବେଳେ କଫି ଚାଷ ଏତେଟା ଗୁରୁତ୍ୱ ପାଇ ନ ଥିଲା। କିନ୍ତୁ ୧୯୫୦ ମସିହାରେ ସରକାରୀସ୍ତରରେ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ କଫି ଚାଷ ପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପୂର୍ବଘାଟ ପର୍ବତମାଳାର ତିନିହଜାର ଫୁଟ ଉଚ୍ଚତାରେ ଅବସ୍ଥିତ କୋରାପୁଟର ଜଳବାୟୁ, ବୃଷ୍ଟିପୁଷ୍ଟ ଅଞ୍ଚଳ ଓ ଉତ୍କୃଷ୍ଟ ମାଟି କଫି ଚାଷ ପାଇଁ ସର୍ବୋତ୍ତମ।

ତେଣୁ କୋରାପୁଟ ଆଞ୍ଚଳରେ ୧୯୫୮ ମସିହାରେ କଫି ଚାଷ ପାଇଁ



ପ୍ରଥମେ ସରକାରୀ ସହାୟତା ଦିଆଯାଇଥିଲା। ୨୦୧୭ ମସିହାରେ କଫି ବୋର୍ଡ ଓ କଫି ବିକାଶ ଟ୍ରଷ୍ଟ ତାଲିମ କାର୍ଯ୍ୟକ୍ରମ, ଜମି ଚୟନ, ଆଦିବାସୀଙ୍କ ସଶକ୍ତୀକରଣ ଦିଗ ପ୍ରତି ଗୁରୁତ୍ୱ ଦେଲା। ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀ କଫି ଚାଷରେ ସହଯୋଗ କରି ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନର ଧାରାକୁ ଉନ୍ମୋଚିତ କରିଥିଲେ। କୋରାପୁଟରେ କଫି ଚାଷ ହେଉଥିବା ଜମିର ପରିମାଣ ୩୫୦୦ ହେକ୍ଟର। ୪୩୦୦ ଆଦିବାସୀ ଚାଷୀଙ୍କ ୭୭୮ ହେକ୍ଟର କଫି ଚାଷ ଜମି ଏଥିରେ ଅନ୍ତର୍ଭୁକ୍ତ। କୋରାପୁଟ କଫି ଚାଷ ଓ ବଜାରୀକରଣର ସଫଳତା ପରେ ଓଡ଼ିଶା ସରକାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମାଧ୍ୟମରେ ୨୦୩୦ ମସିହା ପର୍ଯ୍ୟନ୍ତ 'କଫି ମିଶନ'କୁ ଏକ ସରକାରୀ ଅଭିଯାନ ରୂପେ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ୪୦, ୦୦୦ ହେକ୍ଟର ଜମିରେ ଏହି କଫି ଚାଷ କରାଯିବା ସହ ଉତ୍ପାଦନକୁ ୨୦, ୦୦୦ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରହିଛି।

ଅନୁକୂଳ ପରିବେଶ, ଉପଯୁକ୍ତ ମାଟି କଫି ଚାଷ ପାଇଁ ସର୍ବୋତ୍ତମ ହୋଇଥିବା ଯୋଗୁଁ ଓଡ଼ିଶା ସରକାରଙ୍କ କଫି ଚାଷକୁ କେବଳ କୋରାପୁଟ ଜିଲ୍ଲାରେ ସୀମିତ ନ ରଖି ଆଉ ପାଞ୍ଚଟି ଜିଲ୍ଲାକୁ ବିସ୍ତାର କରିଛନ୍ତି। ମୟୂରଭଞ୍ଜ, କନ୍ଧମାଳ, କେନ୍ଦୁଝର, ଗଜପତି ଓ ରାୟଗଡ଼ା ଜିଲ୍ଲାରେ କଫି ଚାରାରୋପଣ କରାଯାଇ କଫି ଚାଷକୁ ୧୦ ବର୍ଷ ମଧ୍ୟରେ ବିସ୍ତାର କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାରେ କଫି ଚାଷ ଓ ଉତ୍ପାଦର ଗୁଣବତ୍ତାର ବ୍ୟାପକ ଖ୍ୟାତି, ବଜାରୀକରଣର ନୂଆ ଦିଗ ପ୍ରତି ଇଙ୍ଗିତ କରୁଛି। ୧୯୮୫ ମସିହା ପରେ ରାୟଗଡ଼ା ଜିଲ୍ଲା ଡୁମେଲ, ଅଗ୍ରଗାମୀ ପରିସର ଓ କାଶୀପୁରର କେତେକ ଚାଷୀ ନିଜ ଉଦ୍ୟମରେ କଫି ଚାଷ କରି କଫି ମଞ୍ଜିକୁ ଅନ୍ୟ ରାଜ୍ୟକୁ ପଠାଉଥିଲେ। ବର୍ତ୍ତମାନ କୋରାପୁଟ କଫି 'ଆରବିକା କିସମ' କଫି ଭାବରେ ଏହାର ସ୍ୱାଦ ଓ ଗୁଣବତ୍ତା ପାଇଁ ସୁନାମ ଅର୍ଜନ କରିଚାଲିଛି। କୋରାପୁଟ, କାଶୀପୁର, କନ୍ଧମାଳ, କେଉଁଝର, ମୟୂରଭଞ୍ଜର କିଛି ଅଞ୍ଚଳରେ 'ରୋବଷ୍ଟା' ଏବଂ 'କୃତି' କିସମ କଫି ମଧ୍ୟ ଚାଷ କରାଯାଇଛି। ଭାରତୀୟ କଫି ବୋର୍ଡର ପରିସଂଖ୍ୟାନ ଅନୁଯାୟୀ ଆମ ରାଜ୍ୟରେ ବର୍ତ୍ତମାନ ୪, ୫୦୦ ହେକ୍ଟର ଜମିରୁ କଫି ଉତ୍ପାଦନ ହେଉଛି। ୨୦୨୧-୨୨ ମସିହାରେ ରାଜ୍ୟରୁ ୬୧୦ ମେଟ୍ରିକ୍ ଟନ୍ ଜୈବିକ 'ଆରବିକା କିସମ' କଫି ଉତ୍ପାଦନ ଓଡ଼ିଶା କଫିର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି। ନିରନ୍ତର 'ଜୀବିକା ପାଇଁ କଫି ପ୍ଲାଣ୍ଟେସନ' ନୂତନ ଯୋଜନା ମାଧ୍ୟମରେ ଅଧିକ ଅଞ୍ଚଳରେ 'ରୋବଷ୍ଟା କଫି କିସମ' ଚାଷ କରାଯିବା ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଜୀବନ ଜୀବିକାର ବ୍ୟାପକ ପରିବର୍ତ୍ତନ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି।

କୋରାପୁଟ ଜିଲ୍ଲାର ପ୍ରାକୃତିକ ପରିବେଶରେ ଜୈବିକ ଉପାୟରେ ଚାଷ କରାଯାଉଥିବା 'ଆରବିକା କଫି' କୋରାପୁଟ ମାଟିକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଚାଷୀମାନଙ୍କ ଆଗ୍ରହ, ସରକାରୀ ସହାୟତା ଏବଂ ବଜାର ସୁବିଧା ଥିଲେ ଏକ ନିଶ୍ଚିତ ଓ ନିରନ୍ତର ଜୈବିକ ଗୁଣବତ୍ତା କଫି ଚାଷ ଅଞ୍ଚଳ ରୂପେ କୋରାପୁଟର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୋରାପୁଟ କଫି ରପ୍ତାନୀ ହୋଇ ଆମ ଦେଶର ଅର୍ଥନୀତିର ସୁଦୃଢ଼ୀକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ।

ଟିକିରି(ରାୟଗଡ଼ା), ମୋ: ୭୯୯୧୦୨୧୫୮୫

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ସଜନା
(Drumstick- Moringa oleifera)

**ପ୍ରକୃତି-ପରିବେଶ**

ସଜନା ଉତ୍ତର-ଭାରତର ମୂଳଜାତ ଉଦ୍ଭିଦ ଏବଂ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସିଆରେ ବହୁଳ ଭାବରେ ଦେଖାଯାଏ। ପରେ ଏହା ଆରବୀୟ ଉପଦ୍ୱୀପ, ଉଷ୍ଣମଣ୍ଡଳୀୟ ଆଫ୍ରିକା, ଉଷ୍ଣମଣ୍ଡଳୀୟ ଦକ୍ଷିଣ ଆମେରିକା, ମଧ୍ୟ-ଆମେରିକା, କାରବିଆନ ସମେତ ଅନେକ ଦେଶରେ ପ୍ରାକୃତିକୀକରଣ ହୋଇଚାଲିଲା। ଏହା ସାଧାରଣତଃ ସମୁଦ୍ର ପତ୍ତନଠାରୁ ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବଢ଼ିଥାଏ। ମୁଖ୍ୟତଃ ଖାଦ୍ୟଯୋଗ୍ୟ ଫଳ, ପତ୍ର, ଫୁଲ, ମୂଳ, ତେଲ ଓ ପାରମ୍ପରିକ ଔଷଧରେ ବହୁଳ ଭାବରେ ବ୍ୟବହାର ପାଇଁ ସଜନାର ଚାହିଦା ରହିଛି।

ସଜନା ଦ୍ରୁତ ଭାବରେ ବଢୁଥିବା ଏକ ଛୋଟ ପର୍ଣ୍ଣମୋଚୀ ଗଛ, ଯାହା ୧୦-୧୨ ମିଟର ଉଚ୍ଚତା ପର୍ଯ୍ୟନ୍ତ ପହଞ୍ଚିପାରେ। ଏହାର କାଣ୍ଡ ନରମ, ବହୁତ ଶାଖାଯୁକ୍ତ, ଝଡ଼ ପବନ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ସଜନାର ବିଭିନ୍ନ ଅଂଶ ଖାଦ୍ୟଯୋଗ୍ୟ। ଏହାର ଅପରିପକ୍ୱ କଞ୍ଚା ଫଳ(ଡ୍ରମଷ୍ଟିକ୍ସ) ପତ୍ର, ବିହନ, ବିହନରୁ ଚିପୁଡ଼ା ତେଲ, ଫୁଲ ଓ ମୂଳ ବିଶେଷ ଉପଯୋଗୀ। ପତ୍ରଗୁଡ଼ିକ ଉଦ୍ଭିଦର ସବୁଠାରୁ ପୁଷ୍ଟିକର ଅଂଶ, ଯାହା ବିଟାମିନ୍ ବି, ଭିଟାମିନ୍ ସି, ବିଟା-କାରୋଟିନ୍ ଭାବରେ ପ୍ରୋଭିଟାମିନ୍ ଏ, ଭିଟାମିନ୍ କେ, ମାଙ୍ଗାନିଜ୍ ଓ ପ୍ରୋଟିନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ପତ୍ରରେ ଥିବା କିଛି କ୍ୟାଲସିୟମ୍, କ୍ୟାଲସିୟମ୍ ଅକ୍ସାଲେଟର ସ୍ଫଟିକ ଭାବରେ ଆବଦ୍ଧ ଥାଏ। ସାଧାରଣତଃ ସଜନା କଞ୍ଚା ଫଳ ବା ଛୁଇ ରୋଷେଇ ପନିପରିବା ଭାବରେ ବ୍ୟବହୃତ ହୁଏ। ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଥାଏ ଏବଂ ଏହା ଖାଦ୍ୟ ତନ୍ତୁ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ମାଙ୍ଗାନିଜ୍‌ର ଏକ ଭଲ ଉତ୍ସ ମଧ୍ୟ। ଫଳଟି ଡାଲି ଓ ମସୁର ସୁପ୍, ଯେପରିକି ଡ୍ରମଷ୍ଟିକ୍ ଡାଲି, ସମ୍ବରରେ ଏକ ସାଧାରଣ ଉପାଦାନ। ସାଧାରଣତଃ ହାଲୁକା ଭଜା କିମ୍ବା ତରକାରୀ ପନିପରିବାରେ ସଜନା ଏକ ମିଶ୍ରଣ ପରିବା। ଏହାର ବାହ୍ୟ ଚୋପା ରସାଳ, ତନ୍ତୁଯୁକ୍ତ, ପୁଷ୍ଟିକର, କଠିନ। ତେଣୁ ଏହାକୁ ପ୍ରାୟତଃ ଚୋବାଇ ଖିଆଯାଏ। ଅବଶିଷ୍ଟ ତନ୍ତୁଯୁକ୍ତ ସାମଗ୍ରୀକୁ ପରିତ୍ୟାଗ କରାଯାଏ।

ପରିପକ୍ୱ ବିହନଗୁଡ଼ିକ ୩୮-୪୦ ଶତାଂଶ ଖାଦ୍ୟ ତେଲ ବହନ କରେ, ଯାହାକୁ 'ବେନ୍ ତେଲ' କୁହାଯାଏ। ସେଥିରେ ବେହେନିକ୍ ଅମ୍ଳର ସାନ୍ଦ୍ରତା ଅଧିକ ଥାଏ। ପରିଷ୍କୃତ ତେଲ ସ୍ୱଚ୍ଛ ଓ ଗନ୍ଧହୀନ। କଅଁଳ ଫଳଗୁଡ଼ିକୁ ପାଣିରେ ସିଝାଯାଇ ସେଥିରୁ ତେଲକୁ ବାହାର କରିଦିଆଯାଇପାରିବ। ତେଲ ନିଷ୍କାସନ ପରେ ବଳକା ଥିବା ବିହନ ପିଠାକୁ ଜୈବିକ ସାର ଭାବରେ ବ୍ୟବହାର କରାଯାଇପାରିବ। ପାଣିକୁ ବିଶୁଦ୍ଧ କରିବା ପାଇଁ ଫ୍ଲୋକ୍ୟୁଲେଣ୍ଟ ଭାବରେ ସଜନା ବିହନ ବା ଏହାର ତେଲଚିପୁଡ଼ା କେକ୍ ବ୍ୟବହୃତ ହୁଏ। ସଜନା ବିହନ ତେଲର ଜୈବ ଇନ୍ଧନ ଭାବରେ ବ୍ୟବହାର କରିବାର ସମ୍ଭାବନା ମଧ୍ୟ ଅଛି। ମୂଳଗୁଡ଼ିକରେ ପୋଲିଫେନୋଲ ରହିଥିବା ହେତୁ ଏହାକୁ ଖଣ୍ଡ ଖଣ୍ଡ କରି ତୀକ୍ଷ୍ଣ ସ୍ୱାଦ ମସଲା ଭାବରେ ବ୍ୟବହାର କରାଯାଏ। ଫୁଲଗୁଡ଼ିକ ବଙ୍ଗାଳୀ ଖାଦ୍ୟରେ ବସନ୍ତକାଳୀନ ସ୍ୱାଦିଷ୍ଟତା, ସାଧାରଣତଃ ଚୋରଚୋରି ଓ ଫ୍ରିଟର ଭାବରେ ରନ୍ଧା ହୋଇଥାଏ। କୋମଳ ସଜନା ପତ୍ରକୁ ଛୋଟ ଛୋଟ କରି କାଟି ପନିପରିବା ଓ ସାଲାଡ଼ ଭାବରେ ବ୍ୟବହାର କରାଯାଏ, ଯେପରିକି କେରଳ ଖାଦ୍ୟ 'ଥୋରାନ୍'। ଦୀର୍ଘକାଳୀନ ବ୍ୟବହାର ପାଇଁ ସଜନା ପତ୍ରଗୁଡ଼ିକୁ ଶୁଖାଯାଇ ପାଉଡର ଭାବେ ସଂରକ୍ଷିତ କରାଯାଇପାରେ। ପାଉଡରକୁ ସାଧାରଣତଃ ସୁପ୍, ସସ୍, ଦହି, ପନିର, ପାଉଁରୁଟି, ପେଷ୍ଟ୍ରି ଆଦିରେ ବ୍ୟବହାର କରାଯାଇପାରିବ।

ପାରମ୍ପରିକ ଔଷଧରେ ଏହାର ଛାଲି, ରସ, ମୂଳ, ପତ୍ର, ଫୁଲ ଓ ବିହନ ବ୍ୟବହାର କରାଯାଏ। ଏହା ରକ୍ତ ଲିପିଡ୍ ପ୍ରୋଫାଇଲ୍ ଓ ଇନସୁଲିନ୍ କ୍ଷରଣକୁ ପ୍ରଭାବିତ କରିପାରେ। ଏଥିସହିତ ପୁଷ୍ଟିବର୍ଦ୍ଧନ, ଖାଦ୍ୟ ସୁରକ୍ଷା ବୃଦ୍ଧି, କୁପୋଷଣ ମୁକାବିଲା, ପ୍ରାକୃତିକ କୃମିନାଶକ ଭାବେ ବ୍ୟବହାର କରାଯାଇପାରେ। କ୍ୱିନ୍ସଲ୍ୟାଣ୍ଡର କୃଷି ଓ ମତ୍ସ୍ୟ ବିଭାଗର ଗବେଷଣା ଅନୁଯାୟୀ, ସଜନା ଗଛ ମହୁ ଉତ୍ପାଦନ ପାଇଁ ଉପଯୋଗୀ। କାରଣ ଏଥିରେ ବର୍ଷର ଦୀର୍ଘ ସମୟ ପର୍ଯ୍ୟନ୍ତ ଫୁଲ ଫୁଟେ। ସଜନା ବିଭିନ୍ନ ପ୍ରକାରର ମାଟି ପରିସ୍ଥିତିକୁ ସହ୍ୟ କରେ, କିନ୍ତୁ ଏକ ନିରପେକ୍ଷ ଠାରୁ ସାମାନ୍ୟ ଅମ୍ଳୀୟ ଭଲ ନିଷ୍କାସନ ହୋଇଥିବା, ବାଲିଆ କିମ୍ବା ଦୋରସା ମାଟିକୁ ପସନ୍ଦ କରେ। ଜଳବନ୍ଦୀ ମାଟିରେ ମୂଳ ପଚିଯିବାର ଭୟ ଥାଏ। ସଜନା ଶୁଷ୍କ ଅଞ୍ଚଳ ପାଇଁ ବିଶେଷ ଉପଯୁକ୍ତ। ତେଣୁ ଜଳସେଚନ ବିନା ବର୍ଷାଜଳ ବ୍ୟବହାର କରି ଏହାର ଚାଷ କରାଯାଇପାରିବ। ଭାରତ ସଜନା ଚାଷର ସର୍ବବୃହତ ଉତ୍ପାଦକ। ପ୍ରାୟ ୩୮୦ ବର୍ଗ କିଲୋମିଟର ଅଞ୍ଚଳରୁ ବାର୍ଷିକ ୧.୨ ନିୟୁତ ଟନ୍ ଫଳ ଉତ୍ପାଦନ କରେ। ସଜନା ବିହନ କିମ୍ବା କାଣ୍ଡ ଓ ଡାଳ କଟାରୁ ବଂଶବିସ୍ତାର କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟୁୟର୍କ ଜେଲ୍‌ରେ...

ମଧ୍ୟ ଧମକ ଦେଇଛନ୍ତି । ସେ କହିଲେ ଯେ ମେକ୍ସିକୋରେ ଡ୍ରଗ୍ସ ଉତ୍ପାଦନ ଓ କାରବାର ଭୟଙ୍କର ରୂପ ନେଲାଣି । ଏବେ ମେକ୍ସିକୋ ଶାସନ ସେମାନେ ହିଁ ଚଳାଇଛନ୍ତି । ରାଷ୍ଟ୍ରପତି କ୍ଲଡିଆ ସେନବନ୍ ନାମକୁ ମାତ୍ର କ୍ଷମତାରେ ଅଛନ୍ତି । ପ୍ରକୃତ କ୍ଷମତା ଡ୍ରଗ୍ସ ମାଫିଆଙ୍କ ନିୟନ୍ତ୍ରଣରେ ରହିଛି । ରାଷ୍ଟ୍ରପତି ଆତଙ୍କିତ ଅବସ୍ଥାରେ ଅଛନ୍ତି ଏବଂ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଏହା ଆମେରିକା ପ୍ରତି ବିପଦ ସୃଷ୍ଟି କରିଥିବାରୁ ଆମକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । ସେହିଭଳି କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କର ତୀବ୍ର ସମାଲୋଚନା କରି ଟ୍ରମ୍ପ କହିଛନ୍ତି ଯେ ଏହି ଦେଶ ଡ୍ରଗ୍ସର ପେଣ୍ଠସ୍ଥଳୀ ପାଲଟିଛି । କଲମ୍ବିଆରେ ଅତିକମରେ ତିନିଟି କୋକେନ୍ କାରଖାନା ରହିଛି । ସେମାନେ ଏହି ନିଶାଦ୍ରବ୍ୟ ଉତ୍ପାଦନ କରି ଆମେରିକା ପଠାଉଛନ୍ତି । ତେଣୁ ଆମେରିକା ଚୁପ ହୋଇ ବସିପାରିବ ନାହିଁ । କ୍ୟୁବା ସଂପର୍କରେ ସେ କହିଲେ ଯେ ଏହା ଏକ ବିଫଳ ରାଷ୍ଟ୍ର । କ୍ୟୁବା ଲୋକେ ବହୁତ ଖରାପ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ ସହାୟତା କରିବାକୁ ପଡ଼ିବ । ଯେଉଁମାନେ ବାଧ୍ୟ ହୋଇ କ୍ୟୁବା ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କୁ ମଧ୍ୟ ଆମେରିକା ସବୁ ପ୍ରକାର ସହାୟତା ଯୋଗାଇଦେବ ବୋଲି ଟ୍ରମ୍ପ କହିଛନ୍ତି ।

ଇତିମଧ୍ୟରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସଙ୍କୁ ଟ୍ରମ୍ପ ସେନା ଆଜି ଆମେରିକା ଆଣିଛନ୍ତି । ବିମାନରେ ତାଙ୍କୁ ନ୍ୟୁୟର୍କ ଅଣାଯାଇଛି । ବିମାନରୁ ଓହ୍ଲାଇଲା ବେଳେ ତାଙ୍କ ହାତରେ କଡ଼ି ପଡ଼ିଥିବା ଦେଖାଯାଇଥିଲା । ଏହାପରେ ତାଙ୍କୁ ଅଦାଲତରେ ହାଜର କରାଯାଇଥିଲା । ଏହି ଅଦାଲତ ଡ୍ରଗ୍ସ ମାମଲାର ବିଚାର କରୁଛି । ନିକୋଲାସଙ୍କ ବିରୋଧରେ ଡ୍ରଗ୍ସ ଉତ୍ପାଦନ ଓ ଚାଲାଣ ସହିତ ଡ୍ରଗ୍ସ ସନ୍ତ୍ରାସବାଦ ଅଭିଯୋଗ ରହିଛି । ଅଦାଲତରେ ହାଜର କରିବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ଗତକାଲି ଭେନେଜୁଏଲା ଉପରେ ଆମେରିକା ସେନା ବଡ଼ ଧରଣର ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସଙ୍କୁ ଗାଦିଚ୍ୟୁତ କରିବା ସହିତ ତାଙ୍କୁ ପତ୍ନୀଙ୍କ ସହିତ ଉଠାଇ ଆଣିଥିଲେ । ନିକୋଲାସଙ୍କ ସ୍ଥାନରେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସଙ୍କୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି । ସେ ଆଜି ନୂଆ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି । ଗତକାଲି ହୋଇଥିବା ଆମେରିକା ଆକ୍ରମଣରେ ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ଜଣାପଡ଼ିଛି ।

## ପୋଲାଭରମ୍ ପାଇଁ...

ସେଠାକାର ସରକାର ଆଶା ରଖିଛନ୍ତି । ମାତ୍ର ଓଡ଼ିଶା, ଆନ୍ଧ୍ର ଏବଂ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ (ବିଜେପି) ସରକାର ଥିଲେ ମଧ୍ୟ ଓଡ଼ିଶାର ସ୍ୱାର୍ଥ ପାଇଁ କେହି ମୁହଁ ଖୋଲୁନାହାନ୍ତି ।

ଜଳ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା । ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା । ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି । ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ, ତାହା ବିଚାରକୁ ନିଆ ନ ଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଛି । ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ । ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ । ଏହି ପ୍ରକଳ୍ପ ଜିଲ୍ଲାରେ ବସବାସ କରୁଥିବା ଜନଜାତିଙ୍କ ଜୀବନଜୀବିକା ପ୍ରତି ଭୟଙ୍କର ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

କେନ୍ଦ୍ର ସରକାର ପୋଲାଭରମ ପାଇଁ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅର୍ଥ ଦେଇସାରିଲେଣି । ୨୦୨୭ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି; ମାତ୍ର ରାଜ୍ୟ ସରକାର ଏନେଇ ମୁହଁ ଖୋଲୁନାହାନ୍ତି । ଏନେଇ ବିଜେଡି ବାରମ୍ବାର ଦିଲ୍ଲୀରେ ଫେରାଦ ହୋଇଛି । କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ । ଓଡ଼ିଶାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶ ଏବଂ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ । ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ବିଜେଡି ଏକାଧିକ ବାର ଦାବି କରିଛି । ମାତ୍ର ସମାନ ସମୟରେ ରାଜ୍ୟ ସରକାରଙ୍କ ନିରବତା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ନେଡି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ରାଜ୍ୟ ବିଜେପି ସରକାର ତୁରନ୍ତ ମାଲକାନଗିରି ଜିଲ୍ଲାର ଜନଜାତିଙ୍କ ଜୀବନଜୀବିକାର ସୁରକ୍ଷା କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

## ଓମ୍‌ସାର ୨ ଘଣ୍ଟିଆ...

ଆସନ୍ତାକାଲିଠାରୁ ଆମେ ୨ ଘଣ୍ଟିଆ ଓପିଡି ସେବା ବନ୍ଦ ପାଇଁ ନିଷ୍ପତ୍ତି ନେଇଛୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅତୀତରେ ପୂର୍ବ ସରକାର ସଂଘର ଦାବି ପୂରଣ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ । ମାତ୍ର ଆମ ଦାବି ପ୍ରତି କୌଣସି ନିଷ୍ପତ୍ତି ନିଆଗଲା ନାହିଁ । ଏବର ସରକାର ସଚିବ ସ୍ତରୀୟ କମିଟି ଗଠନ କରିଛନ୍ତି । ସରକାର ଯଦି ଆମ ଦାବି ପ୍ରତି ସମ୍ବେଦନଶୀଳ ଅଛନ୍ତି, ତାହେଲେ ତୁରନ୍ତ ଏନେଇ ନିଷ୍ପତ୍ତି ନିଅନ୍ତୁ ବୋଲି ଡାକ୍ତର ମିଶ୍ର ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ପ୍ରମୁଖ ଦାବି ନେଇ ଓମସା ନିଜର ପ୍ରତୀକାତ୍ମକ ଆନ୍ଦୋଳନ ଜାରି ରଖିଛି ।

## ୬ରୁ ପୁଣି...

ଖୁବ୍‌ଶୀଘ୍ର ଓଡ଼ିଶାରେ ମଧ୍ୟ ଏହି ସ୍ଥିତି ନେଇ ପାଗ ଅନୁକୂଳ ରହିଛି । ସେହିପରି ପଶ୍ଚିମାଝଡ଼ ସହ ଆର୍ଦ୍ରତାର ପରିମାଣ ଅଧିକ ଥିବାରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ସ୍ଥିତି ଲାଗି ରହିଛି । କୁହୁଡ଼ି ଯୋଗୁଁ ଅଧିକାଂଶ ସ୍ଥାନରେ ଦୃଶ୍ୟମାନ କ୍ଷମତା ହ୍ରାସ ହୋଇ ୫୦-୧୦୦ ମିଟରରୁ ବି କମ୍ ରହୁଛି । ଫଳରେ ସକାଳ ସମୟରେ ରାସ୍ତାଘାଟ ଦେଖାଯାଉ ନଥିବାରୁ ଯାନବାହନ ଚଳାଚଳରେ ବ୍ୟାହତ ସୃଷ୍ଟି ହୋଇଛି । ଆହୁରି ୩ ଦିନ ଯାଏ ଏଭଳି ଘନ କୁହୁଡ଼ି ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଉପଗ୍ରହରୁ ମିଳିଥିବା ସୂଚନାନୁଯାୟୀ, ରବିବାର ସକାଳୁ ଉତ୍ତର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ସହ ଦକ୍ଷିଣରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି/ବାୟୁମଣ୍ଡଳର ନିମ୍ନଭାଗରେ ତଳୁଆ ମେଘ ସମୂହର ଆସ୍ତରଣ ଦେଖିବାକୁ ମିଳିଛି । ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ଯାଜପୁର ଓ ନୟାଗଡ଼ରେ ଅତି ଘନ କୁହୁଡ଼ି ଆଶଙ୍କା ରହିଥିବା ବେଳେ ଖୋର୍ଦ୍ଧା, କଟକ, ଗଞ୍ଜାମ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ଘନକୁହୁଡ଼ି ଆଶଙ୍କା କରାଯାଇଛି ।

## କଡ଼ାକଡ଼ି ହେଲା...

କମିଶନର, ଡିସିପି, ଟ୍ରାଫିକ୍ ଡିସିପି ଏବଂ କ୍ୟାପିଟାଲ୍ ରିଜିଓନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ର ଜଣେ ବରିଷ୍ଠ ଅଧିକାରୀ ସଦସ୍ୟ ରହିଛନ୍ତି । ଏହି କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରି ଜରୁରୀ ସମସ୍ୟାଗୁଡ଼ିକର ସମୀକ୍ଷା କରିବ । ସଚିବ ଶ୍ରୀମତୀ ପାଢୀ କହିଛନ୍ତି, ପରିଚାଳନା ଦକ୍ଷତା ଏବଂ ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଆମ ବସ୍ ତାଲିକାରେ ଅତିରିକ୍ତ ମିନି ବସ୍ ଯୋଡାଯିବ । ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ । ନୂତନ ଭାବରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ଉତ୍ତମ ତାଲିମ ଦିଆଯିବ । ସାମିଲ ହେବା ପୂର୍ବରୁ, ଡ୍ରାଇଭିଂ ଦକ୍ଷତା, ସଡ଼କ ସୁରକ୍ଷା ସଚେତନତା, ଲେନ୍ ଡ୍ରାଇଭିଂ ଏବଂ ଆଚରଣଗତ ମାନଦଣ୍ଡ ମୂଲ୍ୟାଙ୍କନ ପାଇଁ ଏକ ବାଧ୍ୟତାମୂଳକ ପାଞ୍ଚ ଦିନିଆ ମୂଲ୍ୟାଙ୍କନ ଏବଂ ପରୀକ୍ଷଣ ପ୍ରଦାନ କରାଯିବ । ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଆଗାମୀ ଏକ ମାସ ଲାଗି ସାମଗ୍ରିକ ପରିଚାଳନା ଉପରେ କଡ଼ା ନଜର ରଖାଯିବ । ଟ୍ରାଫିକ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ, ଆମ ବସ୍ ସେବା ପାଇଁ ଲେନ୍ ଡ୍ରାଇଭିଂକୁ ବାଧ୍ୟତାମୂଳକ କରାଯାଇଛି । ପୁଲିସ ଏବଂ ଟ୍ରାଫିକ୍ ପୁଲିସ ସ୍ମାର୍ଟ ସିଟି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଆମ ବସ୍‌ଗୁଡ଼ିକର ଗତିବିଧି ଉପରେ ନଜର ରଖିବେ ।

ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ତପନ ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

୨୦୨୫ ଫେବୃଆରୀରୁ ଡିସେମ୍ବର ମଧ୍ୟରେ 'ଆମ ବସ୍' ସମ୍ପର୍କିତ ଦୁର୍ଘଟଣାରେ ୭ ଜଣ ପ୍ରାଣ ହରାଇଥିବାବେଳେ ୯୭ ଜଣ ଆହତ ହୋଇଛନ୍ତି । ଏହାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ପରେ 'ଆମ ବସ୍' ଚଳାଚଳ କରୁଥିବା ରାଜ୍ୟର ସମସ୍ତ ଅଞ୍ଚଳରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ଆଜି ଭୁବନେଶ୍ୱରରେ ପରିବହନ ଆୟୁକ୍ତ ଅମିତାଭ ଠାକୁର ସ୍ୱତନ୍ତ୍ର ଦଳ ସହ ମାଷ୍ଟରକ୍ୟାଣ୍ଟିନ ଡିପୋରେ ଯାଞ୍ଚ କରିଛନ୍ତି । କେବଳ ଡିପୋ ନୁହେଁ; ବସ୍ ଷ୍ଟପେଜଗୁଡ଼ିରେ ମଧ୍ୟ ଯାଞ୍ଚ କରାଯାଉଛି । ସେହିଭଳି କଟକ, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲାରେ ମଧ୍ୟ 'ଆମ୍ ବସ୍'ର ପରିବହନ ସେବା ଯାଞ୍ଚ ଜାରି ରହିଛି । ବସ୍ ଫିଟନେସ୍, ଚାଳକ ମଦ୍ୟପାନ କରିଛନ୍ତି କି, ମାନସିକ ଓ ଶାରୀରିକ ସ୍ଥିତି, ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ କରାଯାଉଛି କି ନାହିଁ ଇତ୍ୟାଦି ବିଷୟକୁ ଯାଞ୍ଚ ବେଳେ ଗୁରୁତ୍ୱ ଦିଆଯାଉଥିବା ପରିବହନ ବିଭାଗ କହିଛି ।

**AFFIDAVIT**

I RAMESH AGARWAL S/o Late Nathmal Agarwal Residing at Ward No. 9, Anladuba, P.O:- Rairangpur, P.S:- Rairangpur, Dist:- Mayurbhanj, Odisha-757043, shall henceforth be known as Ramesh kumar Agarwal as declared before the Court of First Class Judicial Magistrate at Rairangpur, (Dist:- Mayurbhanj, State:- Odisha) vide affidavit no 15AA791611, Dated 03/01/2026. Ramesh Agarwal and Ramesh kumar Agarwal both are same and identical person.

**AFFIDAVIT**

By virtue of an affidavit sworn before the Notary Public, Borigumma, no. 1701, dated. 15.12.2025, I Shripati Bhatara, S/o - Madhu Bhatara, resident of Vill - Gadiaguda, PO - Malda, PS - Borigumma, Dist - Koraput, Odisha, declare that my son GOBINDA BHATARA and BIJAY BHATRA is one and same person. Henceforth he shall be known as **BIJAY BHATARA** for all future purposes.

Sd/- Shripati Bhatara

**AFFIDAVIT**

By virtue of an affidavit sworn before the Executive Magistrate, Cuttack, I, Santosh Kumara Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as Trilochan Samantaray instead of Kunja Samantaray for all purposes

**AFFIDAVIT**

By virtue of an affidavit sworn before Executive Magistrate Balangir, Affidavit no. 287 on Dated 18.03.2025, I Pramod Kumar Maharana, S/o* Bhagabana Badhei, At: Shantipada, Po: Rajendra College, Ps: Balangir, Dist.: Balangir, Pin:767002, Odisha declare that I have changed my name from PRAMOD KUMAR BADHEI to PRAMOD KUMAR MAHARANA. Henceforth I shall be known as **PRAMOD KUMAR MAHARANA** for all purposes.

**AFFIDAVIT**

By virtue of an affidavit sworn before Notary Public, Sonepur, on Dated 03.01.2026, I Reemarani Meher, formerly known as Rima Meher, permanent resident of Boudiapada, Subalaya, PO- Subalaya, PS- Subalaya, Dist.: Subarnapur, Odisha, PIN- 767018 have changed my name from Rima Meher to Reemarani Meher. Henceforth I shall be known as **Reemarani Meher** for all purposes.

## ଆନ୍ଧ୍ରରେ ବାଲେଶ୍ୱରର...

ସେ ଆଜି ବାଲେଶ୍ୱରରୁ ଏକ କାର୍‌ରେ ବିଶାଖାପାଟଣା ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ନିୟନ୍ତ୍ରଣ ହରାଇଥିଲା । ଟ୍ରକଟି ଡିଭାଇଡର୍‌କୁ ଧକ୍କା ଦେଇ ଆରପାର୍ଶ୍ୱରୁ ଆସୁଥିବା ମହିଳାଙ୍କ କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । କାର୍‌ରେ ଥିବା ଚାଳକଙ୍କ ସମେତ ମୋଟ ୫ଜଣ ଯାତ୍ରୀ ଆହତ ହୋଇଥିଲେ । ଘଟଣାସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ଦୁଇ ପୁଅଙ୍କୁ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ମୃତ୍ୟୁ ଘଟିଥିଲା । କାର୍ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟ ଜଣେ ନାବାଳିକା କୋମାରେ ରହି ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

## ଗାଡ଼ି ଧକ୍କାରେ...

ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ତଦନ୍ତ କରୁଛି ।

## କକା-ପୁତୁରାଙ୍କ...

ସୂଚନାନୁଯାୟୀ, ଆସନ୍ତା ୨୮ ତାରିଖରେ ଭଜନଙ୍କ ଝିଆରିର ବାହାଘର । ପୁତୁରା ପାର୍ଥଙ୍କୁ ସାଙ୍ଗରେ ନେଇ ସେ ଆଜି କିଛି ସଂପର୍କୀୟଙ୍କ ଘରେ ନିମନ୍ତ୍ରଣ କାର୍ଡ ବାଣ୍ଟିଥିଲେ । ଦିନ ପ୍ରାୟ ସାଢ଼େ ୧ଟାରେ ଦୁହେଁ ବାଇକ୍‌ରେ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ଅଙ୍ଗନଦୀ ବ୍ରିଜ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଜର ବୋଝେଇ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଡୁଙ୍ଗୁରିପାଲି ପୁଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ଡାକ୍ତର ସେଠାରେ ପାର୍ଥଙ୍କୁ ମୃତ ଘୋଷଣା କରିଥିଲେ । ଭଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପାର୍ଥ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେ ବାପା-ମା'ଙ୍କ ଏକମାତ୍ର ପୁତ୍ର ଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅପରପକ୍ଷେ, ଡୁଙ୍ଗୁରିପାଲି ପୁଲିସ୍ ଦୁର୍ଘଟଣା ଘଟାଇଥିବା ପିକ୍-ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଆସନ୍ତାକାଲି ପାର୍ଥର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ରୋଜାଲିନ ପଟେଲ କହିଛନ୍ତି ।

ସେହିପରି ଅନ୍ୟ ଅଘଟଣ ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ ନକ୍ସାପାଲି ଛକ ନିକଟରେ ଘଟିଛି । ଏମଡି ୱାସିଫ, ଏମଡି ଜିଆଉଲ ଓ ଏମଡି ସିଫାନ ବାହାଘର ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଏକ କାର୍‌ରେ ଯାଉଥିଲେ । ନକ୍ସାପାଲି ଛକ ନିକଟ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱାକୁ ସେମାନଙ୍କ କାର୍‌ଟି ପଛରୁ ଦ୍ରୁତଗତିରେ ଧକ୍କା ଦେଇଥିଲା । ଘଟଣାସ୍ଥଳରେ କାର୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବାର ସ୍ଥାନୀୟ ଲୋକେ କହିଛନ୍ତି । ସେପଟେ ଉକ୍ତ ଅଞ୍ଚଳରେ ବେଇଆନ ଭାବେ ସବୁବେଳେ ଆସ୍ ବୋଝେଇ ହାଇୱା ପାର୍କିଂ କରୁଥିବା ଅଭିଯୋଗ ହୋଇଛି ।

X-09

ଓଡିଶା ସରକାର

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**

**ଘୋଷଣା**

File No. ୨୨୪୪/୨୦୨୫ | ତାରିଖ: ୨୪.୦୯.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାର ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରାପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ରେ ନିମ୍ନ ସୂଚିତ ' କ 'ତପସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୦୩/୨୦୨୨,ତା :୧୧.୦୫.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୭୮୮୪ ତା-୨୮.୦୭.୨୦୨୫-ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : କଲାର, ଥାନା : ବୈପାରିଗୁଡା, ତହସିଲ : ବୈପାରିଗୁଡାଜିଲ୍ଲା : କୋରାପୁଟ ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

ତପସିଲ – କ
(ପ୍ରସ୍ତାବିତ ଭୂମି ଅଗ୍ରହଣ ଅନୁସୂଚି)

ଜିଲ୍ଲା : କୋରାପୁଟ | ତହସିଲ : ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଲାର | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା | | | | | |

ତପସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : କୋରାପୁଟ | ତହସିଲ: ବୈପାରିଗୁଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ, କୋରାପୁଟ

ଭୂମି ଅନୁସୂଚୀ
ମୌଜା :କୋଲାର, ଥାନା-ବୈପାରିଗୁଡା ନଂ-୨୦୬, ତହସିଲ-ବୈପାରିଗୁଡା, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନମ୍ବର | ମୋଟ ରକବା(ଏକର) | ଅଧିଗ୍ରହଣ ରକବା (ଏକର)' | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୬ | ରଇତି | ୧୪୩୬ | ୦.୮୦୬ | ୦.୦୪୧ | ଜଙ୍ଗଲ | କୃଷ୍ଣ ନାୟକ,ରାମଚନ୍ଦ୍ର ନାୟକ, ମଧୁ ନାୟକ, ଗୋବର୍ଦ୍ଧନ ନାୟକ,ପି-ଚନ୍ଦ୍ର ଶେଖର ନାୟକ,ଜା-ଭୂମିଆ,ବା-ଦିକର୍ଗି, ବିସାରିଗୁଡା |
| ୨୫ | ରଇତି | ୧୩୭୫ | ୨.୨୨୧ | ୨.୧୯୨ | ଜଙ୍ଗଲ | କେଶବ ମିନାର ଦାଲିଆ, ପି-ଧନ ମିନାର ଦାଲିଆ,ଜା-ଭୂମିଆ,ବା-ଦିକର୍ଗି |
| ୩୨ | ରଇତି | ୧୪୦୦ | ୨.୦୫୧ | ୦.୦୬୮ | ଜଙ୍ଗଲ | ଗଙ୍ଗା ପୂଜାରୀ, ପି-ଡମରୁ ପୂଜାରୀ,ଜା-ଭୂମିଆ,ବା-ଦିକର୍ଗି |
| ୩୬ | ରଇତି | ୧୪୧୨ | ୩.୮୮୨ | ୨.୫୨୩ | ଜଙ୍ଗଲ | ଗୁରୁ ଗାଦବା, ପି-ସୁକୁରା ଗାଦବା,ଜା-ଗାଦବା,ବା-ଦିକର୍ଗି,ବିସାରିଗୁଡା |
| ୩୭ | ରଇତି | ୧୪୦୮ | ୧.୯୫୨ | ୧.୫୫୮ | ଜଙ୍ଗଲ | ଗୁରୁ ଗାଦବା, ଦୁଖୀ ଗାଦବା,ପି-ସୁକୁରା ଗାଦବା, ଜା-ଗାଦବା,ବା-ଦିକର୍ଗି,ବିସାରିଗୁଡା |
| ୩୭ | ରଇତି | ୧୪୦୯ | ୦.୧୮୮ | ୦.୦୯୫ | ଜଙ୍ଗଲ | ଗୁରୁ ଗାଦବା, ଦୁଖୀ ଗାଦବା,ପି-ସୁକୁରା ଗାଦବା, ଜା-ଗାଦବା,ବା-ଦିକର୍ଗି,ବିସାରିଗୁଡା |
| ୪୯ | ରଇତି | ୧୪୧୦ | ୪.୬୪୫ | ୦.୯୨୦ | ଜଙ୍ଗଲ | ଗୋଲା ମାଠ ପଡିଆ, ପି-ଭଗବାନ ମାଠ ପଡିଆ,ଜା-ଭୂମିଆ,ବା-ଦିକର୍ଗି |
| ୫୧ | ରଇତି | ୧୪୦୩ | ୧.୬୬୯ | ୦.୪୫୦ | ଜଙ୍ଗଲ | ଗୋବର୍ଦ୍ଧନ ସଗରିଆ,ପି-ରଘୁନାଥ ସଗରିଆ,ଜା-ହରିଜନ,ବା-ଦିକର୍ଗି |
| ୫୮ | ରଇତି | ୧୦୧୬ | ୨.୩୯୬ | ୦.୬୫୪ | ଜଙ୍ଗଲ | ସାଧି ପାମିଆ,ପି-ଖାଡି ପାମିଆ,ଜା-ଗାଦବା,ବା-ଦିକର୍ଗି ବିସାରିଗୁଡା |
| ୬୪ | ରଇତି | ୧୪୬୬ | ୧.୫୬୪ | ୧.୧୪୨ | ଜଙ୍ଗଲ | ଚନ୍ଦ୍ର ନାୟକ, ପି-ରାମଚନ୍ଦ୍ର ନାୟକ, ଜା-ରଣା,ବା-କୋରାପୁଟ |
| ୬୬ | ରଇତି | ୧୪୦୧ | ୧.୨୧୬ | ୧.୨୬୫ | ଜଙ୍ଗଲ | ଚନ୍ଦ୍ର ମାଟାମ,ପି-ଲକ୍ଷ୍ମୁ ମାଟାମ,ଜା-କନ୍ଧ,ବା-ଦିକର୍ଗି, ଟାଙ୍ଗିନିଗୁଡା, |
| ୮୨ | ରଇତି | ୧୩୨୯ | ୧.୨୨୫ | ୦.୪୯୧ | ଜଙ୍ଗଲ | ଜାଇ ପୂଜାରୀ, ପି-ଡମରୁ ପୂଜାରୀ,ଜା-ଭୂମିଆ,ବା-ଦିକର୍ଗି |
| ୮୨ | ରଇତି | ୧୩୬୮/ ୨୮୯୮ | ୦.୨୯୨ | ୦.୨୦୮ | ଜଙ୍ଗଲ | ଜାଇ ପୂଜାରୀ, ପି-ଡମରୁ ପୂଜାରୀ,ଜା-ଭୂମିଆ,ବା-ଦିକର୍ଗି |
| ୯୮ | ରଇତି | ୧୪୬୮ | ୨.୫୨୨ | ୦.୧୪୧ | ଜଙ୍ଗଲ | ଡମ୍ବରୁ ନାୟକ, ଚୈତନ୍ୟ ନାୟକ, ତ୍ରିନାଥ ନାୟକ, ପି-ଗୁରୁ ମୁରୀ ନାୟକ, ଜା-ରଣା, ବା-କୋରାପୁଟ |
| ୩୪୨/ ୨୯୩ | ରଇତି | ୧୦୨୨ | ୫.୬୩୩ | ୦.୩୨୫ | ଜଙ୍ଗଲ | ଭଗବାନ ମାଝୀ ପି-ଲକ୍ଷ୍ମଣ ମାଝୀ, ବ°ଲା ମାଝୀ ,ସ୍ୱା-ଭଗବାନ ମାଝୀ, ଜା-ଗାଦବ, ବା-ଦୁର୍ଗା(ଲମତା ଗୁଡ) |
| ୧୦୦ | ରଇତି | ୧୩୮୦ | ୩.୫୪୬ | ୦.୦୬୬ | ଧାନ ଅଣଜଳସେଚିତ ଦ ଏକ | ଡମ୍ବରୁ ଶିଶା, ଦୁଖିରା ଶିଶା,ସନୁ ଶିଶା,ପି-ଗୁରୁମୁର୍ତ୍ତୀ ଶିଶା, ଗୁରୁବାରି ଶିଶା, ସ୍ୱା-ଗୁରୁମୁର୍ତ୍ତୀ ଶିଶା,ଜା-ଗାଦବା,ବା-ଦିକର୍ଗି |
| ୧୦୦ | ରଇତି | ୧୩୮୧ | ୨.୫୨୦ | ୨.୦୦୩ | ଧାନ ଅଣଜଳସେଚିତ ଦ ଏକ | ଡମ୍ବରୁ ଶିଶା, ଦୁଖିରା ଶିଶା,ସନୁ ଶିଶା,ପି-ଗୁରୁମୁର୍ତ୍ତୀ ଶିଶା, ଗୁରୁବାରି ଶିଶା, ସ୍ୱା-ଗୁରୁମୁର୍ତ୍ତୀ ଶିଶା,ଜା-ଗାଦବା,ବା-ଦିକର୍ଗି |
| ୧୦୩ | ରଇତି | ୧୩୭୨ | ୪.୮୪୩ | ୦.୨୧୩ | ଜଙ୍ଗଲ | ଡମ୍ବରୁ ବଡଗି, ପି-ତ୍ରିଲୋଚନ ବଡଗି,ଜା-ଭୂମିଆ,ବା-ଜମିପୁଟ |
| ୧୦୯ | ରଇତି | ୧୪୬୪ | ୦.୫୨୧ | ୦.୦୮୬ | ଜଙ୍ଗଲ | ତ୍ରିନାଥ ନାୟକ,ପି-ସୁରେନ୍ଦ୍ର ନାୟକ, ଭଗବତି ନାୟକ,ସ୍ୱା-ସୁରେନ୍ଦ୍ର ନାୟକ,ଜା-ଭୂମିଆ,ବା-ଦିକର୍ଗି ବିଶାରିଗୁଡା |
| ୧୦୯ | ରଇତି | ୧୪୬୫ | ୦.୨୨୦ | ୦.୦୩୨ | ଜଙ୍ଗଲ | |
| ୧୧୬ | ରଇତି | ୧୦୨୨ | ୫.୩୩୭ | ୦.୪୬୫ | ଜଙ୍ଗଲ | ଚନ୍ଦନା ମୁର୍ଦ୍ଦିଆ,ଚନ୍ଦ୍ରମା ମୁର୍ଦ୍ଦିଆ,ପି-ବୁଦ୍ଧୁ ମୁର୍ଦ୍ଦିଆ,ସମାରୁ ମୁର୍ଦ୍ଦିଆ,ଜମାଇ ମୁର୍ଦ୍ଦିଆ,ଭଗବତି ମୁର୍ଦ୍ଦିଆ,ପି-ଜଗନ୍ନାଥ ମୁର୍ଦ୍ଦିଆ,ଜମୁନା ମୁର୍ଦ୍ଦିଆ,ସ୍ୱା-ଜଗନ୍ନାଥ ମୁର୍ଦ୍ଦିଆ,ଚନ୍ଦ୍ରଭାରି ମୁର୍ଦ୍ଦିଆ,ରାମ ମୁର୍ଦ୍ଦିଆ,ଦସ୍ତୁର ମୁର୍ଦ୍ଦିଆ,ଚିନ ମୁର୍ଦ୍ଦିଆ,ସବିଆ ମୁର୍ଦ୍ଦିଆ,ପି-କେଶବ ମୁର୍ଦ୍ଦିଆ,ଜଗରାମ ମୁର୍ଦ୍ଦିଆ,ପି-ସୁଖୀ ମୁର୍ଦ୍ଦିଆ,ଲକ୍ଷ୍ମୀ ମୁର୍ଦ୍ଦିଆ,ସ୍ୱା-ସୁଖୀ ମୁର୍ଦ୍ଦିଆ,ଜା-ଗାଦବା, ବା-ଦିକର୍ଗି ବିଶାରିଗୁଡା |
| ୧୪୦ | ରଇତି | ୧୩୭୬ | ୨.୦୨୪ | ୦.୩୩୩ | ଜଙ୍ଗଲ | ଚନ୍ଦ ସଗରିଆ, ପି-ଦୁଖୁରା ସଗରିଆ, ଜା-ହରିଜନ,ବା-ଦିକର୍ଗି |
| ୧୬୦ | ରଇତି | ୧୦୨୬ | ୩.୪୪୨ | ୧.୧୫୮ | ଜଙ୍ଗଲ | ବଳରାମ ଗାଦବା, ଜଗବନ୍ଧୁ ଗାଦବା,ପି-ଶୁକୁରା ଗାଦବା,ପାର୍ବତୀ ଗାଦବା,ସ୍ୱା-ମାଧବ ଗାଦବା,ଜା-ଗାଦବା,ବା-ଦିକର୍ଗି |
| ୧୬୪ | ରଇତି | ୧୩୬୮ | ୨.୦୫୧ | ୧.୮୧୬ | ଜଙ୍ଗଲ | ଦଲ୍ଲଭ ବଡଲିଆ, ପି-ରାମଚନ୍ଦ୍ର ବଡଲିଆ, ଜା-ଗାଦବା,ବା-ଦିକର୍ଗି |
| ୧୯୧ | ରଇତି | ୧୪୭୧ | ୨.୬୫୬ | ୦.୦୫୨ | ଜଙ୍ଗଲ | ଜଗନ୍ନାଥ ବିସାଇ,ପି-ଲୋକନାଥ ବିସାଇ ଓରଫ ରଣା,ଜା-ରଣା,ବା-ଦିକର୍ଗି(ବିଶାରିଗୁଡା) |
| ୨୦୮ | ରଇତି | ୧୩୭୪ | ୧.୯୨୦ | ୧.୧୮୩ | ଜଙ୍ଗଲ | ମଙ୍ଗଳା କେନ୍ଦୁ,ପି-ଅର୍ଜୁନ କେନ୍ଦୁ,ଜା-ଭୂମିଆ,ବା-ଦିକର୍ଗି |
| ୨୪୦ | ରଇତି | ୧୩୭୬ | ୨.୦୩୯ | ୧.୨୯୯ | ଜଙ୍ଗଲ | ରଘୁନାଥ ସଗରିଆ,ପି-ଲକ୍ଷ୍ମଣ ସଗରିଆ, ଜା-ହରିଜନ,ବା-ଦିକର୍ଗି |
| ୨୫୨ | ରଇତି | ୧୪୩୯ | ୦.୮୮୦ | ୦.୦୧୨ | ଧାନ ଅଣଜଳସେଚିତ ଦ ଦୁଇ | ରାମେଶ୍ୱର ସୁଆଡି,ଗୁରୁ ସୁଆଡି,ବାଳରାମ ସୁଆଡି,ପି-ଜଗନ୍ନାଥର ସୁଆଡି,ଜମିନା ସୁଆଡି,ସ୍ୱା-ଜଗନ୍ନାଥର ସୁଆଡି,ଶୁକଦେବ ସୁଆଡି,ସରିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁନ୍ତମା ସୁଆଡି,ସ୍ୱା-ଭଗବାନ ସୁଆଡି,ଦୁଖିରା ସୁଆଡି,ପି-ଧର୍ମୁଜୟ ସୁଆଡି,ଜା-ରଣା,ବା-ଦିକର୍ଗି(ଗୁରିଗୁଡା) |
| ୨୭୦ | ରଇତି | ୧୪୦୨ | ୧.୫୨୨ | ୧.୫୦୩ | ଜଙ୍ଗଲ | ଲକ୍ଷ୍ମଣ ମାଟାମ,ପି-ଲକ୍ଷ୍ମୁ ମାଟାମ,ଜା-ହରିଜନ,ବା-ଦିକର୍ଗି |
| ୨୮୦ | ରଇତି | ୧୪୩୭ | ୧.୫୨୪ | ୧.୪୦୩ | ଜଙ୍ଗଲ | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ବଳରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ଦନୁ ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂର୍ଯ୍ୟା, ବା-ଦିକର୍ଗି, ବିସାରିଗୁଡା |
| ୨୮୬ | ରଇତି | ୧୪୬୬ | ୩.୧୮୮ | ୨.୬୨୯ | ଜଙ୍ଗଲ | ସନ୍ତନ ନାୟକ ପି-ଲଳିତ ନାୟକ,ଭଗବତି ନାୟକ,ସ୍ୱା-ଲଳିତ ନାୟକ,ଜା-ରଣା,ବା-କୋରାପୁଟ |
| ୩୨୬ | ରଇତି | ୧୩୮୫ | ୩.୪୮୪ | ୦.୫୨୨ | ଜଙ୍ଗଲ | ଗୁରୁ ଗାଦବା,ପବଲାମ ଗାଦବା,ପି-ମସିହା ଗାଦବା,ପରମାନନ୍ଦ ଗାଦବା,ପି-କମଳୁ ଗାଦବା,କୃଷ୍ଣା ଗାଦବା,ସ୍ୱା-କମଳୁ ଗାଦବା,ଜା-ଗାଦବା,ବା-ଦିକର୍ଗି |
| ୩୨୬ | ରଇତି | ୧୩୮୯ | ୩.୩୮୩ | ୦.୬୬୪ | ଜଙ୍ଗଲ | |
| ୩୩୬ | ରଇତି | ୧୦୨୩ | ୨.୫୦୮ | ୦.୨୪୦ | ଜଙ୍ଗଲ | ସୋମନାଥ ଗାଦବା,ବଳରାମ ଗାଦବା,ବିନ୍ଦୁ ଗାଦବା,ଦୁର୍ଗା ଗାଦବା,ଗଙ୍ଗା ଗାଦବା,ପି-ମଙ୍ଗଳା ଗାଦବା, ଚନ୍ଦ୍ରମା ଗାଦବା,ସ୍ୱା-ମଙ୍ଗଳା ଗାଦବା,ଜା-ଗାଦବା,ବା-ଦିକର୍ଗି |
| ୩୩୬ | ରଇତି | ୧୩୮୩ | ୦.୪୯୪ | ୦.୩୧୮ | ଜଙ୍ଗଲ | |
| ୩୩୬ | ରଇତି | ୧୩୮୪ | ୪.୬୪୪ | ୩.୨୮୮ | ଜଙ୍ଗଲ | |
| ୩୪୨/ ୨୪ | ରଇତି | ୧୪୩୩ | ୧.୫୫୪ | ୧.୦୯୪ | ଜଙ୍ଗଲ | ପାର୍ବତୀ ନାୟକ, ପି-ଉଦବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୫ | ରଇତି | ୧୨୮୨ | ୨.୨୧୯ | ୧.୦୧୪ | ଧାନ ଅଣଜଳସେଚିତ ଦ ଦୁଇ | ଉଦବ ନାୟକ, ପି-ପଦନ ନାୟକ, ଜା-ଭୂର୍ଯ୍ୟା(ଭୂମିଆ)ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୫ | ରଇତି | ୧୨୮୬ | ୪.୨୨୫ | ୧.୧୨୦ | ଜଙ୍ଗଲ | |
| ୩୪୨/ ୨୫୪ | ରଇତି | ୧୪୩୩/ ୨୯୬୫ | ୩.୦୨୯ | ୦.୨୧୪ | ଜଙ୍ଗଲ | ଲକ୍ଷ୍ମଣ ଗାଦବା ପି-ସୁଦ ଗାଦବା, ଜା-ଗାଦବା, ବା-ବିଶାରିଗୁଡା |
| | | ମୋଟ | | ୩୫.୮୨୧ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୧୬ | ରଇତି | ୧୪୩୬ | ୦.୮୦୬ | ୦.୫୮୯ | ଜଙ୍ଗଲ | କୃଷ୍ଣ ନାୟକ,ରାମଚନ୍ଦ୍ର ନାୟକ,ମଧୁ ନାୟକ, ଗୋବର୍ଦ୍ଧନ ନାୟକ,ପି-ଚନ୍ଦ୍ର ଶେଖର ନାୟକ,ଜା-ଭୂମିଆ,ବା-ଦିକର୍ଗି, ବିସାରିଗୁଡା |
| ୨୫ | ରଇତି | ୧୪୩୧ | ୨.୧୪୯ | ୨.୧୪୯ | ଜଙ୍ଗଲ | ଡମ୍ବା ନାୟକ, କନକ ନାଏକ, ପି-ଡାଲିଆ ନାୟକ, ଜା-ଭୂମିଆ,ବା-ଦିକର୍ଗି ବିସାରିଗୁଡା |
| ୮୫ | ରଇତି | ୧୪୨୨ | ୩.୧୫୩ | ୩.୧୫୩ | ଜଙ୍ଗଲ | ଜମୁନା ଗାଦବା,ପି-ସମରା ଗାଦବା,ଜା-ଗାଦବା,ବା-ଦିକର୍ଗି ବିଶାରିଗୁଡା |
| ୨୫୨ | ରଇତି | ୧୪୩୯ | ୦.୮୮ | ୦.୮୬୮ | ଧାନ ଅଣଜଳସେଚିତ ଦ ଦୁଇ | ରାମେଶ୍ୱର ସୁଆଡି,ଗୁରୁ ସୁଆଡି,ବାଳରାମ ସୁଆଡି,ପି-ଜଗନ୍ନାଥର ସୁଆଡି,ଜମୁନା ସୁଆଡି,ସ୍ୱା-ଜଗନ୍ନାଥର ସୁଆଡି,ଶୁକଦେବ ସୁଆଡି,ସରିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁନ୍ତମା ସୁଆଡି,ସ୍ୱା-ଭଗବାନ ସୁଆଡି,ଦୁଖିରା ସୁଆଡି,ପି-ଧର୍ମୁଜୟ ସୁଆଡି,ଜା-ରଣା,ବା-ଦିକର୍ଗି ଗୁରିଗୁଡା |
| ୨୫୨ | ରଇତି | ୧୪୫୯ | ୩.୭୦୮ | ୩.୭୦୮ | ଧାନ ଅଣଜଳସେଚିତ ଦ ଏକ | ରାମେଶ୍ୱର ସୁଆଡି,ଗୁରୁ ସୁଆଡି,ବାଳରାମ ସୁଆଡି,ପି-ଜଗନ୍ନାଥର ସୁଆଡି,ଜମୁନା ସୁଆଡି,ସ୍ୱା-ଜଗନ୍ନାଥର ସୁଆଡି,ଶୁକଦେବ ସୁଆଡି,ସରିଆ ସୁଆଡି,ଅର୍ଜୁନ ସୁଆଡି,କୃଷ୍ଣ ସୁଆଡି,ସମରା ସୁଆଡି,ପି-ଭଗବାନ ସୁଆଡି,କୁନ୍ତମା ସୁଆଡି,ସ୍ୱା-ଭଗବାନ ସୁଆଡି,ଦୁଖିରା ସୁଆଡି,ପି-ଧର୍ମୁଜୟ ସୁଆଡି,ଜା-ରଣା,ବା-ଦିକର୍ଗି ଗୁରିଗୁଡା |
| ୨୮୦ | ରଇତି | ୧୪୩୭ | ୧.୫୨୪ | ୦.୧୨୧ | ଜଙ୍ଗଲ | ଲୋକନାଥ ମାଟପଡିଆ, ଭଗବାନ ମାଟପଡିଆ, ହରିବନ୍ଧୁ ମାଟପଡିଆ,ପି-ଅର୍ଜୁନ ମାଟପଡିଆ, ଭିମ ମାଟପଡିଆ, ପି-ବଳରାମ ମାଟପଡିଆ, ପର୍ଶୁରାମ ମାଟପଡିଆ, ଦନୁ ମାଟପଡିଆ, ପି-ଧନୁ ମାଟପଡିଆ, ଜା-ଭୂର୍ଯ୍ୟା (ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୦ | ରଇତି | ୧୪୩୨ | ୧.୪୧୬ | ୧.୪୧୬ | ଜଙ୍ଗଲ | ସୋମନାଥ ନାଏକ,ପି-ଡମ୍ବ ନାଏକ,ଜା-ଭୂର୍ଯ୍ୟା (ଭୂମିଆ), ବା-ଦିକର୍ଗି ବିଶାରାଗୁଡା |
| ୩୪୨/ ୨୪ | ରଇତି | ୧୪୨୨ | ୦.୫୮୩ | ୦.୫୮୩ | ଧାନ ଅଣଜଳସେଚିତ ଦ ଏକ | ପାର୍ବତୀ ନାୟକ, ପି-ଉଦବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୪ | ରଇତି | ୧୪୩୩ | ୧.୫୫୪ | ୦.୨୪୬ | ଜଙ୍ଗଲ | ପାର୍ବତୀ ନାୟକ, ପି-ଉଦବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୪ | ରଇତି | ୧୨୨୬ | ୧.୧୨୬ | ୧.୧୨୬ | ଜଙ୍ଗଲ | ପାର୍ବତୀ ନାୟକ, ପି-ଉଦବ ନାୟକ, ଜା-ଭୂର୍ଯ୍ୟା (ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୫ | ରଇତି | ୧୨୨୫ | ୧.୪୨୮ | ୧.୪୨୮ | ଜଙ୍ଗଲ | ଉଦବ ନାୟକ, ପି-ପଦନ ନାୟକ, ଜା-ଭୂର୍ଯ୍ୟା(ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୨୫ | ରଇତି | ୧୨୨୪ | ୩.୫୨୯ | ୩.୫୨୯ | ଜଙ୍ଗଲ | ଉଦବ ନାୟକ, ପି-ପଦନ ନାୟକ, ଜା-ଭୂର୍ଯ୍ୟା(ଭୂମିଆ), ବା-ଦିକର୍ଗି ବିସାରିଗୁଡା |
| ୩୪୨/ ୩୧୨ | ରଇତି | ୧୨୨୬/ ୩୨୨୩ | ୧.୨୨୯ | ୧.୬୨୫ | ଜଙ୍ଗଲ | ଜଗନ୍ନାଥ ମୁଣ୍ଡାଗୁଡିଆ ପି-ବଳରାମ ମୁଣ୍ଡାଗୁଡିଆ, ଜା-ଗାଦବା, ବା-ବିଶାରିଗୁଡା, ଡାଣ୍ଡୁଆଗୁଡା, କୁହୁରା |
| | | ମୋଟ | | ୧୦.୪୮୧ | | |

| | |
|---|---|
| ଅଧିଗ୍ରହଣ ନିମନ୍ତେ ମୋଟ ଚାହିଁଥିବା ଜମି | - |
| ରେଳପଥ ପ୍ରକଳ୍ପ ନିମନ୍ତେ ଚାହିଁଥିବା ଜମି | ୩୫.୮୨୧ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | ୧୦.୪୮୧ |
| ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | - |
| ମୋଟ | ୪୬.୩୦୨ |

Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24221/14/0002/2526

## ମାଝିପଡ଼ାରେ କଙ୍କାଳି ବୁଢା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଶଗଡ଼ା, ୪।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ମାଝିପଡ଼ା ଗ୍ରାମରେ କଙ୍କାଳି ବୁଢା ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନ ମହାକୁଡ଼ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀକାନ୍ତ ମହାକୁଡ଼, ଦେବେନ୍ଦ୍ର ବାରିକ, ସୁଶୀଲ ସାଣ୍ଡ, ଗଜେନ୍ଦ୍ର ସେଠୀ, ପରୀକ୍ଷିତ ମେଣ୍ଡିଲି ପ୍ରଭୁଦାସ ବାରିକ, ଅର୍ଜୁନ ମହାକୁଡ଼ଙ୍କ ସମେତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବୌଦ୍ଧରେ ବିଶାଳ କୃଷକ ସମାବେଶ




**ବୌଦ୍ଧ, ୪।୧(ସମିସ):** ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରେ ଟାଉନ ହଲଠାରେ ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନର ଆୟୋଜନ କ୍ରମେ ଏକ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇଥିଲେ। ଫେଡେରେସନ ସଭାପତି ରାଜକିଶୋର ଅଗ୍ରୱାଲ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କୃତ୍ତିବାସ ପଲିଆ ସଂଯୋଜନା କରିଥିଲେ।

## ବ୍ୟବସାୟୀ କମଳ ଅଗ୍ରୱାଲଙ୍କ ପରଲୋକ



**ତରଭା, ୪।୧(ସମିସ):** ତରଭା ଏନ୍‌ଏସିର ପୂର୍ବତନ ଅଧକ୍ଷା ମୋନିକା ଅଗ୍ରୱାଲଙ୍କ ସ୍ୱାମୀ ବିଶିଷ୍ଟ ଲୁଗା ବ୍ୟବସାୟୀ କମଳ କୁମାର ଅଗ୍ରୱାଲ(୪୭)ଙ୍କ ରବିବାର ପୂର୍ବାହ୍ନ ୬ଟା ୪୦ରେ ସୋନପୁର ଶାନ୍ତିପଡ଼ା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ କିଡନୀ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ମୋନିକା, ତାଙ୍କ ଏକମାତ୍ର ପୁଅ ସୁଜଳ, ବଡଭାଇ ରତନ, ପୁତୁରା ବିମଲ, ତରଭା ଉପନଗରପାଳ ଗଗନ ଅଗ୍ରୱାଲ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। କମଳଙ୍କ ମରଶରୀର ତରଭା ବାସଭବନକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସୁଜଳ ମୁଖାଗ୍ନି ଦେଇଥିଲେ। କମଳଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

## ଟଙ୍କା ପୈଠ ସତ୍ତ୍ୱେ ବିଦ୍ୟୁତ୍ ସଂଯୋଗ ମିଳୁନି



**ଶଗଡ଼ା, ୪।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଟୁକେଇପାଲି ଗ୍ରାମର ବୈଶାନନ୍ଦ କର୍ଣ୍ଣ ବୁଦ୍ୟୁତ୍ ସଂଯୋଗ ନେବାକୁ ଦହଗଞ୍ଜ ହେଉଛନ୍ତି। ବିଦ୍ୟୁତ୍ ଖୁଣ୍ଟ ପୋତିବା ପାଇଁ ସେ ୧୬ଦିନ ହେଲା ୮ ହଜାର ଟଙ୍କା ପୈଠ କରିଛନ୍ତି; ହେଲେ ଆଜି କାଲି ହେବ କହି ବିଭାଗ ଦିନ ଗଡ଼ାଇ ଚାଲିଛି ବୋଲି ଶ୍ରୀ କର୍ଣ୍ଣ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ କର୍ଣ୍ଣ ଲମ୍ବସରୀ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ମଧ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ସେଠାରେ ମନମୁଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ୨/୩ଦିନ ମଧ୍ୟରେ ବିଦ୍ୟୁତ୍ ଖୁଣ୍ଟ ପୋତା କାର୍ଯ୍ୟ ସରି ସଂଯୋଗ ଦିଆଯିବ ବୋଲି ଜିଲ୍ଲାପାଳଙ୍କ ଆଗରେ ସଫେଇ ଦେଇଥିଲେ; କିନ୍ତୁ ୭ଦିନ ବିତି ଯାଇଥିଲେ ସୁଦ୍ଧା ଫଳ ଶୂନ ବୋଲି ସେ ଅଭିଯୋଗ କରିଛନ୍ତି।

## ୧୯୮୭ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜା



**ବୌଦ୍ଧ, ୪।୧(ସମିସ):** ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ ପର୍ଯ୍ୟଟନ ସ୍ଥଳରେ ବୌଦ୍ଧ ବ୍ଲକ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ୧୯୮୭ ମସିହା ମେଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜା ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁରେନ୍ଦ୍ର ମଲ୍ଲିକ, ରାଜେନ୍ଦ୍ର ଗାଇଗୌରିଆଙ୍କୁ ଛାତ୍ରଛାତ୍ର ପୂଜା କରିଥିଲେ। ଏହି ଅବସରରେ ଶିକ୍ଷକ ସ୍ୱର୍ଗତ ଘାସିରାମ ଗୁରୁ, ସିଦ୍ଧେଶ୍ୱର ପୁରୋହିତ, ବେଣୁଧର ପ୍ରଧାନ, ବିଜୟ କଲତାଙ୍କ ଉଦ୍ଦେଶ୍ୟରେ ଶାନ୍ତି ପ୍ରାର୍ଥନା କରାଯାଇଥିଲା। ପ୍ରତାପ ବେହେରା ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ଗିରିଶ ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହୋନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭଗବାନ ପ୍ରଧାନ, ସୁଦର୍ଶନ କର୍ଣ୍ଣ, ସରୋଜ ସାହୁ, ଗଣେଶ ଜେନା, ଯୁଧିଷ୍ଠିର ସେଠି, ନିରଞ୍ଜନ ବେଜୀ, ଶେଷଦେବ ପଣ୍ଡା, ନରହରି ପ୍ରଧାନ, ଅନାଦି ସାହୁ, ବସନ୍ତ ସାହୁ, ବିନୋଦବିହାରୀ ଜେନା, ରେବତୀ ନାଏକ, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ସପରିବାର ଯୋଗ ଦେଇଥିଲେ।

**ଅଷ୍ଟାଦଶ 'ମହୁରି' ମହୋତ୍ସବ**

# ସାହିତ୍ୟ ଜଗତରେ 'ମହୁରି'ର ଭୂମିକା ଅନନ୍ୟ

ତରଭା, ୪।୧(ସମିସ)



**ଡ. ପ୍ରୀତିଧାରା ସାମଲ, ଡ. ନୃପରାଜ ସାହୁଙ୍କୁ 'ମହୁରି' ସମ୍ମାନ**

ମଣିଷ ମନର ଆବେଗକୁ ପରିପ୍ରକାଶ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ଉପଯୁକ୍ତ ମାଧ୍ୟମ। ସାହିତ୍ୟ ସାଧନା ସୁଖ, ଦୁଃଖ, ଅଭାବ ଓ ଅସୁବିଧା ଦେଖେ ନାହିଁ। ସେହିପରି ସାହିତ୍ୟରେ ଶବ୍ଦ, ଛନ୍ଦ, ଅଳଙ୍କାର ଅପେକ୍ଷା ଭାବ ହିଁ ମୁଖ୍ୟ ଉପଜୀବ୍ୟ ହୋଇଥାଏ। ଜୀବନକୁ ଛୁଇଁ ଛୁଇଁ ଯାଉଥିବା ପ୍ରସଙ୍ଗ ସବୁକୁ ନିଜର ପ୍ରତିଟି ପୃଷ୍ଠାରେ ତୋଳି ଧରି ମହୁରି ଆଜି ସାହିତ୍ୟ ଜଗତରେ ଏକ ଭିନ୍ନ ପରିଚୟ ତିଆରି କରିଛି। କବି, ଲେଖକ, ସାହିତ୍ୟିକ ସମସ୍ତଙ୍କୁ ନିଜର କରି ପାରୁଥିବା ମହୁରି ପତ୍ରିକା ସାହିତ୍ୟ ଜଗତରେ ଅନବଦ୍ୟ ଓ ଅନନ୍ୟ ବୋଲି ଆଜି ସୁବର୍ଣ୍ଣପୁରସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଅଷ୍ଟାଦଶ ମହୁରି ମହୋତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି କବିତା ଆନ୍ଦୋଳନର ଶାଶ୍ୱତ ସ୍ପନ୍ଦନ ମହୁରି ସାହିତ୍ୟ ପତ୍ରିକା ପକ୍ଷରୁ ଏହାର ଅଷ୍ଟାଦଶ ବାର୍ଷିକ ଉତ୍ସବ ସୁବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମହୁରିର ମୁଖ୍ୟ ସମ୍ପାଦକ ଡ. ଭବାନୀଶଙ୍କର ନିଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଲେଖକ ପ୍ରଫେସର ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗାଳ୍ପିକ ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, କବି ଡ. ପ୍ରୀତିଧାରା ସାମଲ ମଞ୍ଚାସୀନ ଥିଲେ। ମହୁରିର ସମ୍ପାଦକ ତଥା ଗାଳ୍ପିକ ସୁକାନ୍ତ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସୁଶୀଲ କୁମାର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଡ. ପ୍ରୀତିଧାରା ସାମଲ ଓ ଡ. ନୃପରାଜ ସାହୁଙ୍କୁ 'ମହୁରି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ରାଜ୍ୟସ୍ତରୀୟ କବିତା ପାଠୋତ୍ସବ। ମହାନଦୀ ସାହିତ୍ୟ ସଂସଦର ସଭାପତି ଡ. ସୌରଭ ରଞ୍ଜନ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଉଲୁଣ୍ଡାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ, ଶିକ୍ଷାବିତ ଓ ଗବେଷକ ଡ. ଅନିରୁଦ୍ଧ କୁରକୁରିଆ, ଅଧ୍ୟାପିକା ଡ. ଇତିଶ୍ରୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। କବି ଲକ୍ଷ୍ମୀ ନାରାୟଣ ସାହୁ, ରଞ୍ଜିତା ପଣ୍ଡା କବିତା ପାଠ ଉତ୍ସବର ସଂଯୋଜନା କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ୩୦ରୁ ଊର୍ଦ୍ଧ୍ୱ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଆଞ୍ଜେଲିନା ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ଜିଲ୍ଲା ପଞ୍ଚାୟତ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ସହକାରୀ ଜିଲ୍ଲାପାଳ ସତ୍ୟବ୍ରତ ସାହୁଙ୍କ ସହିତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଥିରେ ବହୁସଂଖ୍ୟକ କବି ଓ ଲେଖକ ତଥା ସାହିତ୍ୟପ୍ରେମୀ ଜନସାଧାରଣ ସାମିଲ ହୋଇଥିଲେ। ଏହି ଉତ୍ସବରେ ସୁବର୍ଣ୍ଣପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ ବୃନ୍ଦ, ସ୍ୱଚ୍ଛ ଭାରତ ସଂଗଠନ, ମାନମୁଣ୍ଡା ସୋନପୁର, ସୁବର୍ଣ୍ଣପୁର ସହରର ବିଭିନ୍ନ ସଙ୍ଗଠନ ଗୁଡିକର ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ସେହିପରି ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ସମୀକ୍ଷା




**ବୀରମହାରାଜପୁର, ୪।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଝାରବାହାଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ଠାରେ ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତିର ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ସକାଶେ ବିଭିନ୍ନ ବିଷୟ ଉପରେ ସମୀକ୍ଷା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଡାଇଁନିଙ୍ଗହଲ୍, ପାନୀୟଜଳର ସୁବ୍ୟବସ୍ଥା, ସୁରକ୍ଷା କକ୍ଷ, ବାଳକ ହଷ୍ଟେଲ ନିର୍ମାଣର ଅଗ୍ରଗତି, ବାଳିକା ହଷ୍ଟେଲର ସୁରକ୍ଷା ବାଡ, ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ଶିକ୍ଷାଦାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଡିଓ ଚିନ୍ମୟ ମହାନନ୍ଦ, ବିଇଓ ଅଜୟ ଲୁହାଙ୍କ ସମେତ ପରିଚାଳନା ଓ ବିକାଶ ସମିତିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଘର ଚଟିଆ ସଂରକ୍ଷଣ କାର୍ଯ୍ୟ ଦେଖିଲେ ଫରେଷ୍ଟର



**ବୀରମହାରାଜପୁର, ୪।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଖାଜୁରିଆପାଲି ଗ୍ରାମରେ ଥିବା ପ୍ରକୃତିପ୍ରେମୀ ସତ୍ୟଜିତ ଗଡ଼ୁଆଙ୍କ ଘର ପରିସରରେ ପହଞ୍ଚି ଘରଚଟିଆଙ୍କ ସଂରକ୍ଷଣ କାର୍ଯ୍ୟ ବୁଲି ଦେଖିଛନ୍ତି ନବନିଯୁକ୍ତ ଯାଲୋଇ ଫରେଷ୍ଟର ପ୍ରଦୀପ କୁମାର ଜେନା ଓ ବାବାଜୀ ନାଏକ। ସତ୍ୟଜିତଙ୍କ ଘର ପରିସରରେ ଥିବା ବିଲୁପ୍ତ ଘର ଚଟିଆଙ୍କ ବସାବୁଲି ଦେଖିବା ସହ ଘର ବଗିଚା ପରିସରରେ ଥିବା ବିଭିନ୍ନ ଔଷଧୀୟ ବୃକ୍ଷଲତା ଗୁଡିକ ବିଷୟରେ ବୁଝିଥିଲେ। ଏହି ଅବସରରେ ଏଭଳି ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ଦ୍ୱାରା ନୂତନ କର୍ମଚାରୀମାନଙ୍କ ପାଇଁ ଘର ଚଟିଆ ଏବଂ ବିରଳ ଔଷଧିୟ ବୃକ୍ଷ ଲତାର ସଂରକ୍ଷଣ ଦିଗରେ ସହାୟକ ହେବ ବୋଲି ବନପାଳ ଶ୍ରୀ ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**

## ମଧ୍ୟାହ୍ନ ହେଲେ ବର୍ହି ବିଭାଗ ବନ୍ଦ




**ଶଗଡ଼ା, ୪।୧(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ଭଗବାନଙ୍କ ଭରସାରେ ଚାଲିଛି। ମଧ୍ୟାହ୍ନରେ ବର୍ହି ବିଭାଗ ବନ୍ଦ ରହୁଛି। ଏଣୁ ରୋଗୀ ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ଜିଲ୍ଲା ପ୍ରଶାସନର ନଜର ପଡୁ ନାହିଁ। ଡାକ୍ତର ନିଜ ସରକାରୀ ଘରେ ରହି ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ହେବ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଉପରିସ୍ଥ ଅଧିକାରୀ, ବିଭିନ୍ନ ରାଜନୈତିକ ଲୋକଙ୍କ ଭରସାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଛନ୍ତି। ଖାମଖିଆଲି ମନୋଭାବ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ମଧ୍ୟାହ୍ନରେ ବର୍ହି ବିଭାଗରେ ଡାକ୍ତର ନ ରହୁ ନ ଥିବାରୁ ରୋଗୀ ଫାର୍ମାଶିଷ୍ଟଙ୍କ ସରକାରୀ ବାସଭବନକୁ ଚିକିତ୍ସା ପାଇଁ ଯାଉଛନ୍ତି। ୨୦୨୩ ମସିହାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପ ରେଖ ବଦଳିଥିଲା। ବିଭିନ୍ନ ଔଷଧୀୟ ବୃକ୍ଷ ଲାଗିଥିଲା। ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇଥିଲା। ଗେଟ୍ ସହ ନାମ ଫଳକ ଲଗା ଯାଇଥିଲା। ପରିସରରେ ଟାଇଲ ବିଛା ଯାଇଥିଲା। ଏହିଭଳି ଭାବେ ସାଜସଜ୍ଜା ସହ ଚକ୍ ଚାକ୍ ଥିଲା। ୧୨ ପଞ୍ଚାୟତବାସୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି। ଏଠାକୁ ଜଣେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହଲିଙ୍ଗଙ୍କୁ ମଧ ଅବଗତ କରାଇଥିଲେ। ଇତି ମଧ୍ୟରେ ବର୍ଷେ ବିତି ଯାଇଥିଲେ ମଧ ଫଳ ଶୂନ।

## ୨୫ରୁ ତୃତୀୟ ରାଜ୍ୟସ୍ତରୀୟ ଅସୁରଗଡ଼ ଲୋକ ମହୋତ୍ସବ

● ଶୁଭ ଖୁଣ୍ଟି ସ୍ଥାପନ



**ଶଗଡ଼ା, ୪।୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡାସ୍ଥିତ ବାବା ସୁବର୍ଣ୍ଣ ମେରୁ ପଡ଼ିଆରେ ଜାନୁଆରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ତୃତୀୟ ରାଜ୍ୟସ୍ତରୀୟ ଅସୁରଗଡ଼ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ସଭାପତି ଆଶିଷ ସାହୁଙ୍କ ନେତୃତ୍ୱ ଓ ସମ୍ପାଦକ ଶିବ ନାରାୟଣ ଚୌଲିଆଙ୍କ ଆହ୍ୱାନ କ୍ରମେ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଉପସ୍ଥିତରେ ମହୋତ୍ସବ ପଡ଼ିଆରେ ଶୁଭ ଖୁଣ୍ଟି ସ୍ଥାପନ ହୋଇଥିଲା। ଜ୍ୟୋତିରଞ୍ଜନ ପଣ୍ଡା ପୂଜା କାର୍ଯ୍ୟ ତୁଲାଇ ଥିଲେ। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ମନମୁଣ୍ଡା ଥାନା ଅଧିକାରୀ ସସ୍ମିତା ମଗର, ମନମୁଣ୍ଡା ସରପଞ୍ଚ ରଞ୍ଜୁ ବେହେରା, ସଚ୍ଚିନ ମିଶ୍ର ଓ ଅସୁରଗଡ଼ ଲୋକ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ସାମିଲ ହେବେ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବୌଦ୍ଧ, ୪।୧(ସମିସ):** ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ରାହୁଲ ସରାଫ ଏବଂ ବାଳିକା ବିଭାଗରେ ବର୍ଷା ପରିଡ଼ା ଚାମ୍ପିଅନ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ ଯୋଗଦେଇ ଶାରୀରିକ ସୁସ୍ଥତା ନିମନ୍ତେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଧର୍ମା ମଲ୍ଲିକ ଯୋଗଦେଇ କ୍ରୀଡ଼ାରେ ଭବିଷ୍ୟତ ଗଢ଼ିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ସୁପରାମର୍ଶ ଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ପ୍ରମୋଦ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ରବୀନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅଙ୍କିତା କୁଜୁରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜ୍ୟୋତିର୍ମୟୀ କହଁର ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୫ ଜଣଙ୍କୁ କମ୍ବଳ ବଣ୍ଟନ




**ହରଭଙ୍ଗା, ୪।୧(ସମିସ):** ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତ ବିବେକାନନ୍ଦ ଯୁବକ ସଙ୍ଘରେ ଗ୍ରାମର ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପୁରୁଣାକଟକର ବ୍ୟବସାୟୀ ମାତେଦିନଲାଲ ଅଗ୍ରୱାଲଙ୍କ ଦ୍ୱାରା ୭୫ ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ବାମଦେବ ଦାଶ, ତପନ ସାହୁ, ରଞ୍ଜନ ସାହୁ, ସାମ୍ବାଦିକ କୁମୁଦ ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ମଙ୍ଗୁଲିସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବୀରମହାରାଜପୁର, ୪।୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଖେଳ ପଡ଼ିଆରେ ପ୍ରଥମ ଜୀବନ ଏବଂ ମଙ୍ଗୁଲୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାନ୍ଧଶିଳ୍ପୀ ଡୋଲାମଣୀ ମେହେର, ଅବସରପ୍ରାପ୍ତ ଶିକ୍ଷକ ତ୍ରିପୁରାରି ରଥ, ଅଖୁଜ ପଧାନ, ଯୋଗାଣ ସହାୟକ ଭାରତ ଖମାରି ଏବଂ ଶିକ୍ଷାବିତ ହୃଷିକେଶ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ରୟାଲ ଟାଇଗର ସୁବଳୟା ଏବଂ ରାମ ଏକ୍ସ ଆଇ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁବଳୟା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ୍ ହରାଇ ୧୧୬ରନ ସଂଗ୍ରହ କରିଥିବା ବେଳେ ଜବାବରେ ବୌଦ୍ଧ ଦଳ ୩ ଉଇକେଟ୍ ହରାଇ ୧୧୦ ରନ୍ କରିଥିଲା। ସେହିପରି କ୍ୱାର୍ଟର ଫାଇନାଲ ମ୍ୟାଚ ବିଡ଼ିସିସି ବୌଦ୍ଧ ଏବଂ ବ୍ଲାକ ପାନ୍ଥର ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବୌଦ୍ଧ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ସୋନପୁର ଦଳ ୬ ଓଭରରେ ୬ ଉଇକେଟ ବିନିମୟରେ ୬୨ ରନ ସଂଗ୍ରହ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଆଜିର ସେମିଫାଇନାଲ ମ୍ୟାଚ ବ୍ଲକ ପାନ୍ଥର ସୋନପୁର ଏବଂ ରୟାଲ ଟାଇଗର ସୁବଳୟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ଗୋଟିଏ ଉଇକେଟ୍ ହରାଇ ୪୪ ରନ ସଂଗ୍ରହ କରିଥିଲା। ଜବାବରେ ସୁବଳୟା ଦଳ ୫ ଉଇକେଟ୍ ହରାଇ ୪୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ସୋନପୁର ଦଳ ପୁଲ-ଏରୁ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଅମ୍ପାୟାର ଟିଟୁ ମେଘା ଏବଂ ମଧୁ ମେହେର ପରିଚାଳନା କରିଥିବା ବେଳେ ଧାରା ବିବରଣୀ ଦେଇଥିଲେ ବିନୋଦ ମହାକୁଡ। ସୁଧୀର ମହାକୁଡ଼ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଆଜିର ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୋନପୁର ଦଳର ଅନିଲ ପଧାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଡ. ରାଜେଶ କୁମାର ମେହେର ସମ୍ମାନିତ



**ତରଭା, ୪।୧(ସମିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସଙ୍ଗୀତ ନାଟକ ଏକାଡେମି ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପାଏଁରିର ୨୬ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତରଭା ଶ୍ରୀହରି ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ଡ. ରାଜେଶ କୁମାର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଜିଲ୍ଲାପାଳ ଡ. ନୃପରାଜ୍ ସାହୁ ଡ. ମେହେରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ସୋମ୍ୟାରୁପା ରଥ, ପୂର୍ବତନ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବାରିକ, କବି ଆର୍ତ୍ତତ୍ରାଣ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ଶ୍ରୀ ମେହେରଙ୍କର ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ସେବା ଓ ସମାଜ ପ୍ରତି ଦାୟିତ୍ୱବୋଧକୁ ସମ୍ମାନ ଜଣାଇ ପଏଁରି ପରିବାର ପକ୍ଷରୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ସମ୍ମାନ ପାଇଁ ଡ. ମେହେର ପଏଁରି ପରିବାରର ସଭାପତି ଲଡୁକିଶୋର ମଲ୍ଲିକ, ସମ୍ପାଦକ ଚୌଧୁରୀ ବିଭାର, ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକଙ୍କ ସମେତ ପଏଁରି ପରିବାରର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏହି ସମ୍ମାନ ଆଗାମୀ ଦିନରେ ଅଧିକ ନିଷ୍ଠା ସହିତ ସୁବର୍ଣ୍ଣପୁର ଜିଲ୍ଲାରେ ଉଚ୍ଚକୋଟୀର ଶିକ୍ଷା ସେବା ଜାରି ରଖିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

# ସିନାପାଲି ଥାନା ପକ୍ଷରୁ ରକ୍ତଦାନ ଶିବିର

**ସିନାପାଲି, ୪ା୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପରିସରରେ ନୂଆପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଳ ସିଂହଙ୍କ ତତ୍ୱାବଧାନରେ ମେଗା ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୨ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ରକ୍ତଦାନ କରି ୭୩ ୟୁନିଟ୍ ରକ୍ତ ଦାନ କରି ମାନବ ସେବା ପ୍ରତି ନିଜର ଦାୟିତ୍ୱବୋଧ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଏହାର ଜୀବନ ରକ୍ଷାରେ ଭୂମିକା ଓ ସମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନାପାଲି ପଞ୍ଚାୟତ ସମିତିର ଉପାଧକ୍ଷା ମିନା ଘିଭେଲା, ସିନାପାଲି ଥାନା ଅଧିକାରୀ ଦୁର୍ଗା ମାଧବ ବାଗ ଓ ଡାକ୍ତର ସାହିଲ ଯୋଶୀ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏସ୍‌ଆଇ ସହଦେବ ଯୋଶୀ, ଏସ୍‌ଆଇ ବିଷ୍ଣୁ ପ୍ରଧାନ, ଏସ୍‌ଆଇ ଜ୍ୟୋତ୍ସ୍ନାରାନି ଖୁଣ୍ଟିଆ, ଏସ୍‌ଆଇ ପ୍ରଭାକର ନାଏକ, ଏସ୍‌ଆଇ ରାମ ବାଗ, ଏସ୍‌ଆଇ ରେବତୀ ଦୁର୍ଗା, ଏସ୍‌ଆଇ ତରୁନ କୁମାର ସାହୁ, ହବିଲଦାର ଅଭିରାମ ଘିଭେଲା ସହ ସମସ୍ତ କନଷ୍ଟେବଲ, ଗ୍ରାମରକ୍ଷୀ ଓ ଆଇଆରବି ଷ୍ଟାଫମାନଙ୍କ ସହଯୋଗ ଉଲ୍ଲେଖନୀୟ ଥିଲା। ସିଏଚସି ସିନାପାଲି ଓ ଓବିସି ଡିଏଚଏଚ, ନୂଆପଡ଼ାର ମେଡିକାଲ ଟିମ୍ ସକ୍ରିୟ ଭୂମିକା ନିଭାଇଥିଲେ। ଏହି ଦଳରେ ମେଡିକାଲ ଅଫିସର ଡ.ସାହିଲ ଯୋଶୀ, ଲାବୋରେଟରୀ ଟେକ୍ନିସିଆନ ବଳରାମ ପାତ୍ର, ଏଲଟି ଘନଶ୍ୟାମ ପଧାନ, ଏନସିଡି କାଉନସେଲର ଲିଙ୍ଗେଶ୍ୱର ଦାସ, ଅଟେଣ୍ଡାଣ୍ଟ ହେତୁରାମ ଓ ନର୍ସିଂ ଅଫିସର ଡ. ସୁମନ ସୌରଭ ଅନ୍ତର୍ଭୁକ୍ତ ଥିଲେ। ରକ୍ତଦାନ ଶିବିରରେ ଅନେକ ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ, ଡ୍ରାଇଭର ସଂଘ ସଦସ୍ୟ, ସିନାପାଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକ, ଅଞ୍ଚଳର ଯୁବଗୋଷ୍ଠୀ ସହ ଅଞ୍ଚଳବାସୀ ଯୋଗଦେଇ ରକ୍ତଦାନ କରିଥିଲେ।



## ■ ଥୁଆମୂଳରାମପୁର ଅଞ୍ଚଳରେ ଟୋକିମରା ପର୍ବ

# ଆଦିବାସୀ ନୃତ୍ୟଗୀତରେ ଉତ୍ସବମୁଖର ଅଞ୍ଚଳ

**ଥୁଆମୂଳରାମପୁର, ୪ା୧(ସମିସ)**





ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିଆରା ପର୍ବ ହେଉଛି ଟୋକିମରା ପର୍ବ ଯାହା ପ୍ରତିବର୍ଷ ପୌଷ ମାସର ଶେଷ ରବିବାର ଦିନ ପାଳନ ହୋଇଥାଏ। ଥୁଆମୂଳରାମପୁର ବ୍ଲକର ଗୋଟିଏ ପାର୍ଶ୍ୱରେ ପୌଷ ମାସର ଶେଷ ରବିବାର ତଥା ଗତ ୨୮ ତାରିଖ ଦିନ ବ୍ଲକର ତଳଝାପିର ମୁନୁଷପଡ଼ା, ଗୋପାଳପୁରର ବେନ୍ଦାଖୋଲା, ମହୁଲପାଟଣାର ଟିକିଲିପଦରରେ ଟୋକିମରା ପର୍ବ ପାଳିତ ହୋଇଯାଇଥିବା ବେଳେ ଅନ୍ୟ ପଟରେ ପୌଷ ପୂର୍ଣ୍ଣିମାର ପରବର୍ତ୍ତୀ ରବିବାର ଦିନ ଏହି ପର୍ବ ପାଳନ ହୋଇଥିଲା। ଗୁଣପୁର, ସିଆଳିପଦର, ନାକୁରୁଣ୍ଡିର ଟୁରିଭେଜିଗୁଡା, କିଆପଦରର ସାପମୁଣ୍ଡି ଏବଂ କାଣିଗୁମା ପଞ୍ଚାୟତର ଚାଟିକନା ଠାରେ ଶାନ୍ତି ଶୃଙ୍ଖଳାର ସମ୍ପନ୍ନ ହୋଇଯାଇଛି। ସାପମୁଣ୍ଡି ଠାରେ ଅନୁଷ୍ଠିତ ପର୍ବରେ ୧୨ଟି ପଦର ତଥା ଗାଁରୁ ୧୨ଟି ଟାଙ୍ଗୀ ଅସ୍ତ୍ର ଆସି ସ୍ଥାନୀୟ ଧରନୀ ଗୁଡିଠାରେ ପୂଜାର୍ଚ୍ଚନା ଏବଂ ପରେ ମଧାହ୍ନ ସମୟରେ ଟୋକିମରା କାର୍ଯ୍ୟକ୍ରମ ହୋଇଥିଲା। ଆଦିବାସୀ ନୃତ୍ୟ ଗୀତ ଏବଂ ଆଦିବାସୀ ବାଦ୍ୟରେ ଉତ୍ସବ ମୁଖର ହୋଇପଡ଼ିଥିଲା ସମଗ୍ର ସାପମୁଣ୍ଡି ଗାଁ। ସେହିପରି ନାକୁରୁଣ୍ଡି ର ଟୁରିଭେଜିଗୁଡା ଠାରେ ମଧ ନାକୁରୁଣ୍ଡି ସମେଇ ସିଲେଟ୍, କେରପାଇ ପଞ୍ଚାୟତ ଏବଂ ପଡୋଶୀ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂପୁର ଏବଂ କାଶୀପୁର ବ୍ଲକରୁ ପ୍ରାୟ ୩୦ଟି ଗାଁରୁ ୩୦ ଟାଙ୍ଗୀ ଓ ଛୁରୀ ଆସିଥିଲା। ସେହିପରି ସିଆଳିପଦର ଠାରେ ୧୬ ଖଣ୍ଡ ଟାଙ୍ଗୀ ଆସିଥିଲା। ଏହି ପର୍ବରେ ଆସିଥିବା ଟାଙ୍ଗୀ ଛୁରୀ ମାଧମରେ ବୋଦାବଳୀର ମାଂସ କଟାଯାଇ ନିଜନିଜ ଗାଁର ମଙ୍ଗଳ ପାଇଁ ନେଇଥାନ୍ତି। ଏହି ମାଂସ ଗାଁରେ ପୋତା ଗଲେ ଗ୍ରାମବାସୀଙ୍କ ମଙ୍ଗଳ ହେବ ବୋଲି ବିଶ୍ୱାସ କରାଯାଏ। ଯେହେତୁ ଏହି ପର୍ବରେ ଆଦିବାସୀଙ୍କ ଧରନୀ ଗୁଡିରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଆସିଥାଏ।କେତେବେଳେ କୌଣସି ଅଘଟଣ ନହୁଏ ସେଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ମାଟି ମା ମାଟି ଦେବତାର ଆଦ୍ୟ ପୂଜକ ହେଉଛନ୍ତି ଆଦିବାସୀ। ଯେଉଁଠି ଆସ୍ଥା ଓ ବିଶ୍ୱାସ ପ୍ରତଫଳିତ ହୋଇଥାଏ। ସେଇ ମାଟି ମାଆର ପୂଜା କରି ବିଭିନ୍ନ ଖାଦ୍ୟ ଶସ୍ୟର ବୀଜ ବୁଣାଯାଇଥାଏ ସେଇ ଶସ୍ୟ ଅମଳରେ କୌଣସି ରୋଗପୋକରୁ ରକ୍ଷା ସହିତ ନିଜ ତଥା ନିଜ ପରିବାର ନିଜ ଗାଁ ମାଟିର ସୁଖ ସମୃଦ୍ଧିର କାମନା କରିଥାନ୍ତି ଆଦିବାସୀ। ସେଥିପାଇଁ ଧରନୀ ଗୁଡି ତଥା ମାଟି ଦେବତାଙ୍କ ପୀଠରେ ଆଦିବାସୀ ପରମ୍ପରାର ରୀତିନୀତି ଅନୁଯାୟୀ ବିଭିନ୍ନ ସମୟରେ ପୂଜାର୍ଚ୍ଚନା ସହ ପର୍ବ ପାଳନ କରିଥାଆନ୍ତି। ଶସ୍ୟ ଅମଳ ପରେ ସେଇ ମାଟି ଦେବତାଙ୍କୁ ଶାନ୍ତି କରିବା ପାଇଁ ଅଞ୍ଚଳରେ ଟୋକିମରା ପର୍ବ ପାଳନ କରାଯାଇଥାଏ।

# ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଦେହାନ୍ତ

**ନୂଆପଡ଼ା, ୪ା୧(ସମିସ):** ଖଡ଼ିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ୮୦ ବର୍ଷ ବୟସରେ ଦେହାନ୍ତ ଘଟିଛି। ତାଙ୍କ ମୃତ୍ୟୁ ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ସେ ଓଡ଼ିଶାର ପ୍ରଥମ ସଂସଦ ଖଡିଆଳ ସାହିତ୍ୟ ସମିତିର ସ୍ଥାୟୀ ସଭାପତି ଥିଲେ। ଆସନ୍ତାକାଲି (ସୋମବାର) ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ତାଙ୍କ ପୁଅ ତଥା ଯୁବରାଜ ଦେବ ଦେବ ସିଂ ଦେଓ ମୁଖାଗ୍ନି ଦେବା ପରେ ଶେଷ କୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସ୍ୱର୍ଗତ ମନ୍ତ୍ରୀ ତଥା ଖଡ଼ିଆଳର ବିଧାୟକ ଏବଂ ପୂର୍ବର ଖଡ଼ିଆଳ ଗଡ଼ଜାତର ରାଜା ଅନୁପ ସିଂ ଦେଓଙ୍କ ବଡ଼ ପୁଅ ଥିଲେ ଜିତାମିତ୍ର। ସେ ଜଣେ ସୁସାହିତ୍ୟିକ, ଗବେଷକ ଏବଂ ପ୍ରତ୍ନତାତ୍ୱିକ୍। ତାଙ୍କର ବହୁ ଲେଖା ଦେଶ ବିଦେଶରେ ଆଦୃତ ରହିଛି। ତାଙ୍କ ମୃତ୍ୟୁରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



# ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏସନର ନୂତନ କର୍ମକର୍ତ୍ତା

**ଭବାନୀପାଟଣା, ୪ା୧(ସମିସ):** ୱେସ୍କୋ ଇଞ୍ଜିନିୟର ସର୍ଭିସ ଆସୋସିଏସନର ବାର୍ଷିକ ସାଧାରଣ ଅଧିବେଶନ କାଇଁସିର ଠାରେ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି, ବଲାଙ୍ଗିର, ବରଗଡ଼ ରାଉରକେଲା ଓ ସମ୍ବଲପୁର ମଣ୍ଡଳ ଅଧିନସ୍ଥ ଟିପିଡବ୍ଲୁଓଡିଏଲ ଅଧିନରେ କାର୍ଯ୍ୟରତ ଗ୍ରାଜୁଏଟ ଇଞ୍ଜିନିଅର ସଂଘର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବାରିକଙ୍କ ଅଦକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟରତ ଇଞ୍ଜିନିୟରମାନେ ସନମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ପୂର୍ଣ୍ଣ ଗଣତନ୍ତ୍ର ପଦ୍ଧତିରେ ଆସୋସିଏସନର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଉକ୍ତ ନିର୍ବାଚନରେ ଜଗନ୍ନାଥ ବାରିକ ସଭାପତି, ବିଜୟ ମହାପାତ୍ର ଉପସଭାପତି, ଶଙ୍କର ବେହେରା ସାଧାରଣ ସମ୍ପାଦକ, ବ୍ରଜକିଶୋର ମିଶ୍ର ସହ ସମ୍ପାଦକ ଓ ସୂର୍ଯ୍ୟକାନ୍ତ ସାହୁ କୋଷାଧକ୍ଷ ଭାବେ ନିର୍ଦ୍ଦନ୍ଦରେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତ ଗାୟ, ଜସ୍ମିତ ସିଂ ଛାବ୍ରା ଓ ଗୁପ୍ତ ପ୍ରସାଦ ତ୍ରିପାଠୀ ସହ ସାଧାରଣ ସମ୍ପାଦକ ଏବଂ କଶଳେଶ ପ୍ରଧାନ, ଉଦୟଭାନୁ ନନ୍ଦି, ବାପୁଜୀ ପ୍ରଧାନ, ପୂରନ୍ଦର ସାହୁ, ନିଖିଲ ପଟେଲ, ପ୍ରିୟବ୍ରତ ଜେନା ଓ ବିବେକାନନ୍ଦ ଷଡ଼ଙ୍ଗୀ ଏକଜୁକ୍ୟୁଟିଭ ବଡି ଭାବେ ନିର୍ବାଚିତ ହୋଇଥିଲେ। ରାଜୁ ସାହା, ମନୋରଞ୍ଜନ ଓ ହିମାଂଶୁ ସାମନ୍ତ ରାୟଙ୍କୁ ସର୍ବ ସମ୍ମତିକ୍ରମେ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ନିର୍ବାଚିତ ସଭ୍ୟମାନେ ଇଂଜିନିୟରଙ୍କ ସମସ୍ତ ସମସ୍ୟାକୁ ଆଗାମୀ ଦିନରେ ଟାଟା ମ୍ୟାନେଜମେଣ୍ଟ ଆଗରେ ଉପସ୍ଥାପନ କରି ସମସ୍ୟାର ସମାଧାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା।




# ସ୍ୱତନ୍ତ୍ର ମଣ୍ଡି ଖୋଲିବା ନେଇ ଚାଷୀଙ୍କ ବୈଠକ



**କୋକସରା, ୪ା୧(ସମିସ):** କୋକସରା ବ୍ଲକ ମାଝୀଗୁଡା ପଞ୍ଚାୟତର ଚାଷୀମାନେ ଦୀର୍ଘ ବର୍ଷ ହେଲା କୋକସରା ମଣ୍ଡିରେ ଧାନ ବିକ୍ରି କରି ଆସୁଛନ୍ତି। ତେବେ ମାଝୀଗୁଡାରୁ କୋକସରା ମଣ୍ଡି କୁ ୫/୬ କିମି ରାସ୍ତା ହେଉଥିବା ବେଳେ ଅନେକ ସମୟରେ ଚାଷି ମାନେ ଧାନ ବିକ୍ରି ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ରବିବାର ମାଝୀଗୁଡା ପଞ୍ଚାୟତର ମାଝୀଗୁଡା, ଦାବ୍ରିଗୁଡା ଓ କାଦୋପଦର ଗ୍ରାମର ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ମାଝୀଗୁଡା ଗ୍ରାମର ଚାଷୀ ତଥା ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗଙ୍କ ନେତୃତ୍ୱରେ ସ୍ଥାନୀୟ ଗିରି ଗୋବର୍ଦ୍ଧନ ପାହାଡ଼ ନିକଟରେ ଅନୁଷ୍ଠିତ ବୈଠକରେ ମାଝୀଗୁଡା ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ଧାନ ମଣ୍ଡି ସ୍ୱତନ୍ତ୍ର କରିବା ପାଇଁ ଆଗାମୀ ଦିନରେ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିବାକୁ ଦାବି କରିଥିଲେ। କୋକସରାରେ ମଣ୍ଡି ରହିଥିବା କାରଣରୁ ଅନେକ ସମୟରେ ଚାଷୀମାନେ ଧାନ ନେବାରେ ଅସୁବିଧାର ସମ୍ମୁଖୀନ ହେବାସହ ଖରିଫ ଋତୁରେ ଶୀତ କାକର ରାତିରେ ଯାତାୟାତ କରିବାରେ ନାନା ଯାତନା ଭୋଗୁଥିବା ଅଭିଯୋଗ କରିଛନ୍ତି। ବୈଠକରେ ଚାଷି ଦୁର୍ଗା ପ୍ରସାଦ ନାଏକ, ଧବଳେଶ୍ୱର ନାଗ, ପଙ୍କଜ ପୋଡ଼, ରମେଶ ଚନ୍ଦ୍ର ଦୁର୍ଗା, ରଞ୍ଜିତ ପୋଡ, ଦ୍ୱାରିକା ନାଥ ବାଗ, ଦୁଃଶାସନ ଚଣ୍ଡି, ଚିତ୍ରସେନ ନାଏକ, ତ୍ରିନାଥ ପୁଞ୍ଜି, ପରମେଶ୍ୱର ପାଣିଗ୍ରାହୀ, ଗୋକୁଳ ପୁଞ୍ଜି, ଜୟଲାଲ ରଣା ସମେତ ଅନ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଡମ୍ବ ସମାଜ କମିଟି ଗଠିତ

**କୋକସରା, ୪ା୧(ସମିସ):** କୋକସରା ବ୍ଲକ ଆମପାଣି ପଞ୍ଚାୟତର ପାତ୍ରବସା ବିରିଭଁଟା ଠାରେ ଆମପାଣି ଡମ୍ବ ସମାଜର ସମାବେଶ ଓ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାତ୍ରବସା ଡମ୍ବ ସମାଜର ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମପାଣି ଜୋନ ସଭାପତି ବନମାଳୀ ବାଗ ମୁଖ୍ୟମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ।ସମ୍ପାଦକ କ୍ଷେତ୍ରରାମ ପାତ୍ର, ଜୋନ ଅଧକ୍ଷ ଗଙ୍ଗାଧର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ସହିତ ଉପସ୍ଥିତ ସମାଜର କାର୍ଯ୍ୟକର୍ତ୍ତାମାନେ ପରସ୍ପରକୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆମପାଣି ପଞ୍ଚାୟତସ୍ତରୀୟ ଡମ୍ବ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଦୟାନିଧି ନାଏକ ମନୋନୀତ ହୋଇଥିଲେ। ଉପସଭାପତି ବଳରାମ ଦୁର୍ଗା ଓ ଭୁବନେଶ୍ୱର ବେଶ୍ରା, ସମ୍ପାଦକ ଯୁଗଳ କିଶୋର ନାଏକ, ସହ ସମ୍ପାଦକ ରାଘବ ସୁନା ଓ କୋଷାଧକ୍ଷ ଭାବରେ କେଶବ ବେଣୁପାଣି ମନୋନୀତ ହୋଇଥିଲେ। ସମାବେଶରେ ଆମପାଣି ପଞ୍ଚାୟତ ଆମପାଣି, ପାତ୍ରବସା, କୁଟୁରୁ, ବିରିମୁହାଣ, କାଦୋମାଲି, କଲୋନିପଡ଼ା ଆଦି ଭାତ କମିଟିର କର୍ମକର୍ତ୍ତା ସମେତ ୮ଟି ପଞ୍ଚାୟତର ସଭାପତି, ସମ୍ପାଦକ ଓ ସମାଜପ୍ରେମୀ ଯୋଗ ଦେଇଥିଲେ। ସଭାକୁ ନୀଳମଣି ଖମାରୀ ପରିଚାଳନା କରିଥିଲେ।ପାତ୍ରବସା ଭାତ୍ କମିଟିର ହେମନ୍ତ ସୁନା, ଏକାଙ୍ଗ ଦୂର୍ଗା, ଭୋଲାନାଥ ମଙ୍ଗରାଜ, ଉମେଶ ବାଗ, ପୁସ୍ତମ୍ ସୁନା, କାର୍ତ୍ତିକ ଠାକୁର, ଖଗେଶ୍ୱର ବାଗ, ତ୍ରିଲୋଚନ ବାଗ, ବିଶ୍ୱମ୍ବର ନାଏକ, ନକୁଳ ଠାକୁର ପ୍ରମୁଖ ସହଯୋଗ କରିଥିଲେ।



# ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦଶମ ଶ୍ରେଣୀ ଛାତ୍ରଙ୍କ ସଫଳତା




**ନୂଆପଡ଼ା, ୪ା୧(ସମିସ):** ଭାଲେଶ୍ୱରସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ନେହେରୁ ପଟେଲ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରି ସଫଳତା ଆଣିଛନ୍ତି। ତାଙ୍କର 'ସୋଲାର କମ୍ବାଇଣ୍ଡ ଅଟୋ ମେଟେଡ଼ ସ୍ପ୍ରେୟର ମେସିନ 'ପ୍ରକଳ୍ପ ନେଇ ୫୨ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କଲିକତାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।ଏହି ପ୍ରକଳ୍ପ ଗଣିତ ଶିକ୍ଷକ ବିକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପ୍ରସ୍ତୁତ ହୋଇଥିଲା। ନେହେରୁଙ୍କ ସଫଳତା ବିଦ୍ୟାଳୟ ପାଇଁ ତଥା ନୂଆପଡ଼ା ଜିଲ୍ଲା ପାଇଁ ଗୌରବର କଥା ହେବା ସହିତ, ଅନ୍ୟ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଅନ୍ୱେଷଣ ପାଇଁ ପ୍ରେରଣା ଦେଇଛି। ଏହି ସଫଳତା ପାଇଁ ନୂଆପଡ଼ା ଜିଲ୍ଲାର ଜିଲ୍ଲାବିଜ୍ଞାନ ନିରୀକ୍ଷକ ଗିରିଧାରି ସା, ବିଦ୍ୟାଳୟର ପ୍ରିନ୍ସିପାଲ ରାମନାଥ ଜାଲ, ଅନ୍ୟ ସହକର୍ମୀ ବୃନ୍ଦ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ନେହେରୁ ପଟେଲ ଓ ତାଙ୍କ ମାର୍ଗଦର୍ଶକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ସଫଳତା ନେହେରୁଙ୍କୁ ଭବିଷ୍ୟତରେ ଅଧିକ ସୃଜନଶୀଳ ପ୍ରୟାସ ପାଇଁ ପ୍ରେରିତ କରିବା ସହିତ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ମଧ ଉଦାହରଣ ସୃଷ୍ଟି କରିଛି।

# ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରଜତ ଜୟନ୍ତୀ ଉଦ୍‌ଘାଟିତ



**ଭବାନୀପାଟଣା, ୪ା୧(ସମିସ):** ନର୍ଲା ବ୍ଲକ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରୁପ୍ରାର ରଜତ ଜୟନ୍ତୀ ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଶୁଭ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ମୁଖ୍ୟବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ରୁପ୍ରା ସରପଞ୍ଚ ଡଲି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ବିବରଣୀ ପଠନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ଅବସରରେ ସ୍ମରଣିକା 'ରୁପା ଝରନ' ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ଭୂମୀଦାତା, ଅର୍ଥଦାତା, ଶ୍ରମଦାତା, ଗୃହଦାତାଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀ ସୋମ୍ୟଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଦ୍ୱାରସନୀ, ପାଟଖଣ୍ଡା ଓ ଶିବ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ସତ୍ୟନାରାୟଣ ମୁଣ୍ଡଛିନା, ବିଶିଷ୍ଟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ୍ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ବୈଦ୍ୟରାଜ ପବିତ୍ର ଶବର, କଳାହାଣ୍ଡିର ବରିଷ୍ଠ ନେତୃତ୍ୱ ଆର୍ତ୍ତତ୍ରାଣ ମହାପାତ୍ର ଓ ଯୁଗଳ ପୋଡ଼, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂରାତନ ଛାତ୍ର ତଥା ଆନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲେଖକ ଡିଲେଶ୍ୱର ରଣା। ପୂରାତନ ଛାତ୍ର ସଂସଦ ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ତେଜରାଜ ସାହୁଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ

# କବିତା ସଂକଳନ 'ଆସମାନ ମୈ ଖୁଲତି ଖିଡ଼କି'ଉନ୍ମୋଚିତ

**ନୂଆପଡ଼ା, ୪ା୧(ସମିସ):** ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅବସରରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସ୍ୱରଚିତ କବିତା ସଙ୍କଳନ ଚିତ୍ରଅଙ୍କାର ଅନୁସୃଜନ ଆସମାନ ମୈ ଖୁଲତି ଖିଡ଼କିର ଶୁଭ ଉନ୍ମୋଚନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ଡ଼.ମହେନ୍ଦ୍ର କୁମାର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଜୟପ୍ରକାଶ ରଥ ମୁଖ୍ୟଅତିଥି, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ବିଶେଷ ଅତିଥି, ସମ୍ମାନିତ ଅତିଥିଭାବେ କବି ମୁମତାଜ ସହରିଆର, ଡ.ବାସୁଦେବ ସୁନାନୀ, ଶ୍ରୀକାନ୍ତ ଚଟର୍ଜି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କବିତା ସଙ୍କଳନ ଉପରେ ବିନ୍ୟାସ କରି ଏଥିରେ କିପରି ଶବ୍ଦ ସଂଯୋଜନା କରାଯାଇଛି ଏବଂ ଏଥିରେ କବିଙ୍କର ଭାବାବେଗ ଉପରେ ଆଲୋକପାତ କରିଥିଲେ। କବି କେବେ ନିଜ ପାଇଁ ଲେଖେ ନାହିଁ ବରଂ ଲୋକଙ୍କ ପାଇଁ ସମର୍ପଣ ବୋଲି କହିଥିଲେ। କବିତା ହୃଦୟର ଏକ ସ୍ପନ୍ଦନ।ଏହା ସୃଷ୍ଟିର ଏକ ବିନ୍ୟାସ। କବିତା କବି ଜୀବନର ଏକ ଅନୁଶୀଳନ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ କବି ମଧୁସୂଦନ ଦାଶଙ୍କ ଦ୍ୱାରା ସ୍ୱରଚିତ ଗୀତ ପରିବେଷଣ କରାଯାଇଥିଲା। ଅନ୍ୟପକ୍ଷେ ଓଡିଆ ସଂକଳନ ଚିତ୍ର ଅଙ୍କା ଏବଂ ହିନ୍ଦୀ ଅନୁବାଦିତ କବିତାକୁ କବିମାନେ ପଠନ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କବି, ଲେଖକ ଏବଂ ସାହିତ୍ୟ ଅନୁରାଗୀମାନେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁକୁର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲାକ୍ରିଡାଧିକାରୀ ରାଜେନ୍ଦ୍ର ବଢେଇ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକ ପ୍ରମୁଖ ଯୋଗ ଦେଇଥିଲେ।



# ଭଲିବଲ ଟୁର୍ଣ୍ଣାମେଣ୍ଟ ; ସିରୁଲ ଚାମ୍ପିଅନ

**କେସିଙ୍ଗା, ୪ା୧(ସମିସ)**

କେସିଙ୍ଗା ବ୍ଲକ ଗୋକୁଲେଶ୍ୱର ଯୁଜୁରାଙ୍ଗ ଗ୍ରାମରେ ରବିବାର ଡାକ୍ତର ବି.ଆର ଆମ୍ବେଦକର ସଂଘ ପକ୍ଷରୁ ଏକ ଦିବାସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଯୋଗଦାନ କରିଥିବା ବେଳେ ଫାଇନାଲ ଖେଳରେ ବ୍ରାହ୍ମଣିକୁ ହରାଇ ସିରୁଲ ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଭାବେ ଗୋକୁଲେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି, ସମିତି ସଭ୍ୟା ସୂର୍ଯ୍ୟକାନ୍ତି ନାୟକ, ଗାଁର ଗୌନ୍ତିଆ ପ୍ରଦୀପ୍ତ ସିଂ, ପୂର୍ବତନ ଏଓଏସସିଏଫ କେସିଙ୍ଗା ବ୍ଲକ ସଭାପତି ଯୁଧିଷ୍ଠିର ଭଗତ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବାବୁଲି ସୁନା ଓ ଉପସଭାପତି ଶଙ୍କର ନାୟକଙ୍କ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଦୀନବନ୍ଧୁ, ବଂଶୀଧର, ରୋହନ, ନେପାଳ, ଦୁର୍ଯ୍ୟୋ, ଅନାଦି, ବଳରାମ, ଦିନେଶ, ପୀତବାସ କମିଟି କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।



ସକାଳ
THE SAKALA



## ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ ଉଦ୍‌ଯାପିତ

# ଅଦିନିଆ ରଥଯାତ୍ରା ସନାତନ ଧର୍ମ ସିଦ୍ଧାନ୍ତକୁ ଅପମାନ

ପୁରୀ, ୪।୧(ସମିସ): ଅଦିନିଆ ରଥଯାତ୍ରା ହେଉଛି ମହାପ୍ରଭୁଙ୍କ ପରମ୍ପରା, ସଂସ୍କୃତିର ବଡ଼ ବ୍ୟତିକ୍ରମ। ସନାତନ ଧର୍ମ ସିଦ୍ଧାନ୍ତକୁ ଅପମାନ। ଏହାକୁ କୌଣସି ଜଗନ୍ନାଥପ୍ରେମୀ ସହ୍ୟ କରିବା ଉଚିତ ନୁହେଁ। କାରଣ ରଥଯାତ୍ରା ପାଳନର ତିଥି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାରା ନିର୍ଦ୍ଧାରିତ। ଏହାକୁ ଅମାନ୍ୟ କରିବା ଅର୍ଥ ମହାପ୍ରଭୁଙ୍କ ଆଦେଶକୁ ଖଣ୍ଡନ କରିବା ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।



ସ୍ଥାନୀୟ ଟାଉନ ହଲ୍‌ରେ ଶ୍ରୀଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡ ୱାଇଡ୍ ପକ୍ଷରୁ ଅନୁଷ୍ଠିତ ତ୍ରିଦିବସୀୟ ତୃତୀୟ 'ଶ୍ରୀଜଗନ୍ନାଥ ବିଶ୍ୱ ଆଧ୍ୟାତ୍ମିକ ସମାବେଶ'ର ରବିବାର ଉଦ୍‌ଯାପନୀ ଅବସରରେ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ମହାପ୍ରଭୁ ମହର୍ଷି ବେଦବ୍ୟାସଙ୍କ ମାଧ୍ୟମରେ ରଥଯାତ୍ରା ତିଥି ନିଜେ ସ୍ଥିର କରିଛନ୍ତି। ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ଦିଗରେ ବିଦେଶରେ ରହୁଥିବା ଓଡ଼ିଆମାନେ ପ୍ରୟାସ କରନ୍ତୁ। ଏହା କରା ନଗଲେ, ଜଗନ୍ନାଥ ସଂସ୍କୃତି, ପରମ୍ପରା ବିକୃତ ହେବା ସହ ନଷ୍ଟ ହୋଇଯିବ। ଏହା ଆଗାମୀ ପିଢ଼ି ପାଇଁ ବଡ଼ ବିପଦ। ଅଦିନିଆ ରଥଯାତ୍ରାକୁ ରୋକ୍ ଲଗାଇବା ପାଇଁ ପ୍ରବାସୀ ଓଡ଼ିଆମାନେ ଦାୟିତ୍ୱ ନିଅନ୍ତୁ ବୋଲି ଗଜପତି ମହାରାଜା ଆହ୍ୱାନ ଦେଇଛନ୍ତି।

ଶ୍ରୀଜଗନ୍ନାଥ ଧାମ ପ୍ରସଙ୍ଗରେ ଗଜପତି କହିଥିଲେ, ସ୍ୱୟଂ ପରମବ୍ରହ୍ମ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି। ମହାପ୍ରଭୁଙ୍କର ଏହା ମୂଳ ପୀଠ। ତେଣୁ ଏହାକୁ ଧାମ କୁହାଯାଇଛି। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଯେଉଁ ଲୀଳା କରିଛନ୍ତି, ଦୀଘାରେ କ'ଣ ସେହି ଲୀଳା କରୁଛନ୍ତି କି? ତେଣୁ ଦୀଘାକୁ ଧାମ କୁହାଯାଇପାରିବ ନାହିଁ। ସାରା ବିଶ୍ୱରେ ଯେଉଁଠି ଜଗନ୍ନାଥ ମନ୍ଦିର ରହିଛି ତାହାକୁ ଆମେ ଧାମ କହିପାରିବା ନାହିଁ। ପ୍ରତ୍ୟେକ ଧର୍ମରେ ମୂଳପୀଠର ସ୍ୱତନ୍ତ୍ର ସ୍ଥାନ ଥାଏ। ଆମେ ଖାଲି ବାହାରେ ମହାପ୍ରଭୁଙ୍କ ନାମ ନେଲେ ଚଳିବ ନାହିଁ। ନିଜ ମନର ମଳିକୁ ଗୀତା, ଭାଗବତ ମାଧ୍ୟମରେ ସଫା କରି ମହାପ୍ରଭୁଙ୍କ ତତ୍ତ୍ୱ ବିଷୟରେ ଜାଣି ଏହାର ବହୁଳ ପ୍ରଚାର କରିବାକୁ ପଡ଼ିବ ବୋଲି ଗଜପତି ମହାରାଜା ଆହ୍ୱାନ ଦେଇଛନ୍ତି। ସନ୍ଥ ମାଧବାନନ୍ଦ ସରସ୍ୱତୀ କହିଛନ୍ତି, ଜନ୍ମାଷ୍ଟମୀ ଓ ଶ୍ରୀରାମ ନବମୀ ଯଦି ନିର୍ଦ୍ଦିଷ୍ଟ ତିଥିରେ ପାଳନ ହେଉଛି, ତେବେ ମହାପ୍ରଭୁଙ୍କ ରଥଯାତ୍ରା ଅଦିନରେ କାହିଁକି? ଜଗନ୍ନାଥ ତତ୍ତ୍ୱକୁ ବୁଝି ଆମକୁ ଆମ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ମହନ୍ତ ରାମଚରଣ ଦାସ କହିଛନ୍ତି, ଏ ଧାମ ମହାପ୍ରଭୁଙ୍କ ଶରୀର।

### 'ଦୀଘାକୁ ଧାମ କୁହାଯାଇପାରିବ ନାହିଁ'

ଏଠି ଚାଲିଲେ ପରିକ୍ରମା। ଏଠି ଶୋଇଲେ ସମାଧି। ଏଠି ବେତ ମାଡ଼ ଖାଇବାକୁ ବି ଭକ୍ତ ପଇସା ଦିଅନ୍ତି। ଶ୍ରୀମନ୍ଦିର, ଶ୍ରୀନୀଳଚକ୍ରକୁ ଚାହିଁଦେଲେ ମୁକ୍ତି। ତେଣୁ, ଏହି ଧାମ ଅତୁଳନୀୟ ଓ ଅଦ୍ୱିତୀୟ ବୋଲି ସେ କହିଛନ୍ତି।

ଆମେରିକାରୁ ଆସିଥିବା ଚିକିତ୍ସକ ଡ. ପଞ୍ଚାନନ ଶତପଥୀ, ଦୁବାଇରୁ ଆସିଥିବା ହିମାଂଶୁ ମହାପାତ୍ର କହିଥିଲେ, ଶ୍ରୀକ୍ଷେତ୍ର ବ୍ୟତିରେକ ଅନ୍ୟ କ୍ଷେତ୍ରକୁ ଜଗନ୍ନାଥ ଧାମ କହିବା ଅଜ୍ଞତା। ମହାପ୍ରଭୁ ହିଁ ଆମ ମାଧ୍ୟମରେ ଏହି ଅଜ୍ଞାନ ସେମାନଙ୍କର ଦୂର କରନ୍ତୁ। ଅନୁଷ୍ଠାନର ଟ୍ରଷ୍ଟି ଡ. ହରପ୍ରସନ୍ନ ଦାସ, ଭଗବାନ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ମନୋଜ କୁମାର ପାତ୍ର, ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ କୁମାର ସାହୁ, ସ୍ୱାତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବେଶ୍ୱର ବୈଠାରୁ ସଂଗୀତ ପରିବେଷଣ କରିଥିଲେ। ଡ. ଗୁରୁପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜମିବାଡ଼ିକୁ ନେଇ ବିବାଦ

# ଦାଦାର ଶାବଳ ମାଡ଼ରେ ପୁତୁରା ମୃତ

କେନ୍ଦ୍ରାପଡ଼ା, ୪।୧(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ନରିଲୋ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ଦାଦାର ଶାବଳ ମାଡ଼ରେ ପୁତୁରାର ମୃତ୍ୟୁ ଘଟିଛି। ମୃତକ ହେଲେ, ଉପେନ୍ଦ୍ର ଓଝା ଓରଫ୍ ପିନ୍ଟୁ। ଏହି ଘଟଣାରେ ଉପେନ୍ଦ୍ରଙ୍କ ବାପା ସରୋଜକାନ୍ତ ଓଝା ଓ ମା' ସଂଯୁକ୍ତା ଓଝା ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୁଲିସ ନଂ ୭/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଉମାକାନ୍ତ ଓଝା (୨୫) ଓ ପ୍ରଣତି ଓଝା (୪୮)ଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ରାଜକିଶୋର ଓଝାଙ୍କୁ ପୁଲିସ୍ ପଚରାଉଚରା ଜାରି ରଖିଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।



ସୂଚନା ମୁତାବକ, ସରୋଜ ଓ ତାଙ୍କ ସାନ ଭାଇ ରାଜକିଶୋର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ସରୋଜକାନ୍ତ ନୂଆ ଘର ତିଆରି କରୁଥିବାରୁ ବିବାଦ ଉଗ୍ରରୂପ ନେଇଥିଲା। ଶନିବାର ରାତିରେ ବିବାଦ ସମାଧାନ ଉଦ୍ଦେଶ୍ୟରେ ଗ୍ରାମର କିଛି ଭଦ୍ରଲୋକଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ମଣ୍ଡପରେ ବୈଠକ ବସିଥିଲା। କିନ୍ତୁ ସଭାର ନିଷ୍ପତ୍ତିକୁ ମାନିବାକୁ ଅସ୍ୱୀକାର କରି ରାଜକିଶୋର ଉଠି ଚାଲିଯାଇଥିଲେ। ପରେ ରାଜକିଶୋର, ପତ୍ନୀ ପ୍ରଣତି, ପୁଅ ଉମାକାନ୍ତ ଓରଫ୍ ଲିପୁନି ଓ ଝିଅ ତପିନା କଟୁରି, ଭୁଜାଲି, ଶାବଳ ଓ ଲୁହାରଡ୍ ଧରି ସରୋଜଙ୍କ ନିର୍ମାଣାଧୀନ ଘରକୁ ଭାଙ୍ଗିବା ସହ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ନଷ୍ଟ କରିଦେଇଥିଲେ। ଖବର ପାଇ ସରୋଜ, ପତ୍ନୀ ସଂଯୁକ୍ତା ଓ ପୁଅ ଉପେନ୍ଦ୍ର ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ସେମାନଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ତିନିଜଣଯାକ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରିଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ।

ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା। ତିନିଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ମୃତ ଉପେନ୍ଦ୍ରଙ୍କ ପତ୍ନୀ ସୁଷମା ଓଝାଙ୍କ ଏତଲା ଆଧାରରେ କେନ୍ଦ୍ରାପଡ଼ା ସଦର ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# ପ୍ରଦୂଷଣ ରୋକିବ ଗୋବର: ମନ୍ତ୍ରୀ

ଭୁବନେଶ୍ୱର,୪।୧(ସମିସ): ପ୍ରଦୂଷଣ ରୋକିବ ଗାଈ ଗୋବର। ଗୋବର କାଠର ବହୁଳ ବ୍ୟବହାର କରିବାକୁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ଏହାଦ୍ୱାରା ପ୍ରଦୂଷଣରେ ରୋକ୍ ଲଗାଇବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଶବ ଦାହ ପାଇଁ ଗୋବର କାଠ ବ୍ୟବହାର କରାଯାଉଛି। ନୂଆପଡ଼ା, ଚୌଦ୍ୱାର, ଅନୁଗୋଳ ଓ ସତୀଚଉରା ଶ୍ମଶାନରେ ଗୋବରରେ ଶବଦାହ କରାଯାଉଛି। ପୁରୀ ସ୍ୱର୍ଗଦ୍ୱାରରେ ଗୋବର କାଠ ବ୍ୟବହାର ନେଇ ଆଲୋଚନା ହୋଇଛି। ଅପରପକ୍ଷେ, ଏହାଦ୍ୱାରା ଆଉ ଗଛ ମଧ୍ୟ କାଟିବାକୁ ପଡ଼ିବ ନାହିଁ। ସାଧାରଣତଃ ଶବଦାହ ପାଇଁ ଲୋକେ ଗଛ ଉପରେ ନିର୍ଭରଶୀଳ। କିନ୍ତୁ ଗୋବର କାଠର ବ୍ୟବହାର ଦ୍ୱାରା ଗଛ କାଟିବା ବନ୍ଦ ହେବା ସହ ଜଙ୍ଗଲ ସଂରକ୍ଷଣ ମଧ୍ୟ ହୋଇପାରିବ। ଗୋବର ଆମର ଧାର୍ମିକ ଭାବନା ସହିତ ଜଡ଼ିତ। କମ ବ୍ୟୟରେ ଏହାକୁ ଉପଯୋଗ କରିହେବ। ଆଗକୁ ଏହାର ଆହୁରି ପ୍ରଚାରପ୍ରସାର ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହାବ୍ୟତୀତ, ରାଜ୍ୟରେ ବର୍ତ୍ତମାନ ଏମ୍ଏସ୍ଏମ୍‌ଇରେ ଦୁଇଜଣ ଉଦ୍ୟୋଗୀ ଗୋବରରୁ ରଙ୍ଗ ତିଆରି କରୁଛନ୍ତି। ଏହାର ଆଦୃତ ବଢ଼ିଚାଲିଥିବା ନେଇ ମନ୍ତ୍ରୀ କହିଛନ୍ତି।

## ପୀତବାସ ପଣ୍ଡା ହତ୍ୟା ମାମଲା

# କୋର୍ଟରେ ୧୬୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବ୍ରହ୍ମପୁର, ୪।୧ (ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ମାମଲାର ତଦନ୍ତ ଜାରି ରହିଥିବା କାରଣରୁ ପୁଲିସ ପକ୍ଷରୁ ତଥା ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ମାମଲାରେ ଏହି ପ୍ରାଥମିକ ଚାର୍ଜସିଟ୍ ଦାଖଲ କରାଯାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ତଦନ୍ତ ପରେ ଫାଇନାଲ୍ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କହିଛନ୍ତି ଟାଉନ୍ ଏସଡିପିଓ ତଥା ତଦନ୍ତକାରୀ ଅଧିକାରୀ ପ୍ରିୟସ ରଂଜନ ଛୋଟରାୟ।

କରାଯାଇଥିବା ଜଣାପଡ଼ିଛି। ସେଥିମଧ୍ୟରେ ସରକାରୀ ପିପିଙ୍କ କପି ସହିତ ୧୬ଜଣ ଅଭିଯୁକ୍ତଙ୍କ କପି, ୫ଶହ ପୃଷ୍ଠା ବିଶିଷ୍ଟ କେସ୍ ଡାଏରୀ ବା ସିଡି, ବିଭିନ୍ନ ଅଭିଯୁକ୍ତଙ୍କ ସିଡିଆର ବା କଲ୍ ଡିଟେଲ ରେକର୍ଡ, ସିଜର ଲିଷ୍ଟ ସହିତ ୧୨୨ ସାକ୍ଷୀମାନଙ୍କ ବୟାନକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏତେ ସଂଖ୍ୟାରେ ତଥ୍ୟକୁ ପ୍ରସ୍ତୁତ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ନୂତନ ପ୍ରିଣ୍ଟର ଓ ଜେରକ୍ସ' ମେସିନ କିଣାଯାଇଥିବା ଜଣାପଡ଼ିଛି।

- ସଂଲଗ୍ନ ହୋଇଛି ଅଧିକ ୨୮ ହଜାରରୁ ଅଧିକ ପୃଷ୍ଠାର ନଥିପତ୍ର
- କଡ଼ା ସୁରକ୍ଷା ମଧ୍ୟରେ ୨ଟି ଟ୍ରଙ୍କରେ କୋର୍ଟରେ ଦାଖଲ କଲେ ତଦନ୍ତ ଅଧିକାରୀ
- ଚାର୍ଜସିଟ୍ ପ୍ରସ୍ତୁତ ପାଇଁ କିଣାଯାଇଛି ଦେଢ଼ଲକ୍ଷ ଟଙ୍କାର ପ୍ରିଣ୍ଟର ଓ ଜେରକ୍ସ ମେସିନ

ଏହି ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର୍ ପିଣ୍ଟୁ ଦାଶଙ୍କ ସମେତ ମୋଟ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଭାରତୀୟ ନ୍ୟାୟ ସଂହିତାର ନିୟମ ପ୍ରକାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ୯୦ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବା ଜରୁରୀ। ଜାନୁଆରୀ ୧୮ରେ ୯୦ ଦିନ ପୂର୍ତ୍ତି ହେଉଥିବା ବେଳେ ପୁଲିସ ତାହା ପୂର୍ବରୁ ଚାର୍ଜସିଟ୍ ଦାଖଲ କରିଛି। ରବିବାର ଅପରାହ୍ଣ ପ୍ରାୟ ୪ଟାରେ ୪ଟି ଗାଡ଼ିରେ କଡ଼ା ସୁରକ୍ଷା ମଧ୍ୟରେ ଟାଉନ୍ ଏସ୍‌ଡିପିଓ, ଜଣେ ଡିଏସପି ଓ ଦୁଇଜଣ ବରିଷ୍ଠ ଇନ୍ସପେକ୍ଟର୍‌ଙ୍କ ଉପସ୍ଥିତିରେ ପ୍ରାଥମିକ ଚାର୍ଜସିଟ୍‌କୁ ସିଏସଆଇଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହାକୁ ଆସନ୍ତାକାଲି ଅର୍ଥାତ୍ ୫ତାରିଖରେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ କରାଯିବ।



ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଏହି ପ୍ରାଥମିକ ଚାର୍ଜସିଟ ପ୍ରାୟ ୧୬୬୭ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏଥିରେ ପ୍ରାୟ ୨୮ ହଜାର ପୃଷ୍ଠାର ଡକ୍ୟୁମେଣ୍ଟ ବା ନଥିପତ୍ରକୁ ସଂଲଗ୍ନ

ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି, ବ୍ରହ୍ମପୁରରେ ଯଦିଓ ପୂର୍ବରୁ ଅନେକ ଚର୍ଚ୍ଚିତ ମାମଲା ହୋଇଛି ତେବେ ଏଭଳି ଚାର୍ଜସିଟ୍ କେବେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ କେବଳ କୋର୍ଟକୁ ବିଭ୍ରାନ୍ତ କରିବା ଓ ମାମଲାକୁ ଗଡ଼ାଇବା ବ୍ୟତୀତ ଅନ୍ୟ କିଛି ନୁହେଁ। ମାମଲାର ବିଚାରଣା ବେଳେ ପୁଲିସକୁ ପ୍ରମାଣିତ କରିବା କଷ୍ଟକର ବ୍ୟାପାର ହେବ। ସେପଟେ ମାମଲାରେ ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ମଧ୍ୟ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ମାମଲାରେ ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଚଳାଇଛି। ୧୬ଜଣ ଅଭିଯୁକ୍ତ ଓ ବହୁ ସାକ୍ଷୀ ରହିଥିବାରୁ ସବୁ ତଥ୍ୟ ଓ ପ୍ରମାଣକୁ ସଂଗ୍ରହ କରି ଏହି ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ତଦନ୍ତ ଶେଷ ପରେ ପରବର୍ତ୍ତୀ ବା ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବ। ଚାର୍ଜସିଟ ଦାଖଲ ପରେ ମାମଲାର ବିଚାରଣା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।



ଗୋଧୂଳି ବେଳାର ବେଳାଭୂମି ମାର୍ଗ (ଫଟୋ-ଅନିଲ, ପୁରୀ)

## ମରିଗଲା ମାନବିକତା

# ମୃତଦେହ ସଂସ୍କାର ପାଇଁ ମନାକଲେ ପଡ଼ୋଶୀ

ବିଞ୍ଝାରପୁର,୪।୧(ସମିସ): ବିଞ୍ଝାରପୁର ଅଞ୍ଚଳରେ ଜମିବାଡି ବିବାଦ ଯୋଗୁଁ ହଜିଗଲା ମାନବିକତା। ମୃତ୍ୟୁର ପ୍ରାୟ ଚବିଶ ଘଣ୍ଟାରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଶ୍ମଶାନକୁ ସଂସ୍କାର ପାଇଁ ଛାଡ଼ିଲେନି ପଡୋଶୀ। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମୃତକଙ୍କ ପରିବାର ଲୋକେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତରେ। ସୂଚନା ଅନୁଯାୟୀ ଶାସନ୍ଦା ଗ୍ରାମର ସେକ୍ ଅବଦୁଲ ରସିଦଙ୍କ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମୃତଦେହକୁ କବର ଦେବା ପାଇଁ କବରସ୍ଥାନକୁ ନେବା ପାଇଁ ପରିବାର ଲୋକେ ପ୍ରସ୍ତୁତି ହେଉଥିଲେ। କିନ୍ତୁ ସେହି ଗ୍ରାମର କିଛି ଲୋକ ଏହାକୁ ବାରଣ କରିଥିଲେ। କାରଣ ପୂର୍ବରୁ ଉଭୟଙ୍କ ମଧ୍ୟରେ ଜମିଜମାକୁ ନେଇ କିଛି ବିବାଦ ଲାଗିରହିଥିଲା। ତେଣୁ ସମସ୍ୟାର ସମାଧାନ ପାଇଁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ସକାଳୁ ସକାଳୁ ବିଞ୍ଝାରପୁର ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୁଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା କିଛି ସୁଫଳ ମିଳିନଥିଲା। ଶେଷରେ ମୃତ୍ୟୁର ପ୍ରାୟ ତିରିଶ ଘଣ୍ଟା ପରେ ପରିବାର ଲୋକେ ନିଜ ଜାଗାରେ ମୃତଶରୀରକୁ କବର ଦେଇଥିଲେ। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କବର ସ୍ଥାନଟି ଜଣଙ୍କ ବ୍ୟକ୍ତିଗତ ଜାଗା ହୋଇଥିବାରୁ ସେ ଏହି ବ୍ୟକ୍ତିଙ୍କୁ ସେ ସ୍ଥାନରେ କବର ଦେବାକୁ ବାରଣ କରିଥିଲେ।

## ରାଇରଙ୍ଗପୁର ଉପଖଣ୍ଡ ହସ୍‌ପିଟାଲ

# ଉଦ୍‌ଘାଟନର ୨ ବର୍ଷ ପରେ ଜରାଜୀର୍ଣ୍ଣ କୋଠା

ରାଇରଙ୍ଗପୁର, ୪।୧ (ସମିସ): ଆଦିବାସୀ ବହୁଳ ରାଇରଙ୍ଗପୁରସ୍ଥିତ ଉପଖଣ୍ଡ ହସ୍ପିଟାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସହ ସରକାରୀ କୋଠା ଅବସ୍ଥା ମଧ୍ୟ ଶୋଚନୀୟ ହେବାରେ ଲାଗିଛି। ଉଦ୍‌ଘାଟନକୁ ୨ ବର୍ଷ ବିତିଥିବା କେଉଁଠି କାନ୍ଥରେ ପାଣି ଜମୁଛି ତ କେଉଁଠି ଶିଉଳି ଲାଗି ଗଛ ଉଠିଲାଣି। ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ତହବିଲର କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି।

ରାଇରଙ୍ଗପୁରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଉପଖଣ୍ଡ ହସ୍ପିଟାଲରେ ତତ୍କାଳୀନ ସରକାର ସମୟରେ ନୂତନ କରି ୧୦୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ ନିର୍ମାଣ କରାଯାଇଥିଲା। ୨ ବର୍ଷ ମଧ୍ୟରେ ହେବ ଲୋକାର୍ପଣ ହୋଇ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କୋଠାରେ ସାଧାରଣ ରୋଗୀ ଚିକିତ୍ସା ସମେତ ପ୍ରସୂତି ଓ ଶିଶୁ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। କାର୍ଯ୍ୟକ୍ଷମ ହେବା ପରେ ରକ୍ଷଣାବେକ୍ଷଣ ନେଇ ସରକାରୀ ସ୍ତରରେ କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଠିକା ସଂସ୍ଥା ତିଳେ ହେଲେ ମନ ଦେଉନାହାନ୍ତି। ଫଳରେ ଉକ୍ତ କୋଠା କାନ୍ଥରେ ପାଣି ଜମି ରହୁଛି। ଏମିତିକି ଶୌଚାଳୟ ପାଇପ ଫାଟି ସବୁବେଳେ ପାଣି ନିର୍ଗତ ହେବାରେ ଲାଗିଛି। ଶୌଚାଳୟ ଆବର୍ଜନା ପାଣି ଜମିବାରୁ ହସ୍ପିଟାଲ ପରିସରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଯଦ୍ୱାରା ମଶା, ମାଛି ଆଦି ବଂଶ ବିସ୍ତାର ହୋଇ ରୋଗୀ ଓ ସ୍ଥାନୀୟ ଲୋକଙ୍କୁ ସଂକ୍ରମିତ କରୁଛି। ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଚାରିଆଡ଼େ ଅନାବନା ଘାସରେ ଭର୍ତ୍ତି ହୋଇଛି। ଅନେକ ସ୍ଥାନରେ ପ୍ଲାଷ୍ଟର ଛାଡ଼ି ଯାଇଛି। ବାହାର ଅବସ୍ଥା ଏଭଳି ଥିବା ବେଳେ ଭିତର ଅବସ୍ଥା କ'ଣ ଥିବ,

- କାନ୍ଥରେ ଜମୁଛି ପାଣି, ଉଠିଲାଣି ଗଛ
- ପାଣିରେ ପଡ଼ିଲା ସରକାରଙ୍କ କୋଟି କୋଟି ଟଙ୍କା




ତାହା ସହଜରେ ଅନୁମାନ କରାଯାଇପାରିବ। ଉକ୍ତ କୋଠାଟି ନିର୍ମାଣର ୨ ବର୍ଷରେ ଏପରି ଅବସ୍ଥା ହେବା ନିର୍ମାଣ କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରୋଗୀଙ୍କ ଚିକିତ୍ସା ପାଇଁ ଥିବା ସରକାରୀ କୋଠାର ଏଭଳି ଅବସ୍ଥା ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରିବାକୁ ଥିବା ବେଳେ ଅନୁଦାନ ଅଭାବରୁ ନିର୍ମାଣ ହୋଇପାରୁନାହିଁ।

# ଜବାହର ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍

## କର୍ମଚାରୀଙ୍କ ସମେତ ୩୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଖୋର୍ଦ୍ଧା, ୪।୧(ସମିସ): ଖୋର୍ଦ୍ଧା ପୌରପରିଷଦ ଅଧୀନ ଗୁରୁଜଙ୍ଗସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ବ୍ୟାପୁଛି ଜଣ୍ଡିସ୍। ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ୩ ଦିନ ହେଲା ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଜଣେ କର୍ମଚାରୀଙ୍କ ସମେତ ୩୫ରୁ ୪୦ଜଣ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ପିଲାଙ୍କୁ ଘରକୁ ପଠାଇ ଦିଆଯାଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଅପରପକ୍ଷେ, ଜଣ୍ଡିସ୍ ଯୋଗୁଁ ଛାତ୍ରଛାତ୍ରୀ ଓ ଅଭିଭାବକ ଭୟଭୀତ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହଷ୍ଟେଲ ଛାଡ଼ିସାରିଲେଣି ବୋଲି ବିଦ୍ୟାଳୟ ଉପାଧ୍ୟକ୍ଷ ନୃସିଂହନାଥ ଚକ୍ର ସୂଚନା ଦେଇଛନ୍ତି। ସେହିପରି ପିଲାମାନେ ବ୍ୟବହାର କରୁଥିବା ପାଣିର ନମୁନା ପରୀକ୍ଷଣ ପାଇଁ ଭୁବନେଶ୍ୱର ଗବେଷଣାଗାରକୁ ପଠାଯାଇଛି।

ସେପଟେ, ଦୂଷିତ ପାଣି ବ୍ୟବହାର ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ଜଣ୍ଡିସ୍ ବ୍ୟାପିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଆଗକୁ ବାର୍ଷିକ ପରୀକ୍ଷା ରହିଥିବାରୁ ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏବେ ଚିନ୍ତାରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ୫୭୦ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପଢୁଛନ୍ତି। ଗତ କିଛି ଦିନ ହେଲା ପିଲାଙ୍କ ଦେହ ଖରାପ ହେଉଥିଲା। ରବିବାର ୨୦ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ହୋଇ ଫେରିବା ପରେ ଘଟଣା ଜଣାପଡ଼ିଛି। ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କ ପରିବାରଲୋକଙ୍କୁ ଡକାଇ ଘରକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ଦୂଷିତ ପାନୀୟଜଳ ବ୍ୟବହାରରୁ ଯୋଗୁଁ ପିଲାଙ୍କୁ ଜଣ୍ଡିସ ଆକ୍ରାନ୍ତ ହୋଇଥିବା କିଛି ଅଭିଭାବକ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଆଜି ଜଣଙ୍କ ପରେ ଜଣେ ଅଭିଭାବକ ତାଙ୍କ ପିଲାଙ୍କୁ ଘରକୁ ନେଉଥିବା ବେଳେ ୧୭୦ରୁ ଉର୍ଦ୍ଧ୍ୱ ପିଲା ଆଜି ତାଙ୍କ ଅଭିଭାବକଙ୍କ ସହ ଘରକୁ ପଳାଇଥିବା ଜଣାଯାଇଛି।

- ହଷ୍ଟେଲ ଛାଡ଼ିଲେଣି ୧୭୦ରୁ ଅଧିକ ଛାତ୍ରଛାତ୍ରୀ
- ପରୀକ୍ଷଣ ପାଇଁ ଲାବୋରେଟୋରୀ ଗଲା ପାଣି ନମୁନା



ଏ ସମ୍ପର୍କରେ ଉପାଧ୍ୟକ୍ଷ ଶ୍ରୀ ଚକ୍ର କହିଛନ୍ତି, ଗତ ଛୁଟିରେ ପିଲାମାନେ ଘରକୁ ଯାଇ ଫେରିଥିଲେ। ସେଥିରୁ ଜଣଙ୍କ ଦେହ ଖରାପ ଥିଲା। ପରୀକ୍ଷା ପରେ ତାଙ୍କ ପାଖରେ ଜଣ୍ଡିସ୍ ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କିଛି ଛାତ୍ରଛାତ୍ରୀ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏଥିସହିତ ପିଲାଙ୍କୁ ପରିବେଶ ସ୍ୱଚ୍ଛତା ଉପରେ ସଚେତନ କରାଯାଉଛି। ଆସନ୍ତାକାଲିଠାରୁ ପିଲାଙ୍କ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ପିଲାଙ୍କୁ ଅବହେଳା କରାଯାଉଥିବା କଥାକୁ ଅସ୍ୱୀକାର କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିସରକୁ ଏକ ସ୍ୱାସ୍ଥ୍ୟ ଟିମ୍ ପଠାଇ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଥିବା ଜେଏନ୍‌ଭିର ସ୍ୱାସ୍ଥ୍ୟକର୍ମୀ ଶାନ୍ତିଲତା ବସ୍ତିଆ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ ।

**ବୃଷ:** ଅଟକି ଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବିଦେଶ ଯାତ୍ରା କରିପାରନ୍ତି । ବ୍ୟୟ ଅଧିକ ହେବ । ଆଇଟି କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ ।

**ମିଥୁନ:** ସୁସମ୍ବାଦ ମିଳିପାରେ । ଧନପ୍ରାପ୍ତି ଯୋଗ ରହିଛି । ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ଅତିଥି ସତ୍କାର କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ମାନି ଚଳିବା ଭଲ ।

**ସିଂହ:** କାମଚାପ ଅଧିକ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ପ୍ରେମ ବ୍ୟାପାରରେ ସଫଳ ହେବେ ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଘର କାମରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରହିବା ଭଲ ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।


**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟପାରରେ ଦିନଟି ଭଲରେ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

## ଆଜିର ଇତିହାସ

- ୧୭୩୧- ମସ୍କୋ ସହରରେ ପ୍ରଥମ ଥର ଷ୍ଟ୍ରିଟ୍ ଲାଇଟ୍ ଜଳିଲା ।
- ୧୮୫୦-କାଲିଫର୍ଣ୍ଣିଆରେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ ହେଲା ।
- ୧୯୬୧- ଆମେରିକା କ୍ୟୁବାଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୭୨- ବାଂଲାଦେଶର ନେତା ଶେଖ୍ ମୁଜିବୁର ରେହମାନ୍‌ଙ୍କୁ ନଜରବନ୍ଦୀରୁ ମୁକ୍ତ କରି ଦିଆଗଲା ।
- ୨୦୧୪- ଭାରତୀୟ ସଞ୍ଚାର ଉପଗ୍ରହ ଜି-ସ୍ୟାଟ୍ ୧୪ ସଫଳତା ପୂର୍ବକ ତା'ର କକ୍ଷରେ ସ୍ଥାପିତ ହେଲା ।

## ଫ୍ୟାଟ୍ ଜେଲ୍

ଚୀନ୍‌ରେ ଏବେ ଏକ ନୂଆ ଟ୍ରେଣ୍ଡ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଏଠାରେ ଫ୍ୟାଟ୍ ପ୍ରିଜନ ବା ଫ୍ୟାଟ୍ ଜେଲ୍ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଏହା ଏମିତି ଏକ ଜେଲ୍, ଯେଉଁଠାରେ ମୋଟା ଲୋକ ଓଜନ କମ୍ କରିବା ପାଇଁ କଡ଼ା ନିୟମ ପାଳନ କରି ଜେଲ୍ ଭଳି ଜୀବନ ଅତିବାହିତ କରନ୍ତି । ତେବେ ଏହି ଜେଲ୍‌ର ମୂଳ ଉଦ୍ଦେଶ୍ୟ ହେଉଛି ମୋଟା ଲୋକଙ୍କୁ ପତଳା କରାଇବା । ଏଠାରେ ଲୋକେ ପ୍ରତିଦିନ ୧୨ ଘଣ୍ଟା ବ୍ୟାୟାମ କରନ୍ତି । ସେହିପରି ଏହି ଜେଲ୍‌ରେ ରହିବା ପାଇଁ ଲୋକଙ୍କୁ ବହୁ ଟଙ୍କା ମଧ୍ୟ ଦେବାକୁ ପଡୁଛି । ଏଠାରେ ସେମାନଙ୍କୁ ଛୋଟ ବେଡ୍ ସହ ଦିନକୁ ତିନିଥର ଖାଇବାକୁ ଦିଆଯାଏ । ସାମାଜିକ ଗଣମାଧ୍ୟମରେ ଅନେକ ଇନ୍‌ଫ୍ଲୁଏନ୍‌ସର ଦାବି କରିଛନ୍ତି ଯେ, ଏହି କ୍ୟାମ୍ପରେ ରହି ସେମାନେ ପ୍ରତି ସପ୍ତାହରେ ୧୦ କିଲୋ ଓଜନ ହ୍ରାସ କରିଛନ୍ତି । ତେବେ ଏହା କଠୋର ହେଲେ ବି ଏହାକୁ ଫିଟ୍‌ନେସ୍‌ର ପ୍ରଭାବୀ ଉପାୟ ବୋଲି କେତେ ଜଣ କହିଛନ୍ତି । ସେହିପରି ଆଉ କିଛି ଜଣ ଏହାକୁ ମାନସିକ ଏବଂ ଶାରୀରିକ ଉତ୍ପୀଡ଼ନ ବୋଲି ବି କହୁଛନ୍ତି । ଏହି କ୍ୟାମ୍ପରେ ରହୁଥିବା ଲୋକଙ୍କ ଦିନଚର୍ଯ୍ୟା ସକାଳ ସାଢ଼େ ସାତଟାରୁ ଆରମ୍ଭ ହୁଏ । କ୍ୟାମ୍ପରେ ଥିବା ସମସ୍ତ ସଦସ୍ୟଙ୍କର ଏକାକାଳୀନ ଓଜନ ମପାଯାଏ । ଏହାପରେ ଏରୋବିକ୍ସ, ୱେଟ୍ ଟ୍ରେନିଂ, ହାଇ ଇଣ୍ଟେସିଟି ୱାର୍କ ଆଉଟ୍ ଏବଂ ସ୍ପିନ୍ କ୍ଲାସ୍ କରାଯାଏ । ସନ୍ଧ୍ୟାରେ ପୁଣି ସେମାନଙ୍କର ଓଜନ ମପାଯାଏ । ଏହି ଜେଲ୍‌ର ଚାରିପାର୍ଶ୍ୱକୁ ଉଚ୍ଚ ବାଡ଼ ଏବଂ ତାଲାରେ ବନ୍ଦ କରାଯାଇଛି । ଏହା ପ୍ରତିସମୟରେ ମଧ୍ୟ ବନ୍ଦ ରହିଥାଏ । ତେବେ ଏହି ଜେଲ୍‌ରୁ ବାହାରକୁ ବାହାରିବା ଲାଗି ଲୋକଙ୍କୁ ଉଚିତ କାରଣ କହିବାକୁ ପଡ଼ିଥାଏ । କ୍ୟାମ୍ପର ଅଧିକାରୀମାନେ ଏଠାରେ ରହୁଥିବା ଲୋକଙ୍କ ଜିନିଷ ଯାଞ୍ଚ କରନ୍ତି । କେହି ଯଦି ଚିପ୍ସ, ମିଠା ଏବଂ ଓଜନ ବୃଦ୍ଧି କରୁଥିବା କିଛି ଖାଦ୍ୟ ଆଣନ୍ତି, ତାହାକୁ ରଖି ଦିଆଯାଏ । ବିଶେଷଜ୍ଞମାନଙ୍କ ମତରେ, ଚୀନ୍‌ରେ ଦ୍ରୁତ ଗତିରେ ବଢୁଥିବା ମୋଟାପା, ପରିବର୍ତ୍ତିତ ଜୀବନଶୈଳୀ ଏବଂ 'ପତଳା ଦେଖାଯିବା'ର ସାମାଜିକ ଚାପ ଏଭଳି ବ୍ୟବସାୟକୁ ପ୍ରୋତ୍ସାହିତ କରୁଛି । ଏଥିଯୋଗୁଁ ଓଜନ ହ୍ରାସ କରୁଥିବା ଉଦ୍ୟୋଗଗୁଡ଼ିକ କୋଟି କୋଟି ଟଙ୍କା ଆୟ କରୁଛନ୍ତି । କିଛି ଲୋକ ଏହି 'ଫ୍ୟାଟ୍ ଜେଲ'କୁ ଜୀବନ ପରିବର୍ତ୍ତନକାରୀ ଅଭିଜ୍ଞତା ବୋଲି କହୁଥିବା ବେଳେ ଅନେକ ଏହାକୁ ସ୍ୱାସ୍ଥ୍ୟ ପାଇଁ ବିପଦ ବୋଲି ବିବେଚନା କରୁଛନ୍ତି । ତେବେ ଫିଟନେସ୍ ନାଁରେ ଏପରି କଠୋରତା କେତେ ଦୂର ଯଥାର୍ଥ ବୋଲି ବି ଅନେକେ କହିଛନ୍ତି । ସେହିପରି ଆଉ କେତେ ଜଣ ଏହା ଏକ ନୂତନ ପ୍ରକାରର ଶୋଷଣ ବୋଲି କହୁଛନ୍ତି ।





## ଜାତୀୟ ପକ୍ଷୀ ଦିବସ

ପ୍ରତିବର୍ଷ ଜାନୁଆରି ୫ ତାରିଖକୁ 'ଜାତୀୟ ପକ୍ଷୀ ଦିବସ' ଭାବେ ପାଳନ କରାଯାଏ । ଭାରତୀୟ ସଂସ୍କୃତି ଓ ଜନଜୀବନରେ ପକ୍ଷୀର ସ୍ଥାନ ସ୍ୱତନ୍ତ୍ର । ବେଦ, ପୁରାଣଠାରୁ ଆରମ୍ଭ କରି ଆଧୁନିକ ସାହିତ୍ୟରେ ସବୁଠି ପକ୍ଷୀ ସମ୍ପର୍କରେ ବର୍ଣ୍ଣନା ରହିଛି । ସାରା ବିଶ୍ୱରେ ପକ୍ଷୀମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି । ପକ୍ଷୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାତୀୟ ପକ୍ଷୀ ଦିବସ ପାଳନ କରାଯାଏ । ପକ୍ଷୀଙ୍କ ଉପସ୍ଥିତି ସ୍ଥାନୀୟ ପରିବେଶର ସୁସ୍ଥତାକୁ ସୂଚିତ କରିଥାଏ, ତେଣୁ ସେମାନଙ୍କୁ ପରିବେଶର ବାରୋମିଟର ବା ମାପକାଠି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଦିବସ ପକ୍ଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବିପଦ, ବେଆଇନ କାରବାର, ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ବିପରୀତ ପ୍ରଭାବ ବିଷୟରେ ସଚେତନତା ଜାଗ୍ରତ କରେ । ପକ୍ଷୀମାନେ ପ୍ରାକୃତିକ ସନ୍ତୁଳନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ସେମାନେ ବିଭିନ୍ନ ପ୍ରକାରର ଗଛର ଫଳ ଖାଇ ତା'ର ମଞ୍ଜି ପକାଇ ଦିଅନ୍ତି ଯାହା ନୂତନ ବୃକ୍ଷ ସୃଷ୍ଟିରେ ସହାୟକ ହୋଇଥାଏ । ସେମାନେ ଶସ୍ୟହାନି କରୁଥିବା କୀଟମାନଙ୍କୁ ଖାଇଥାନ୍ତି । ଏହି ଦୃଷ୍ଟିକୋଣରୁ ପକ୍ଷୀମାନେ ଆମ ସମାଜର ଅମୂଲ୍ୟ ଅଂଶ । ଏହି ପକ୍ଷୀମାନଙ୍କ ମଧ୍ୟରୁ କିଛି ଶାକାହାରୀ ତ କିଛି ମାଂସାହାରୀ ହୋଇଥାନ୍ତି । ଶାକାହାରୀ ପକ୍ଷୀମାନେ ଫୁଲ, ଫଳ ଆଦି ଖାଇଥାନ୍ତି । ସେହିଭଳି ଶାଗୁଣା, ଚିଲ ଆଦି ମାଂସାଶୀ ପକ୍ଷୀମାନେ ମୃତ ପଶୁମାନଙ୍କ ମାଂସ ଖାଇଥାନ୍ତି । ଯାହାଦ୍ୱାରା ପରିବେଶ ସୁରକ୍ଷିତ ରହେ । ଇତିହାସ ପୃଷ୍ଠାରେ ପକ୍ଷୀମାନେ ଖବର ପହଞ୍ଚାଇବାର ସାହାଯ୍ୟ କରିବାର ଦୃଷ୍ଟାନ୍ତ ମଧ୍ୟ ରହିଅଛି । ପାରା, କପୋତ ପରି ପକ୍ଷୀମାନେ ଏପରି କାର୍ଯ୍ୟ କରିବା କଥା ନଜିର ରହିଛି । ବିଶ୍ୱରେ ଏପରି କୌଣସି ସ୍ଥାନ ନାହିଁ, ଯେଉଁଠି ପକ୍ଷୀ ଦେଖିବାକୁ ମିଳନ୍ତି ନାହିଁ । କେତେକ ପକ୍ଷୀଙ୍କ ଆଗମନରେ ଆମେ ପାଣିପାଗର ପରିବର୍ତ୍ତନ ବିଷୟରେ ସୂଚନା ପାଇଥାଉ । ପ୍ରାକୃତିକ ବାସସ୍ଥାନ କ୍ଷୟ, ଅବାଧ ପକ୍ଷୀ ଶିକାର ଯୋଗୁଁ ପକ୍ଷୀ ସଂଖ୍ୟା ହ୍ରାସ ପାଇଥିବାବେଳେ ଏବେ ଜଳବାୟୁ ପରିବର୍ତ୍ତନ ଏଥିପ୍ରତି ପ୍ରତ୍ୟକ୍ଷ ବିପଦ ଭାବେ ଉଭା ହୋଇଛି । ପକ୍ଷୀ ଜଗତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ।



## 'କଲ୍‌କି ୨୮୯୮ ଏଡି ୨'ର ସୁଟିଂ ଆରମ୍ଭ କରିବେ ପ୍ରଭାସ

ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂକମାନେ ଅପେକ୍ଷା କରିଥାନ୍ତି । ଆକ୍ସନ୍ ଫିଲ୍ମ ଦ୍ୱାରା ଦର୍ଶକଙ୍କ ହୃଦୟ ଜିତିଥିବା ପ୍ରଭାସ ତାଙ୍କର ଆଗାମୀ ଫିଲ୍ମ ' ଦ ରାଜା ସାବ୍'ରେ ପୂରାପୂରି ଅଲଗା ଭୂମିକାରେ ଦେଖାଯିବେ । ଏହା ଆସନ୍ତା ଜାନୁଆରୀ ୯ ରେ ରିଲିଜ୍ ହେବ । ଇତିମଧ୍ୟରେ ତାଙ୍କ ଫିଲ୍ମ 'କଲ୍‌କି ୨୮୯୮ ଏଡି ୨'କୁ ନେଇ ଖବର ଆସିଛି । ଏହାର ସୁଟିଂ ଆସନ୍ତା ଫେବୃଆରୀରେ ଆରମ୍ଭ ହୋଇପାରେ ବୋଲି ଜଣାପଡ଼ିଛି । ଏବେ ପ୍ରଭାସ, ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ 'ସ୍ପିରିଟ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାପରେ ସେ 'କଲ୍‌କି ୨'ର ସୁଟିଂ ଆରମ୍ଭ କରିବେ । ଦୀପିକା ପାଦୁ୍ୟକୋନ୍ 'କଲ୍‌କି ୨'ରୁ ବାଦ୍ ପଡ଼ିବା ପରେ ଏଥିରେ ଆଲିଆ ଭଟ୍ଟ କିମ୍ବା ପ୍ରିୟଙ୍କା ଚୋପ୍ରା ପ୍ରଭାସଙ୍କ ବିପକ୍ଷରେ ନଜର ଆସିପାରନ୍ତି ବୋଲି କୁହାଯାଉଛି । ଅନ୍ୟପକ୍ଷରେ 'କଲ୍‌କି ୨୮୯୮ ଏଡି ୨'ରେ ପ୍ରଭାସ ଡବଲ୍ ରୋଲରେ ଦେଖାଯିବେ । ନାଗ୍ ଅଶ୍ୱିନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମର ବଜେଟ୍ ରହିଛି ୭୦୦ କୋଟି । ଏହା ୨୦୨୮ ରେ ରିଲିଜ୍ ହୋଇପାରେ ବୋଲି ଆଶା କରାଯାଉଛି ।

## କେଉଁ ଜିନିଷ ଦେଖିବା ଶୁଭ



ହିନ୍ଦୁ ଧର୍ମରେ ଗରୁଡ଼ ପୁରାଣର ବିଶେଷ ମହତ୍ତ୍ୱ ଅଛି । ଏହି ପୁରାଣରେ କିଛି ଜିନିଷକୁ ଦେଖିବା ଶୁଭ ବୋଲି କୁହାଯାଇଛି । କେଉଁ ଜିନିଷ ଦର୍ଶନ ଦ୍ୱାରା ଶୁଭ ଫଳ ମିଳେ, ସେ ସମ୍ପର୍କରେ ଜାଣିବା ।

**ଗୋମୂତ୍ର:** ଶାସ୍ତ୍ରରେ ଗୋମୂତ୍ରକୁ ଔଷଧୀୟ ଗୁଣର ଭଣ୍ଡାର ବୋଲି କୁହାଯାଇଛି । ଧାର୍ମିକ ମାନ୍ୟତା ଅଛି, ଗୋମୂତ୍ରରେ ମା' ଗଙ୍ଗା ବାସ କରନ୍ତି । ଗରୁଡ଼ ପୁରାଣ ଅନୁସାରେ, ଏହାର ସେବନ ନ କରିପାରିଲେ, ପବିତ୍ର ଭାବରେ ଏହାର ଦର୍ଶନ କରିବା ମନ ଓ ଆତ୍ମାକୁ ଶୁଦ୍ଧ କରିଥାଏ ।

**ଗୋବର:** ସନାତନ ଧର୍ମରେ ଗାଈ ଗୋବରକୁ ପବିତ୍ର ବୋଲି କୁହାଯାଇଛି । ଏହାକୁ ମାଙ୍ଗଳିକ କାର୍ଯ୍ୟରେ ବି ବ୍ୟବହାର କରାଯାଏ । କୌଣସି ପୂଜା ପୂର୍ବରୁ ଗୋବରରେ ଭୂମିକୁ ଲିପିବା ଶୁଭର ପ୍ରତୀକ ଭାବେ ବିବେଚନା କରାଯାଏ । ଗୋବର ଦର୍ଶନ ଦ୍ୱାରା ନକାରାତ୍ମକ ଶକ୍ତିରୁ ମୁକ୍ତି ମିଳିଥାଏ ଏବଂ ପୁଣ୍ୟ ପ୍ରାପ୍ତି ହୁଏ ।

**ଗୋଦୁଗ୍ଧ:** ଆୟୁର୍ବେଦରେ ଗୋଦୁଗ୍ଧକୁ ଅମୃତ ସମାନ କୁହାଯାଇଛି । ଶାସ୍ତ୍ର ଅନୁସାରେ, ପାତ୍ରରେ ରଖାଯାଇଥିବା ଶୁଦ୍ଧ ଗୋଦୁଗ୍ଧ ଦର୍ଶନ ଦ୍ୱାରା ସୌଭାଗ୍ୟ ଜାଗ୍ରତ ହୁଏ ।

**ଗୋଧୂଳି:** ଗୋଧୂଳିକୁ ଅତ୍ୟନ୍ତ ପବିତ୍ର ବୋଲି କୁହାଯାଇଛି । ମାନ୍ୟତା ଅଛି, ଗୋଧୂଳି ଦର୍ଶନ ଦ୍ୱାରା ଅଜାଣତରେ ହୋଇଥିବା ପାପ ନାଶ ହୋଇଥାଏ ।

**ଗୋଶାଳା:** ଗାଈ ରହିବା ସ୍ଥାନ ବା ଗୋଶାଳା ଅତ୍ୟନ୍ତ ପୂଜନୀୟ ସ୍ଥାନ । ଗୋଶାଳାର ସେବା କରିବା ଏକ ମହାନ କାର୍ଯ୍ୟ । ସେବା ନ କରିପାରିଲେ ଶ୍ରଦ୍ଧାପୂର୍ବକ ଏହାର ଦର୍ଶନ କରିବା ଶୁଭ । ଏହା ମାନସିକ ଶାନ୍ତି ପ୍ରଦାନ କରେ ।

**ଗୋଖୁର:** କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ଯାତ୍ରାକୁ ଯିବା ପୂର୍ବରୁ ଗାଈ ଖୁରା (ଗାଈ ଚରଣ) ଦର୍ଶନ କଲେ କିମ୍ବା ଏହାର ଧୂଳି ମଥାରେ ଲଗାଇଲେ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ଶ୍ରୀହରି ସ୍ତୋତ୍ରର ମହତ୍ତ୍ୱ



ଶ୍ରୀହରି ସ୍ତୋତ୍ର ଖୁବ୍ ପ୍ରଭାବଶାଳୀ । ଏହାକୁ ପାଠ କରିବା ଦ୍ୱାରା ସମସ୍ତ ଦୁଃଖର ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ସ୍ତୋତ୍ର ପାଠ କରିବା ଦ୍ୱାରା ଶ୍ରୀବିଷ୍ଣୁଙ୍କ ବିଶେଷ କୃପା ପ୍ରାପ୍ତି ହୁଏ । ତେବେ ଏହି ସ୍ତୋତ୍ର ପାଠ ପ୍ରତ୍ୟେକ ଗୁରୁବାର କରିବା ଉଚିତ ।

- ଶ୍ରୀହରି ସ୍ତୋତ୍ର ପାଠ କରିବା ଦ୍ୱାରା ରୋଗ ମୁକ୍ତ ରହିବେ ।
- ମାନସିକ ଅଶାନ୍ତି ଓ ଚିନ୍ତା ଦୂର ହୁଏ ।
- ଜୀବନଠୁ ଆରମ୍ଭ କରି ସକାରାତ୍ମକ ଚିନ୍ତାଧାରା ଆସେ ।
- ଜୀବନରେ କୌଣସି ବାଧା ରହେ ନାହିଁ ।
- ସମସ୍ତ ଗ୍ରହର ଶୁଭ ପ୍ରଭାବ ମିଳେ ।
- ଘରେ ସୁଖ ଶାନ୍ତି ବଜାୟ ରହେ ।

## ସ୍ୱସ୍ତି

### ନଖର ଆକାରରୁ ଜାଣନ୍ତୁ ଭବିଷ୍ୟତ

**ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତ ରେଖା ବ୍ୟତୀତ ନଖର ଆକାରରୁ ବି ବ୍ୟକ୍ତିତ୍ୱ ତଥା ଭବିଷ୍ୟତ ବାବଦରେ ଜାଣି ହୁଏ । ସମୁଦ୍ର ଶାସ୍ତ୍ର ଅନୁସାରେ, ନଖର ଆକାର ଏବଂ ଏହାର ଚମକ ଅନେକ କିଛି ଜଣାଏ ।**



**ଚଉଡ଼ା ନଖ:** ଯେଉଁ ବ୍ୟକ୍ତିଙ୍କ ନଖ ସ୍ୱାଭାବିକ ଭାବେ ଚଉଡ଼ା, ସେମାନଙ୍କୁ ସକ୍ଷମ ବୋଲି ବିବେଚନା କରାଯାଏ । ଏଭଳି ଲୋକ ଗଭୀରରେ ସବୁ କିଛି ଚିନ୍ତା କରିଥାନ୍ତି । ଠିକ୍ ସମୟରେ ସଠିକ ନିର୍ଣ୍ଣୟ ନେବାର କ୍ଷମତା ଥାଏ । ବୁଝିବିଚାରି ପ୍ରତ୍ୟେକ କାର୍ଯ୍ୟ କରି ସଫଳ ହୋଇଥାନ୍ତି ।

**ଗୋଲାକାର ନଖ:** ଗୋଲାକାର ନଖ ଥିବା ବ୍ୟକ୍ତିବିଶେଷ ଦୃଢ଼, ସଂକଳ୍ପବାନ, ଶକ୍ତିବାନ ହୋଇଥାନ୍ତି । ଏଭଳି ବ୍ୟକ୍ତିଙ୍କର ତୁରନ୍ତ ନିର୍ଣ୍ଣୟ ନେବାର କ୍ଷମତା ବେଶି । ସେମାନେ ସ୍ପଷ୍ଟବାଦୀ ଓ ପ୍ରଭାବଶାଳୀ ହୋଇଥାନ୍ତି ।

**ଲମ୍ବା ନଖ:** ଲମ୍ବା ନଖ ରଖିଥିବା ବ୍ୟକ୍ତି ସ୍ୱଭାବରେ କଳ୍ପନାଶୀଳ, ରୋମାଣ୍ଟିକ ହୋଇଥାନ୍ତି । ଅନ୍ୟ ଉପରେ ଶୀଘ୍ର ଭରସା କରନ୍ତି । ଶାନ୍ତି ଓ ସଦ୍‌ଭାବରେ ରହିବାକୁ ପସନ୍ଦ କରନ୍ତି ।

**ନଖରେ ଗୋଲାପି ଚମକ:** ନଖରେ ପ୍ରାକୃତିକ ଭାବେ ଗୋଲାପି ଚମକ ଥିବା ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ହସ୍ତରେଖା ଶାସ୍ତ୍ର ଅନୁସାରେ, ଏଭଳି ଲୋକ ଚିନ୍ତାଧାରା ସବୁବେଳେ ସକାରାତ୍ମକ ହୋଇଥାଏ । ଜୀବନରେ ସଦା ଉନ୍ନତି କରନ୍ତି । ସମାଜରେ ମାନସମ୍ମାନ ଏବଂ ପ୍ରତିଷ୍ଠା ପ୍ରାପ୍ତ ହୁଏ ।

## ଭବିଷ୍ୟତ ଉପରେ ନାମକରଣର ପ୍ରଭାବ

**ଭାରତୀୟ ସଂସ୍କୃତିରେ ପିଲାଙ୍କ ନାମକରଣ କେବଳ ଏକ ଔପଚାରିକ ପ୍ରକ୍ରିୟା ନୁହେଁ, ବରଂ ଏହା ହେଉଛି ଏକ ପବିତ୍ର ସଂସ୍କାର । ଜ୍ୟୋତିଷ ଶାସ୍ତ୍ରରେ ଏହାକୁ ନାମକରଣ ସଂସ୍କାର ବୋଲି କୁହାଯାଏ । ତେଣୁ ନାଁର ପ୍ରଭାବ ସ୍ୱଭାବ, ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଏ ।**

ସାଧାରଣତଃ ଲୋକେ ପିଲାଙ୍କ ନାମ 'ରାମ', 'ଲକ୍ଷ୍ମଣ', 'ସୀତା' ଭଳି ଅନ୍ୟ ପବିତ୍ର ନାମରେ ରଖିବାକୁ ପସନ୍ଦ କରନ୍ତି । ହେଲେ 'କଂସ', 'ରାବଣ' ଭଳି ନାଁ ରଖିବାରୁ ଦୂରେଇ ରହନ୍ତି । ତେବେ ଏଭଳି ନାଁ ନ ରଖିବା ପଛରେ ବି ଧାର୍ମିକ ଏବଂ ଆଧାତ୍ମିକ କାରଣ ଅଛି । ବିଶ୍ୱାସ କରାଯାଏ, ନାଁର ଧ୍ୱନି ଓ ଏହାର ଅର୍ଥ ଜୀବନରେ ଶକ୍ତି ସଞ୍ଚାର କରେ । ସେହିପରି ପିଲାଙ୍କ ନାମକରଣ କରିବା ସମୟରେ ଏହାର ସିଧା ପ୍ରଭାବ ସେମାନଙ୍କ ଭାଗ୍ୟ ଏବଂ ଭବିଷ୍ୟତ ଉପରେ ପଡ଼ିଥାଏ । ପ୍ରତ୍ୟେକ ନାଁ ଭିତରେ ଏକ ବିଶେଷ ଅର୍ଥ ଓ ଶକ୍ତି ନିହିତ ଥାଏ । ଯଦି ନାମର ଅର୍ଥ ସକାରାତ୍ମକ ହୋଇଥାଏ, ତେବେ ଏହା ଶୁଭ ପ୍ରଭାବ ପକାଏ ।



ସେହିପରି ନକାରାତ୍ମକ ଅର୍ଥ ଯୁକ୍ତ ନାଁ ଜୀବନରେ ସମସ୍ୟା ସୃଷ୍ଟି କରେ । ଅଲଗା ତଥା ଆକର୍ଷଣୀୟ ଲାଗିବା ପାଇଁ ନାଁ ରଖିବା ଅନୁଚିତ । ନାଁ ଏମିତି ହେବା ଦରକାର, ଯାହାକି ସାର୍ଥକ, ଶୁଭ ଓ ସକାରାତ୍ମକ ଶକ୍ତିରେ ଭରପୂର ହୋଇଥିବ । ଯେଉଁ ନାଁରୁ ନକାରାତ୍ମକ ଭାବ ଉତ୍ପନ୍ନ ହୁଏ ଏବଂ ଯାହାର ଅର୍ଥ ଅସ୍ପଷ୍ଟ ହୋଇଥାଏ, ସେଭଳି ନାଁ ରଖିବା ଅନୁଚିତ ।

ଶାସ୍ତ୍ର ଅନୁସାରେ, ପିଲାଙ୍କ ନାଁ ଛୋଟ, ସରଳ ଏବଂ ଅର୍ଥପୂର୍ଣ୍ଣ ହେବା ଦରକାର । ଏହାସହିତ ଜନ୍ମ ସମୟର ନକ୍ଷତ୍ର ମଧ୍ୟ ନାମକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ନକ୍ଷତ୍ର ଅନୁସାରେ ରଖାଯାଉଥିବା ନାଁ ଜୀବନରେ ସନ୍ତୁଳନ ଓ ସଫଳତା ଆଣେ । ଏହାବାଦ୍ ଭବିଷ୍ୟତରେ ଯେଭଳି କୌଣସି ଧାର୍ମିକ ତଥା ସାମାଜିକ ସମସ୍ୟା ଉତ୍ପନ୍ନ ନ ହେବ, ନାମକରଣ ବେଳେ ବଂଶ ଓ ଗୋତ୍ର ଉପରେ ବି ଧ୍ୟାନ ଦେବା ଉଚିତ ।

ଆଇପିଏଲ୍‌ରୁ ମୁସ୍ତାଫିଜୁର ବିଦା ହେବା ପରେ କ୍ଷୋଭ

# ଭାରତରେ ବିଶ୍ୱକପ୍ ଖେଳିବନି ବାଂଲାଦେଶ

ଢାକା,୪।୧(ଏଜେନ୍ସି)



ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ରାଜନୈତିକ ଓ କୂଟନୈତିକ ଲଢ଼େଇର ପ୍ରଭାବ ପଡ଼ିଛି କ୍ରିକେଟ ଖେଳ ଉପରେ। ଆଇପିଏଲ୍‌ରେ ସାମିଲ ହୋଇଥିବା ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନଙ୍କୁ ବିସିସିଆଇ ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ୍ ରାଇଡର୍ସ ବିଦା କରିବା ପରେ ବାଂଲାଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ଘଟଣାରେ ମଧ୍ୟବର୍ତ୍ତୀକାଳୀନ ସରକାର ଫେବୃଆରୀ-ମାର୍ଚ୍ଚରେ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବା ଲାଗି କ୍ରିକେଟ ଦଳକୁ ମନା କରିଦେଇଛନ୍ତି। ଏହାର ଅର୍ଥ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଏବେ ଭାରତ ଆସିବ ନାହିଁ। ଭାରତ ପରିବର୍ତ୍ତେ ଅନ୍ୟ ସ୍ଥାନରେ ବା ଶ୍ରୀଲଙ୍କାରେ ଖେଳିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ସଂଗଠନ ଆଇସିସିକୁ ଅନୁରୋଧ କରିଛି। ଆଇସିସି ଏଥିରେ ଏଯାଏ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ପୂର୍ବରୁ ଦେଶ ଦେଶ ମଧ୍ୟରେ ରାଜନୈତିକ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ଏକପ୍ରକାର ଛିନ୍ନ ହୋଇଛି। କେହି କାହାରି ଦେଶକୁ ଖେଳିବାକୁ ଯାଉ ନାହାନ୍ତି। ଗତବର୍ଷ ଏଥିରେ ଆଉ ଏକ ନକରାତ୍ମକ ଅଧ୍ୟାୟ ଯୋଡି ହେବା ଫଳରେ ଆଇସିସି ଏବଂ ଏସିସି ଦ୍ୱାରା ଆୟୋଜିତ ହେଉଥିବା ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଗୋଟିଏ ଦେଶ ଅନ୍ୟ ଦେଶକୁ ଖେଳିବାକୁ ଯିବେ ନାହିଁ। ଏଣୁ ଶ୍ରୀଲଙ୍କାରେ ପାକିସ୍ତାନ ତାହାର ସମସ୍ତ ବିଶ୍ୱକପ୍ ମ୍ୟାଚ୍, ଏପରିକି ଏହି ଦଳ ଯଦି ଫାଇନାଲକୁ ଯାଏ, ତେବେ କଲମ୍ବୋରେ ଖେଳିବ ବୋଲି ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଭଳି ବିବାଦରେ ଏବେ ବାଂଲାଦେଶ ସାମିଲ ହୋଇଛି। ବିବାଦର ସମାଧାନ କିପରି ହେବ ତାହା ଏବେଠାରୁ କହିବା ମୁସ୍କିଲ ହୋଇଥିଲେ ମଧ୍ୟ ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ ସରକାର ବାଂଲା କ୍ରିକେଟ ଦଳକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଅନୁମତି ଦେବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହା ମଧ୍ୟରେ ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ବାଂଲାଦେଶ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳର ଅଧିନାୟକ ଜଣେ ହିନ୍ଦୁ ଖେଳାଳି ଲିଟନ ଦାସଙ୍କୁ ଦିଆଯାଇଛି। ଏଭଳି ସ୍ଥଳେ ବାଂଲାଦେଶ ଏକ ମାଷ୍ଟର କାର୍ଡ ଖେଳି ଭାରତକୁ ନିନ୍ଦିତ କରିବାକୁ ଯୋଜନା କରିଛି।

ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଭାରତ ସହ ଥିବା କ୍ରିକେଟ ସମ୍ପର୍କକୁ ସଂକଟ ମଧ୍ୟକୁ ନେଇଯାଇଛି। ଗତ ଏକ ମାସ ମଧ୍ୟରେ ୪ଜଣ ହିନ୍ଦୁଙ୍କୁ ହତ୍ୟା କରିବା, ସଂଖ୍ୟା ଗରିଷ୍ଠ ମୁସ୍‌ଲିମ୍ ସମ୍ପ୍ରଦାୟ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ନିର୍ଯାତନା କରିବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହା ବିରୋଧରେ ଭାରତରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଉଛି। ଏଭଳି ସମୟରେ ବିଶ୍ୱର ସର୍ବବୃହତ୍ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବା ଭାରତରେ ଖେଳାଯାଉଥିବା ଆଇପିଏଲ୍‌ରୁ ଏକାମାତ୍ର ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁରଙ୍କୁ ବାଦ୍ ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ଏହାକୁ କୌଣସି ବଡ଼ ବିବାଦର ରୂପେ ନେବା ପୂର୍ବରୁ ବିସିସିଆଇ ଏହି ଖେଳାଳିଙ୍କୁ ବାଦ୍ ଦେବାକୁ ଏହାର ଫ୍ରାଞ୍ଚାଇଜ୍ କେକେଆର୍‌କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ତତ୍‌କ୍ଷଣାତ୍ ଏହାକୁ କାର୍ଯ୍ୟକାରୀ କରିବା ଫଳରେ ଭାରତରେ ବାଂଲାଦେଶ ଖେଳାଳିଙ୍କ ବିପଦ ରହିଛି ବୋଲି କ୍ରିକେଟ ବୋର୍ଡ ଅନୁଭବ କରିଥିଲେ। ଆଗକୁ ଟି-୨୦ ବିଶ୍ୱକପ୍ ଥିବାରୁ ଭାରତରେ ତାଙ୍କ ଦଳ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯିବ କି ନାହିଁ ସେ ସମ୍ପର୍କରେ ଆଲୋଚନା କରିବାକୁ କ୍ରିକେଟ ବୋର୍ଡ ନିର୍ଦ୍ଦେଶକଙ୍କ ଏକ ବୈଠକ ବସିଥିଲା। ଏଥିରେ କୌଣସି କଠୋର ନିଷ୍ପତ୍ତି ନ ନେବାକୁ ନିର୍ଦ୍ଦେଶକ ମାନେ ରାଜି ହୋଇଥିଲେ। କିନ୍ତୁ ଏହା ଜାଣିବା ପରେ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଭାରତରେ ବିଶ୍ୱକପ୍ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ଦଳକୁ ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡକୁ ଜଣାଇଦେଇଥିଲେ। ବାଂଲା କ୍ରିକେଟ ବୋର୍ଡ ଅନ୍ୟ କୌଣସି ଉପାୟ ନ ପାଇ ଭାରତରେ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ଓ ଅନ୍ୟ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ଆଇସିସିକୁ ଜଣାଇଦେଇଥିଲା। ବୋର୍ଡ ମଧ୍ୟ ମୁସ୍ତାଫିଜୁରଙ୍କୁ ଦିଆଯାଇଥିବା ନୋ ଅବଜେକ୍ସନ ସାର୍ଟିଫିକେଟକୁ ରଦ୍ଦ କରିଦେଇଥିଲେ। ଶାହରୁଖ ଖାନ୍‌ଙ୍କ ମାଲିକାନାରେ ଥିବା କେକେଆର ତାଙ୍କୁ ୯.୨ କୋଟି ଟଙ୍କାରେ କିଣିଥିଲା। ପୂର୍ବରୁ ଏଭଳି ସ୍ଥିତିରେ ପାକିସ୍ତାନ ଶ୍ରୀଲଙ୍କାରେ ସମସ୍ତ ମ୍ୟାଚ୍ ଖେଳିବ ବୋଲି ସ୍ଥିର ହୋଇଥିବାରୁ ବାଂଲାଦେଶ କ୍ରିକେଟ ବୋର୍ଡ ଏପରି ନିଷ୍ପତ୍ତି ନେବାକୁ ଉତ୍ସାହୀ ହୋଇଛି ବୋଲି କୁହାଯାଉଛି। ଏହାର ପରିଣାମ କ'ଣ ହେବ ତାହା ଜୟ ଶାହଙ୍କ ନେତୃତ୍ୱରେ ଗଠିତ ଆଇସିସି ନିଷ୍ପତ୍ତି ନେବ। ସେ ଯାହା ହେଉ ଏହି ବିଶ୍ୱକପ୍ ଯେ ସହଜରେ ଆୟୋଜନ ହେବ ନାହିଁ ତାହା ଏଭଳି ଘଟଣାରୁ ସ୍ପଷ୍ଟ ହୋଇଛି।



## ବିଶ୍ୱକପ୍‌ରେ ନେତୃତ୍ୱ ନେବେ ଲିଟନ ଦାସ

ଢାକା : ଆସନ୍ତା ଟି-୨୦ ବିଶ୍ୱକପ୍ ଲାଗି ଏକ ୧୫ ଜଣିଆ ବାଂଲାଦେଶ କ୍ରିକେଟ ଟିମ୍ ଘୋଷଣା କରିଛି। ଏହି ଟିମ୍‌ର ନେତୃତ୍ୱ ନେବେ ବାଂଲାରେ ମୁସ୍‌ଲିମ୍‌ଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥିବା ହିନ୍ଦୁ ସମ୍ପ୍ରଦାୟର ଖେଳାଳି ଲିଟନ ଦାସ। ଲିଟନଙ୍କ ନେତୃତ୍ୱରେ ଗଠିତ ଦଳକୁ ଫାଷ୍ଟ ବୋଲର ତସ୍କିନ ଅହମ୍ମଦ୍‌ଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଏହା ଫଳରେ ମୁସ୍ତାଫିଜୁର, ତାନଜିମ୍ ହାସନ, ଶୋରିଫୁଲ ଇସ୍‌ଲାମ ଓ ମହମ୍ମଦ୍ ସୈଫୁଦ୍ଦିନଙ୍କୁ ନେଇ ଶକ୍ତିଶାଳୀ ପେସ ବାହିନୀ ଗଠିତ ହୋଇଛି। ଲିଟନ, ତାନଜିଦ୍, ସୈଫ ହାସନ, ତୋହିଦ ହ୍ୟଦୟ, ଶମିମ ହାସନ ଓ ପରଭେଜ ହୋସେନ ବ୍ୟାଟିଂ ଭାର ସମ୍ଭାଳିବେ। କିନ୍ତୁ ୨୦୨୩ରୁ ଦଳରେ ନିରନ୍ତର ସାମିଲ ହୋଇ କ୍ରମାଗତ ୪୫ଟି ଟି-୨୦ ମ୍ୟାଚ୍ ଖେଳିଥିବା ଜେକର ଅଲିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏବେ ସେ ଆଦୌ ଫର୍ମରେ ନାହାନ୍ତି। ଏହି ବିଶ୍ୱକପ୍‌ରେ ବାଂଲାଦେଶ ତାହାର ପ୍ରଥମ ୪ଟି ମ୍ୟାଚ୍ ଭାରତରେ ଖେଳିବ। ଏହା ମଧ୍ୟରୁ କୋଲକାତାରେ ୩ଟି ଓ ମୁମ୍ବଇରେ ଗୋଟିଏ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ମନୋନୀତ ଦଳ

ଲିଟନ ଦାସ (ଅଧିନାୟକ), ସୈଫ୍ ହାସନ, ତାନଜିଦ୍ ହାସନ, ପରଭେଜ ହୋସେନ, ତୋହିଦ ହୃଦୟ, ଶମିମ ହୋସେନ, ନୁରୁଲ ହାସନ (ୱିକେଟରକ୍ଷକ), ମାହେଦୀ ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାନଜିମ ହାସନ ସାକିବ୍, ତସ୍କିନ ଅହମ୍ମଦ୍, ମହମ୍ମଦ ସୈଫୁଦ୍ଦିନ୍, ଶୋରିଫୁଲ ଇସ୍‌ଲାମ୍।

## ବାଂଲାରେ ବନ୍ଦ ହେବ ଆଇପିଏଲ୍ ପ୍ରସାରଣ

ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶର ସମସ୍ତ ଲିଗ୍ ମ୍ୟାଚ୍ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡ ଆଇସିସି ନିକଟରେ ଦାବି କରିଛି। ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ନିଜ ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବାର ଦର୍ଶାଇ ବୋର୍ଡ ଏପରି କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୬ରୁ ଭାରତରେ ଖେଳାଯିବାକୁ ଥିବା ଆଇପିଏଲ୍‌ରେ ମୁସ୍ତାଫିଜୁର ବାଂଲାର ଏକମାତ୍ର ଖେଳାଳି ଥିଲେ। ତାଙ୍କୁ ୯.୨ କୋଟି ଟଙ୍କାରେ କୋଲକାତା ନାଇଟ୍ ରାଇଡର୍ସ କିଣିଥିଲା। ସେ ବିଦା ହେବା ପରେ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ବନ୍ଦ କରିବାକୁ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଉପଦେଷ୍ଟା ଆସିଫ୍ ନଜରୁଲ୍ ଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ କୌଣସି ପରିସ୍ଥିତିରେ ବାଂଲାଦେଶ କ୍ରିକେଟ, କ୍ରିକେଟର ଓ ବାଂଲାଦେଶ ନାଗରିକଙ୍କ ଅପମାନ ବରଦାସ୍ତ କରିବୁ ନାହିଁ ବୋଲି ନଜରୁଲ କହିଛନ୍ତି। ନିକଟରେ ମୃତ୍ୟୁବରଣ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯୋଗଦେବା, ଭାରତୀୟ କ୍ରିକେଟ ଦଳର ଗସ୍ତସୂଚୀ ଚୂଡ଼ାନ୍ତ ହେବା ପରେ ବାଂଲାଦେଶରେ ଏପରି ହଠାତ ପରିବର୍ତ୍ତନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁସ୍ତାଫିଜୁରଙ୍କୁ କାହିଁକି ଆଇପିଏଲ୍‌ରୁ ବାଦ୍ ଦିଆଗଲା ତାହାର ସ୍ପଷ୍ଟୀକରଣ ଦେବାକୁ ବିସିବି, ପ୍ରତିପକ୍ଷ ବିସିସିଆଇକୁ ମାଗିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ବାଂଲାଦେଶ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଅମିନୁଲ ଇସ୍‌ଲାମ୍‌ଙ୍କୁ ମଧ୍ୟ ସର୍ବସାଧାରଣରେ କୌଣସି ମନ୍ତବ୍ୟ ଦେବା କିମ୍ବା ପ୍ରତିକ୍ରିୟା ଦେବାକୁ ମଧ୍ୟବର୍ତ୍ତୀ ସରକାରଙ୍କ ପକ୍ଷରୁ ବାରଣ କରାଯାଇଛି। ଭାରତରେ ମାତ୍ର ୪ଟି ଲିଗ୍ ମ୍ୟାଚ୍ ଫେବୃଆରୀ ୭, ୯, ୧୪ ଓ ୧୭ରେ ବାଂଲାଦେଶର ଖେଳିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିସିସିଆଇ ସୂତ୍ରରୁ ଜଣାଯାଇଛି ଏତେ ଅଳ୍ପ ସମୟ ମଧ୍ୟରେ ଭେନ୍ୟୁ ପରିବର୍ତ୍ତନ କରିବା ବିସିସିଆଇ କିମ୍ବା ଆଇସିସି ପକ୍ଷରେ କଷ୍ଟକର ନୁହେଁ ଏକ ଅସମ୍ଭବ କାମ। ବିମାନ ଟିକଟ, ହୋଟେଲ ରୁମ୍ ବୁକ୍ କରିବା, ପ୍ରସାରଣକାରୀ ସଂସ୍ଥା ଭେନ୍ୟୁକୁ ଯିବା ଅତ୍ୟନ୍ତ କଷ୍ଟକର। ଏହାକୁ କିପରି ସମାଧାନ କରାଯିବ ତାହା ଉପରେ ଆଇସିସି ନାକେଦମ ହେବା ନିଶ୍ଚିତ।

● ୧୫ ବର୍ଷରୁ କମ୍ ମହିଳା କ୍ରିକେଟ

## ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୪।୧(ସମିସ): ବିସିସିଆଇ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟର ଦ୍ୱିତୀୟ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ବିଦର୍ଭ କ୍ରିକେଟ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩୨.୫ ଓଭରରେ ୧୦୨ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରିୟାଂଶୀ ମହାରଣା ସର୍ବାଧିକ ୩୦ ଓ ଅନ୍ୱେଷା ସ୍ୱାଇଁ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଶିଖା କୋଲି ଓ ମୈତ୍ରେୟୀ ୩ଟି ଲେଖାଏଁ ୱିକେଟ ଦଖଲ କରିଥିଲେ। ଜବାବରେ ଉତ୍ତରାଖଣ୍ଡ ୨୮ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୦୩ ରନ୍ ସଂଗ୍ରହ କରିନେଇଥିଲେ। ଦଳ ପକ୍ଷରୁ କାଭଲୀନ୍ ଅପରାଜିତ ୪୫ ଓ ପ୍ରଶସ୍ତି ଧନରାଜ ୩୫ ରନ୍ କରି ଦଳକୁ ସହଜ ବିଜୟ ଭେଟି ଦେଇଥିଲେ। ଓଡ଼ିଶା ପକ୍ଷରୁ ଯାଜ୍ଞସେନୀ ସାହୁ ୨ଟି ଓ ଅନନ୍ୟା ଜେନା ଗୋଟିଏ ୱିକେଟ ପାଇଥିଲେ।

● ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ଓଡ଼ିଶା ମହିଳା ଫୁଟ୍‌ବଲ୍ ଦଳ

ଭୁବନେଶ୍ୱର,୪।୧(ସମିସ): ଦାମନ ଓ ଡିଉଠାରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଲାଗି ଏକ ୧୨ ଜଣିଆ ଓଡ଼ିଶା ମହିଳା ଫୁଟବଲ ଦଳ ଭାଗ ନେଇଛନ୍ତି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସସ୍ମିତା ପରିଡ଼ା, ମଞ୍ଜୁ ଗଞ୍ଜୁ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନ ମୁଣ୍ଡାରି, ସସ୍ମିତା ତନ୍ତୀ, ଅଙ୍କିତା ନାଏକ, ପ୍ରଜ୍ଞା କିସାନ, ସୁମିତ୍ରା ହେମ୍ବ୍ରମ୍, ସତ୍ୟବୀ ଖାଡିଆ, ଶୁଆନା ତମାଙ୍ଗ୍, କେ. ଅମ୍ବାଲିକା, ମନୀଷା ନାଏକ। ଗୀତାଞ୍ଜଳି ଖୁଣ୍ଟିଆ ଦଳର କୋଚ୍ ଓ ଗୋମତି ବାରା ମ୍ୟାନେଜର ଭାବେ ଦଳ ସହ ଯାଇଛନ୍ତି ବୋଲି ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସୂତ୍ରରୁ ବିଳମ୍ବରେ ମିଳିଥିବା ଏକ ବିଜ୍ଞପ୍ତିରୁ ସୂଚନା ମିଳିଛି।

● ମହିଳା ପ୍ରିମିୟର ଲିଗ୍

## ଲାନିଂ ୟୁପି ୱାରିୟର୍ଜ ଅଧିନାୟିକା

ଲକ୍ଷ୍ନୌ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆର କିଂବଦନ୍ତୀ ଖେଳାଳି ମେଗ୍ ଲାନିଂଙ୍କୁ ୟୁପି ୱାରିୟର୍ଜ ୨୦୨୬ ମହିଳା ପ୍ରିମିୟର ଲାଗି ଦଳର ଅଧିନାୟିକା ମନୋନୀତ କରିଛି। ଗତ ନିଲାମିରେ ୟୁପି ତାଙ୍କୁ ୧.୯ କୋଟି ଟଙ୍କାରେ କିଣିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ୨ଟି ଆଇସିସି ଦିନିକିଆ ଓ ୫ଟି ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ସଦସ୍ୟ ରହିଥିବା ଲାନିଂଙ୍କ ନେତୃତ୍ୱରେ ଦଳ ଏଥର ବିଶେଷ ସଫଳତା ପାଇବ ବୋଲି ଆଶା କରାଯାଉଛି।

ପୁରୁଷ ହକି ଇଣ୍ଡିଆ ଲିଗ୍

## ବିଜୟରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ



ଚେନ୍ନଇ,୪।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଦମ୍‌ଦାର ବିଜୟରୁ ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବିଜୟ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଓ ଗୁରସାହିବଜିତ ସିଂହ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ପ୍ରଥମେ ଗୋଲ ସ୍କୋର କରିଥିଲା। ତାରକା ଫରୱାର୍ଡ ଖେଳାଳି ଟମ ବୁନ୍ ଏହି ଗୋଲ ଦେଇ ରାଞ୍ଚିକୁ ଅଗ୍ରଣୀ କରାଇଥିଲେ। ମନଦୀପ ସିଂହ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ। କିନ୍ତୁ ଦଳ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ କଳିଙ୍ଗର ରକ୍ଷଣଭାଗ ଏହା କରିବାକୁ ଦେଇ ନ ଥିଲେ। ଶେଷ କ୍ୱାର୍ଟରରେ ଧମାକାଦାର ଖେଳ ଦେଖିବାକୁ ମିଳିଥିଲା। ଉଭୟ ଦଳ ଆକ୍ରମଣ ଓ ପ୍ରତ୍ୟାକ୍ରମଣ କରି ଖେଳରେ ଉତ୍କଣ୍ଠା ଭରିଥିଲେ। ଆର୍ଥର ଭାନ ଡୋରେନ୍‌ଙ୍କ ନେତୃତ୍ୱ କଳିଙ୍ଗ ଏହି ମ୍ୟାଚ୍ ଖେଳୁଛି। ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ୩-୧ ଗୋଲରେ ଜେଏସଡବ୍ଲ୍ୟୁ ସୁରମା ହକି କ୍ଲବକୁ ପରାସ୍ତ କରି ଟାଇଟଲ ଅଭିଯାନ ଆରମ୍ଭ କରିଛି।

ଜାତୀୟ କନିଷ୍ଠ ଖୋ ଖୋ

## ଓଡ଼ିଶା ବାଳିକା ଦଳ ରନର୍ସ ଅପ୍





ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ବାଳିକା ଦଳ ୪୪ତମ ଜାତୀୟ କନିଷ୍ଠ ବାଳିକା ଖୋ ଖୋ'ରେ ରନର୍ସ ଅପ୍ ହୋଇଛନ୍ତି। କର୍ଣ୍ଣାଟକର ଗୁଞ୍ଜୁରଠାରେ ରବିବାର ଶେଷ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ମହାରାଷ୍ଟ୍ର ୪୪-୩୩ ପଏଣ୍ଟରେ ଓଡ଼ିଶାକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨୫-୨୫ ପଏଣ୍ଟରେ ସମାନସ୍ତରରେ ରହିଥିଲା। ଅତିରିକ୍ତ ସମୟରେ ମହାରାଷ୍ଟ୍ର ଉନ୍ନତ ଖେଳି ଚାମ୍ପିଅନ ହୋଇଥିଲା। ଓଡ଼ିଶା ଦଳର ଅର୍ଚ୍ଚନା ପ୍ରଧାନ ବେଷ୍ଟ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ଓଡ଼ିଶାର ଏହି ସଫଳତା ଲାଗି ଦଳ ଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଯାଇଛି।

ମହିଳା ହକି ଇଣ୍ଡିଆ ଲିଗ୍

## ବେଙ୍ଗଲ ଟାଇଗର୍ସ ବିଜୟୀ



ରାଞ୍ଚି,୪।୧(ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲରେ ଆୟୋଜକ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ଅଗଷ୍ଟିନା ଗୋର୍ଜେଲାନି ଖେଳର ୩୭ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ବେଙ୍ଗଲ ଟାଇଗର୍ସ ଏହି ବିଜୟ ସହ ପୂରା ୩ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ମଧ୍ୟ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରାଞ୍ଚି ରୟାଲ୍ସ କ୍ରମାଗତ ଦ୍ୱିତୀୟ ବିଜୟ ପରେ ଏଠାରେ ପରାଜିତ ହୋଇଛି। ଏପରିକି ଦଳ ଡଜନେ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେବାରେ ସମର୍ଥ ହୋଇନାହାନ୍ତି।

## ପଞ୍ଚମ ଆସେସ୍ ଟେଷ୍ଟ: ଇଂଲଣ୍ଡ ୨୧୧/୩

ସିଡ୍‌ନୀ,୪।୧(ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ୫ମ ତଥା ଶେଷ ଆସେସ ଟେଷ୍ଟର ପ୍ରଥମ ଦିନରେ ବର୍ଷା ଯୋଗୁଁ ମାତ୍ର ୪୫ ଓଭର ଖେଳ ସମ୍ଭବ ହୋଇଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦଳ ଖେଳ ବନ୍ଦ ରହିଲା ବେଳକୁ ୩ ୱିକେଟରେ ୨୧୧ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ବରିଷ୍ଠ ଖେଳାଳି ଜୋ ରୁଟ୍ ୭୨ ଓ ହ୍ୟାରୀ ବ୍ରୁକ୍ ୭୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ୪ର୍ଥ ୱିକେଟ ଯୋଡିରୁ ୧୫୪ ରନ୍ ଉଠାଇ ଦଳକୁ ଏକ ସହଜ ସ୍ଥିତିରେ ପହଞ୍ଚାଇଥିଲେ।

## ପେଞ୍ଚକ ସିଲାଟରେ ୮ ଓଡ଼ିଆ ଖେଳାଳି

ଭୁବନେଶ୍ୱର,୪।୧(ସମିସ): ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ପେଞ୍ଚାକ ସିଲାଟ କ୍ରୀଡ଼ା ପାଇଁ ୮ ଓଡ଼ିଆ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଟିମ୍ କୋଚ୍ ରଞ୍ଜିତ ନାୟକ ଓ ଅଂଶୁପ୍ରିୟା ସିଂଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୮ ଜଣ ପ୍ରତିଭାବାନ ଖେଳାଳି ମନୋନୀତ ହୋଇଥିଲେ। ଏହି ଖେଳାଳିମାନେ ହେଲେ ସୋନୁ ସେମଲିଆ, ରାହୁଲ ସା, ସୋହିଲ ଗୁରୁଙ୍ଗ୍, ଅଂଶୁମାନ ଭୋମିକ, ପିହୁ ଦାସ, ବସୁନ୍ଧରା ତାଣ୍ଡି, ରୁଦ୍ର ପ୍ରତାପ ଷଡଙ୍ଗୀ ଓ ଉମାବତି ପାତ୍ର। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଓ ଆଶୁତୋଷ ନାୟକ ରେଫରୀ ଦାୟିତ୍ୱ ତୁଲାଇବେ।

ଆର୍‌ଏନ୍ ଦାଶ ସ୍ମାରକୀ ସ୍କୁଲ ଚେସ୍

## ଟାଇଟଲ ଜିତିଲେ ଆଦିତ୍ୟ ଶଙ୍କର



ଭୁବନେଶ୍ୱର,୪।୧(ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ୯ମ ରବିନାରାୟଣ (ଆର୍‌ଏନ୍) ଦାଶ ସ୍ମାରକୀ ସ୍କୁଲ ଚେସ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମଦର୍ସ ପବ୍ଲିକ୍ ସ୍କୁଲ-୧'ର ଆଦିତ୍ୟଶଙ୍କର ବେହେରା ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକ ଡିଏଭି ମେଡିକାଲ ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ୪.୫ ପଏଣ୍ଟ ପାଇ ରନର୍ସ ଅପ୍, ମଦର୍ସ-୧ର ସବ୍ୟସାଚୀ ପୃଷ୍ଟି ତୃତୀୟ, ସାଇ ଇଣ୍ଟରନ୍ୟାସନାଲର ଶିଭେଶ ଅଭତାର ଚତୁର୍ଥ ଓ କେଭି ନଂ-୧ର ଆୟୁଷ୍ମାନ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଡ. ସୁବ୍ରତ ଦାଶ, ଡ. ଶୁଭ୍ରା ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ ଓ ଶ୍ରୀମତୀ ରତ୍ନା ଦାଶ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ମୁକ୍ତେଶ୍ୱର କପ୍ କ୍ରିକେଟ

## ରାମେଶ୍ୱରକୁ ହରାଇ ମୁକ୍ତେଶ୍ୱର ଚାମ୍ପିଅନ

ଭୁବନେଶ୍ୱର,୪।୧(ଏଜେନ୍ସି)



ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମୁକ୍ତେଶ୍ୱର କ୍ଲବ ୯ ୱିକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଲୋ-ସ୍କୋରିଂ ଫାଇନାଲ ମୁକାବିଲାରେ ଟସ୍ ହାରି ରାମେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୫.୨ ଓଭରରେ ୩୪ ରନରେ ଅଲଆଉଟ ହୋଇଥିଲା। ଜବାବରେ ମୁକ୍ତେଶ୍ୱର ୧୨.୪ ଓଭରରେ ଗୋଟିଏ ୱିକେଟ ହରାଇ ୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଗତବର୍ଷ ମୁକ୍ତେଶ୍ୱର ରନର୍ସଅପ ହୋଇଥିଲା।

ମୁକ୍ତେଶ୍ୱର ତରଫରୁ ଡି ଶୋଭନ ୧୧ ଓ ଭବତୋଷ ବାରିକ ୧୬ ରନକରି ଅପରାଜିତ ରହିଥିବା ବେଳେ ଭୁବନେଶ ସାମଲ ୭ ରନକରି ହରିବଂଶ ଭୂୟାଁଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ତରଫରୁ ଓପନର ଲିଓନେଲ ମେହେର ୧୨ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ମୁକ୍ତେଶ୍ୱରର ହିମିନିଶ ସାହୁ ୪ ଓ ଦିବ୍ୟଜ୍ୟୋତି ଶାହୁ ୫ ୱିକେଟ ଅକ୍ତିଆର କରିଥିଲେ। ହିମିନିଶ ମ୍ୟାନ ଅଫ୍ ଦି ଫାଇନାଲ, ଭୁବନେଶ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ଦିବ୍ୟଜ୍ୟୋତି ସାହୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବିଜେପି ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ମୁକ୍ତେଶ୍ୱର କ୍ଲବ ଅଧ୍ୟକ୍ଷ ତଥା ବିଧାୟକ ବାବୁ ସିଂ, କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୋହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS